

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୬ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 26 AUGUST 2023

Vol.No. 35 ■ No. 225 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଉ ୨ ଦିନ ବର୍ଷା

ଭୁବନେଶ୍ୱର, ୨୫/୦୮ (ନି.ପ୍ର): ମୌସୁମୀ ନିମ୍ନଚାପ ରେଖାର ପଶ୍ଚିମ ଭାଗ ହିମାଳୟର ପାଦଦେଶରେ ଅବସ୍ଥାନ କରୁଥିବା ବେଳେ ପୂର୍ବ ଭାଗ ଆଜି ଉତରପ୍ରଦେଶର ଗୋରଖପୁରରୁ ବାହାରି ପାଟନା, ବାଙ୍କୁରା ମଧ୍ୟ ଦେଇ ପଶ୍ଚିମବଙ୍ଗର ଦିଘାରୁ ଦକ୍ଷିଣପୂର୍ବ ଦିଗରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଯାଏଁ ଲମ୍ବିଛି। ଏହାର ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, କେନ୍ଦୁଝର, ଅନୁଗୁଳ, କୋରାପୁଟ, ରାୟଗଡା ଓ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ପ୍ରଧାନମନ୍ତ୍ରୀଙ୍କୁ 'ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଅର୍ଡର ଅଫ୍ ଅନର'ରେ ସମ୍ମାନିତ କଲେ ଗ୍ରୀସ୍ ରାଷ୍ଟ୍ରପତି



ଏଥେନ୍ସ, ୨୫/୦୮ : ଗ୍ରୀସ୍ ରାଷ୍ଟ୍ରପତି କାଟେରିନା ସାକେଲା ରୋପୋଉଲୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଅର୍ଡର ଅଫ୍ ଅନରରେ ସମ୍ମାନିତ କରିଛନ୍ତି। ଏହି ଅର୍ଡର ଅଫ୍ ଅନର ୧୯୭୫ ମସିହାରେ ସ୍ଥାପିତ ହୋଇଥିଲା ଏବଂ ଏହାର ଫଳକରେ ତାରାର ସମ୍ମୁଖ ପାର୍ଶ୍ୱରେ ଦେବୀ ଏଥେନାଙ୍କ ମୁଣ୍ଡକୁ "କେବଳ ସତ୍ପୁରୁଷ ମାନଙ୍କୁ ସମ୍ମାନ ଦିଆଯିବା ଉଚିତ" ଲେଖା ସହିତ ଚିତ୍ରିତ କରାଯାଇଛି । ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଅର୍ଡର ଅଫ୍ ଅନର ଗ୍ରୀସର ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରନ୍ତି, ଯେଉଁମାନେ ସେମାନଙ୍କର ଉଲ୍ଲେଖନୀୟ ପଦବୀ କାରଣରୁ ଗ୍ରୀସର ମର୍ଯ୍ୟାଦା ବୃଦ୍ଧି କରିବାରେ ଅବଦାନ ଦେଇଥାନ୍ତି । ଅନରର ପ୍ରଶଂସାପତ୍ରରେ କୁହାଯାଇଛି- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭାରତୀୟ ବନ୍ଧୁମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ଗସ୍ତ ଅବସରରେ ଗ୍ରୀକ୍ ଭାରତର ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନିତ କରିଛି, କାରଣ ସେ ନିଜ ଦେଶର ବିଶ୍ୱସ୍ତରୀୟ ଗନ୍ତବ୍ୟକୁ ନିରନ୍ତର ପ୍ରୋତ୍ସାହନ ଦେଇଛନ୍ତି ଏବଂ ଭାରତର ଅର୍ଥନୈତିକ ପ୍ରଗତି ଏବଂ ସମୃଦ୍ଧି ପାଇଁ ଶୃଙ୍ଖଳିତ ଭାବରେ କାର୍ଯ୍ୟ କରୁଛନ୍ତି। ଏଥିସହ ଦେଶରେ ସାହସିକ ସଂସ୍କାର ଆଣିଛନ୍ତି । ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନକୁ ଅନ୍ତର୍ଜାତୀୟସ୍ତରରେ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛନ୍ତି । ପାରସ୍ପରିକ ସ୍ୱାର୍ଥ କ୍ଷେତ୍ରରେ ଗ୍ରୀକ୍-ଭାରତ ବନ୍ଧୁତାକୁ ରଣନୀତିକ ପ୍ରୋତ୍ସାହନ ଦେବାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିର୍ଣ୍ଣାୟକ ଅବଦାନକୁ ମଧ୍ୟ ସ୍ୱୀକୃତି ମିଳିଛି । ପ୍ରଧାନମନ୍ତ୍ରୀ ଗ୍ରୀସର ରାଷ୍ଟ୍ରପତି କାଟେରିନା ସାକେଲା ରୋପୋଉଲୁ, ଗ୍ରୀସ ସରକାର ଏବଂ ଲୋକମାନଙ୍କୁ ଧନ୍ୟବାଦ ଜଣାଇ ଏକ୍ସରେ ଏହାକୁ ପୋଷ୍ଟ କରିଛନ୍ତି।

## ଲାଞ୍ଚ ନେଇ ଧରାପଡିଲେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ




ବଲାଙ୍ଗୀର , ୨୫/୦୮ (ନି.ପ୍ର): ମହଙ୍ଗା ପଡିଲା ଲାଞ୍ଚନେବା । ପୂର୍ବରୁ ନେଉଥିଲେ ଏବେ ଧରାପଡିଲେ । ବଲାଙ୍ଗୀର ସଇଁନ୍ତଳା ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଘଟିଛି ଏଭଳି ଘଟଣା । କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଅଜୟ ଖୁଣ୍ଟିଆ ଲାଞ୍ଚ ନେବା ବେଳେ ଧରିଛି ଭିଜିଲାନ୍ସ। କୀଦେବ ଦନ୍ତା ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ପେନସନ ଓ ବିଏ ଏରିଅର କରାଇଦେବା ନାଁରେ ମାଗିଥିଲେ ୧୮ ହଜାର ଟଙ୍କା । ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ସହଦେବ । ପୂର୍ବରୁ ଜାଲ ବିଛାଇ ଥିଲା ଭିଜିଲାନ୍ସ । ଶୁକ୍ରବାର ଟଙ୍କା ନେବା ସମୟରେ ତାଙ୍କୁ ଧରିଥିଲା ଭିଜିଲାନ୍ସ । ଏନେଇ ଅଜୟଙ୍କ ଠାରୁ ଲାଞ୍ଚ ନେଇଥିବା ଟଙ୍କା ଜବତ କରିବା ସହ ତାଙ୍କ ଘର ଓ କାର୍ଯ୍ୟାଳୟରେ ସର୍ଚ୍ଚ କରିଛି ଭିଜିଲାନ୍ସ । ଲାଞ୍ଚୁଆ ଅଧିକାରୀଙ୍କୁ ଧରିଛି ବଲାଙ୍ଗୀର ଭିଜିଲାନ୍ସ ଟିମ୍ ।

## ରାୟଗଡ଼ା ଡିଏଫ୍ଓ ଗିରଫ



ରାୟଗଡ଼ା, ୨୫/୦୮ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ରାୟଗଡ଼ା ଡିଏଫ୍ଓ (ଟେରିଟୋରିଆଲ ଡିଭିଜନ) ବିଜୟ କୁମାର ପରିଡ଼ାଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେ ତାଙ୍କ ଆୟଠାରୁ ୨୦୬% ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ କହିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତକାଲି ଡିଏଫଓ ବିଜୟ କୁମାର ପରିଡ଼ାଙ୍କ ରାୟଗଡ଼ା ସ୍ଥିତ ସରକାରୀ ବାସଭବନ ସମେତ ଭୁବନେଶ୍ୱର, କଟକ, ପୁରୀ ଓ ଯାଜପୁରରେ ମୋଟ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବିଜୟ କୁମାର ପରିଡ଼ାଙ୍କର କଟକରେ ଏକ ଚାରି ମହଲା ଘର ନିର୍ମାଣାଧୀନ ରହିଛି। ଏହାର ମୂଲ୍ୟ ପ୍ରାୟ ୧ କୋଟି ୮୦ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି। ଭୁବନେଶ୍ୱରର ପଳାଶୁଣିରେ ତାଙ୍କର ଏକ ତିନି ମହଲା କୋଠା ରହିଛି।

▶▶ପୃଷ୍ଠା ୭

## ପାଣ୍ଡିଆନ ପ୍ରୋଜେକ୍ଟ ନାଁରେ ରାଜ୍ୟରେ ଚାଲିଛି ଜମି ହଡ଼ପ: ସାଂସଦ ଅପରାଜିତା



ଭୁବନେଶ୍ୱର, ୨୫/୦୮ (ନି.ପ୍ର): 'ପାଣ୍ଡିଆନ ପ୍ରୋଜେକ୍ଟ ନାଁରେ ରାଜ୍ୟରେ ଚାଲିଛି ଜମି ହଡ଼ପ। ରାଜ୍ୟର ସବୁ ଅଞ୍ଚଳରେ ଯେଉଁ ଜମି ଦୁର୍ନୀତି ହେଉଛି, ଏହା ପଛରେ ପ୍ରଭାବଶାଳୀ ଲୋକମାନଙ୍କର ହାତ ରହିଛି। ଯେଉଁ ମାନଙ୍କର ଲିଙ୍କ୍ ତୃତୀୟ ମହଲାର ଜଣେ ଅଧିକାରୀଙ୍କ ସହ ରହିଛି।' ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏପରି ସାଂଘାତିକ ଅଭିଯୋଗ ଆଣିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସେ କହିଛନ୍ତି, ରାଜ୍ୟରେ ପାଣ୍ଡିଆନ ପ୍ରୋଜେକ୍ଟ ନାଁରେ ଜମି ହଡପ ଚାଲିଛି । ଜଣେ ସରକାରୀ ଅଧିକାରୀ ଯିଏ ଶାସନ ବ୍ୟବସ୍ଥା ହାଇଜାକ୍ କରିଛନ୍ତି, ଏ ହେଉଛି ତାଙ୍କର ଆଉ ଏକ ରୂପ। ଭୁବନେଶ୍ୱରରୁ ୧୫ କିମି ଦୂରରେ ଏହି ଜମି ହଡ଼ପ ପ୍ରୋଜେକ୍ଟ ଚାଲିଛି। ଭୁବନେଶ୍ୱର ଉପକଣ୍ଠ ଭଗବତୀପୁର ଓ ଗିରିଙ୍ଗାଘାଟ ମୌଜାରେ ୧୫୦ ଏକର ଜମି ଜବରଦଖଲ ହୋଇଛି। ତାରା ବାଡ଼ ଦେଇ କି ଏହାକୁ ଘେରାବନ୍ଦୀ କରାଯାଇଛି।

▶▶ପୃଷ୍ଠା ୭

## ଇନ୍ସପେକ୍ଟର ପୁଷ୍ପଲତା ରାଉତରାୟ ନିଲମ୍ବିତ

ବୌଦ୍ଧ, ୨୫/୦୮ (ନି.ପ୍ର): ଗତ ଜୁଲାଇ ମାସରେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନାର ପୂର୍ବତନ ଆଇଆଇସି ପୁଷ୍ପଲତା ରାଉତରାୟଙ୍କୁ ଆଜି ନିଲମ୍ବନ କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ (ଡିଜିପି)। ଏହି ନିଲମ୍ବନ ଆଦେଶ ଜୁଲାଇ ୨୨ ତାରିଖରୁ ପିଛିଲା ଭାବେ କାର୍ଯ୍ୟକାରୀ ହେବ। ଜୁଲାଇ ୨୨ ତାରିଖରେ ଗିରଫ ହୋଇଥିଲେ ପୁଷ୍ପଲତା ରାଉତରାୟ। ଏକ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ପୁଷ୍ପଲତା ରାଉତରାୟ। ଜବତ ହୋଇଥିବା ଏକ ବାଲି ବୋଝେଇ ଗାଡ଼ିକୁ ଛାଡ଼ି ଦେବାକୁ ସେ ଲାଞ୍ଚ ନେଉଥିଲେ। ତେବେ ଅଭିଯୋଗକାରୀ ଏନେଇ ପୂର୍ବରୁ ଭିଜିଲାନ୍ସକୁ ଜଣାଇଥିଲେ। ଭିଜିଲାନ୍ସ ତା'ର ଯୋଜନା ପ୍ରକାରେ ପୁଷ୍ପଲତା ରାଉତରାୟଙ୍କୁ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ସମୟରେ ଧରିଥିଲା। ଅଭିଯୋଗକାରୀ ଗତ ଜୁଲାଇ ୨୧ ତାରିଖରେ ପୁଷ୍ପଲତା ରାଉତରାୟଙ୍କୁ ୮୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ପୁଷ୍ପଲତା ଟଙ୍କା ନେବାକୁ ମନା କରି ଦେଇଥିଲେ। ସେ ପୂରା ଲକ୍ଷେ ଟଙ୍କା ନେବେ ବୋଲି କହିଥିଲେ।

▶▶ପୃଷ୍ଠା ୭

## ପ୍ରଦୀପ ପାଣିଗ୍ରାହୀଙ୍କ ବାଟ ଓଗାଳିଲେ ବିଜେଡି କର୍ମୀ: ଲାଞ୍ଜିପଲ୍ଲୀ ପାଲଟିଲା ରଣକ୍ଷେତ୍ର



ଗଞ୍ଜାମ, ୨୫/୦୮ (ନି.ପ୍ର): ୫ଟି ସଚିବ ଭି.କେ ପାଣ୍ଡିଆନଙ୍କ ଗଞ୍ଜାମ ଗସ୍ତ ବେଳେ ଦେଖିବାକୁ ମିଳିଛି ହାଇଡ୍ରାମା। ତାଙ୍କ ଗସ୍ତକୁ ବିରୋଧ କରି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବି ଆଜି ଗଞ୍ଜାମ ଯାଇଥିବା ବେଳେ ତୀବ୍ର ବିରୋଧର ସମ୍ମୁଖୀନ ହୋଇଛନ୍ତି। ବ୍ରହ୍ମପୁର ପୂର୍ବରୁ ଲାଞ୍ଜିପଲ୍ଲୀରେ ପ୍ରଦୀପ ପାଣିଗ୍ରାହୀଙ୍କ ବାଟ ଓଗାଳିଛନ୍ତି ଶତାଧିକ ବିଜେଡି କର୍ମୀ। କୌଣସି ପରିସ୍ଥିତିରେ ବି ପ୍ରଦୀପ ପାଣିଗ୍ରାହୀଙ୍କୁ ବ୍ରହ୍ମପୁରରେ ପଶିବାକୁ ଦିଆଯିବନି ବୋଲି ସେମାନେ କହିଛନ୍ତି। ଆଉ ସେଥିପାଇଁ କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟି ଥିଲା ସେହି ସ୍ଥାନ। ମୁହାଁମୁହିଁ ହୋଇଥିଲେ ବିଜେଡି କର୍ମୀ ଓ ପ୍ରଦୀପଙ୍କ ସମର୍ଥକ। ଲାଞ୍ଜିପଲ୍ଲୀରେ ବିଜେଡି କର୍ମୀମାନେ ପ୍ରଦୀପ ପାଣିଗ୍ରାହୀଙ୍କୁ ଅଟକାଇ ଥିଲେ। କିଛି ବିଜେଡି କର୍ମୀ ପ୍ରଦୀପଙ୍କ ଗାଡ଼ି ଉପରେ ଚଢ଼ି ଯାଇଥିଲେ। ଏହି ସମୟରେ ପ୍ରଦୀପଙ୍କ ସମର୍ଥକମାନେ ସେମାନଙ୍କୁ

▶▶ପୃଷ୍ଠା ୭

## ଅକ୍ଟୋବରରେ ଓଡ଼ିଶା ଆସିବେ ରାହୁଲ ଓ ପ୍ରିୟଙ୍କା

ନୂଆଦିଲ୍ଲୀ, ୨୫/୦୮ : ଅକ୍ଟୋବରରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ । ଅକ୍ଟୋବରର ଶେଷ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ । ସେହିଭଳି ଅକ୍ଟୋବରରେ ପ୍ରିୟଙ୍କା ଗାନ୍ଧୀଙ୍କର ମଧ୍ୟ ଓଡ଼ିଶା ଗସ୍ତ ରହିଛି । ଏନେଇ ସୂଚନା ଦେଇଛନ୍ତି କଂଗ୍ରେସ ବିଧାୟକ ଅଧୀରାଜ ପାଣିଗ୍ରାହୀ । ଆଗୁଆ ନିର୍ବାଚନ ନେଇ ଓଡ଼ିଶା ରାଜନୀତି ସରଗରମ ଥିବା ବେଳେ ରାହୁଲ ଓ ପ୍ରିୟଙ୍କାଙ୍କ ଓଡ଼ିଶା ଗସ୍ତ ବେଶ ଗୁରୁତ୍ୱ ରଖୁଛି । ପିସିସି ସଭାପତି ପରିବର୍ତ୍ତନ ପରେ ଓଡ଼ିଶା ଆସିନାହାନ୍ତି ରାହୁଲ ଗାନ୍ଧୀ । ତେଣୁ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି କର୍ମୀଙ୍କୁ କଣ ମନ୍ତ୍ର ଦେବେ ତାହା ଉପରେ ସମସ୍ତଙ୍କର ନଜର ରହିଛି । ଗତ କିଛି ଦିନ ହେବ ଓଡ଼ିଶା କଂଗ୍ରେସରେ ରାଜନୈତିକ ଦୃଶ୍ୟପଟ୍ଟ ବଦଳିଛି । ଶରତ ପଟ୍ଟନାୟକ ସଭାପତି ହୋଇଥିବା ବେଳେ ଦଳବିରୋଧୀ ମନ୍ତବ୍ୟ ପାଇଁ ମହମ୍ମଦ ମୋକିମ ଓ ଚିରଞ୍ଜୀବ ବିଶ୍ୱାଳଙ୍କୁ ଦଳରୁ ନିଲମ୍ବିତ କରାଯାଇଛି । ଦିନକୁ ଦିନ ରାଜ୍ୟରେ କଂଗ୍ରେସ ଦୁର୍ବଳ ହେଉଥିବା ବେଳେ ରାହୁଲ ଗାନ୍ଧୀଙ୍କ ଗସ୍ତ କଂଗ୍ରେସ କର୍ମୀଙ୍କ ମନରେ ଜୋଶ ଭରିବ ଏବଂ ଦଳକୁ ସଙ୍ଗଠିତ କରିବାରେ ସହାୟକ ସାଜିବ ବୋଲି କହିଛନ୍ତି ଅଧୀରାଜ ।

## କେରଳର ବାୟନାଡ଼ରେ ସଡ଼କ ଦୁର୍ଘଟଣାରେ ନଅ ମହିଳାଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୫/୦୮ : କେରଳର ବାୟନାଡ଼ର ମନନଥାବାଡ଼ିରେ ଚା' ବଗିଚା ଶ୍ରମିକଙ୍କୁ ନେଉଥିବା ଏକ ଜିପ୍ ଓଲଟିପଡ଼ି ୯ ମହିଳାଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣା ଦୋପହର ୩.୩୦ରେ ମନନଥାବାଡ଼ି ଥଲାପୁଝା କନ୍ନୋଥ ହିଲ୍ ପାଖରେ ହୋଇଥିଲା। ଦୁର୍ଘଟଣାର ଶିକାର ହୋଇଥିବା ସମସ୍ତ ମହିଳା ବାୟନାଡ଼ର ବୋଲି କୁହାଯାଇଛି। ଦୁର୍ଘଟଣାରେ ଡ୍ରାଇଭର ସମେତ ତିନି ଆହତଙ୍କ ଅବସ୍ଥା ବହୁତ ଗୁରୁତର ରହିଛି। ଜିଲ୍ଲା କଲେକ୍ଟର ମୃତକଙ୍କ ସଂଖ୍ୟା ସ୍ପଷ୍ଟ କରିଛନ୍ତି। ଆହତଙ୍କ ମନନଥବାଡ଼ି ମେଡ଼ିକାଲ କଲେଜରେ ଚିକିତ୍ସା ଚାଲିଛି। ଯେଉଁ ଜିପ୍‌ରେ ଶ୍ରମିକ ଯାତ୍ରା କରୁଥିଲେ, ତାହା ଅନିୟନ୍ତ୍ରିତ ହୋଇ ଓଲଟି ଯାଇଥିଲା। ଜିପ୍ ୩୦ ମିଟର ଗଭୀର ଖଡ୍ଡରେ ଯାଇ ପଡ଼ିଥିଲା। ଜିପ୍‌ରେ ୧୨ ଲୋକ ବସିଥିଲେ। ଡ୍ରାଇଭରକୁ ଛାଡ଼ି ସମସ୍ତେ ମହିଳା ଥିଲେ। ଜଙ୍ଗଲ ମନ୍ତ୍ରୀ କହିଛନ୍ତି ଯେ ଆହତଙ୍କ ଚିକିତ୍ସା ଆବଶ୍ୟକତା ଅନୁଯାୟୀ ବିଶେଷଜ୍ଞ ଡାକ୍ତରମାନେ କରୁଛନ୍ତି।

## ଚୀନ ଛଡାଇ ନେଇଛି ଭାରତର ଜମି, ମିଛ କହୁଛନ୍ତି ମୋଦୀ: ରାହୁଲ




ନୂଆଦିଲ୍ଲୀ, ୨୫/୦୮ : ଭାରତ-ଚୀନ ସୀମା ବିବାଦ ଭିତରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି ଥରେ ବିଜେପି ସରକାରଙ୍କୁ ଟାର୍ଗେଟ କରି ନୂଆ ଅଭିଯୋଗ ଆଣିଛନ୍ତି । ରାହୁଲ କହିଛନ୍ତି ଚୀନ ଭାରତ ଅନେକ ସୀମାବର୍ତୀ ଜାଗାକୁ ମାଡିବସିଛି । ମୋଦୀ ସରକାର ଏହି କଥା ସାରା ଦେଶକୁ ଲୁଚାଇ ରଖିଛନ୍ତି । ବିରୋଧୀମାନଙ୍କୁ ମଧ୍ୟ ବିଜେପି ସରକାର ଏହି ବାବଦରେ ସତ ଲୁଚାଇଥିବା ଲଦାଖରେ କହିଛନ୍ତି କଂଗ୍ରେସ ସାଂସଦ । ରାହୁଲ କହିଛନ୍ତି ଚୀନ ଭାରତର ଜମି ଛଡାଇ ନେଇଛି । ପ୍ରଧାନମନ୍ତ୍ରୀ କହୁଛନ୍ତି ଭାରତର ଏକ ଇଂଚ ଜାଗା କେହି ନେଇପାରିବେନି କିନ୍ତୁ ଏହା ସମ୍ପୂର୍ଣ୍ଣ ମିଛ ଅଟେ । ଲାଦଖର ପ୍ରତ୍ୟେକ ବାସିନ୍ଦା ଜାଣନ୍ତି ଚୀନ ଭାରତ ଜମି ଉପରେ କବଜା କରିଛି । ସେପଟେ ରାହୁଲଙ୍କ ବୟାନ ଉପରେ ପ୍ରତିକ୍ରିୟା ରଖିଛି ବିଜେପି । ଦଳ କହିଛି ରାହୁଲଙ୍କ ବୟାନ ଭିତ୍ତିହୀନ ଅଟେ । ଚୀନ ଓ ରାହୁଲଙ୍କ ନିବିଡ ସମ୍ପର୍କ ରହିଛି । ଜବାହାରଲାଲ ନେହେରୁ ଚୀନକୁ ଖୁବ ସାହାର୍ଯ୍ୟ କରିଥିଲେ ଏପରିକି ଚୀନ ସେନାକୁ ଚାଉଳ ଯୋଗାଇଥିଲେ ।

## ଓଡ଼ିଶାରେ ଏବେ ୭୦ ପ୍ରତିଶତ ଡେଙ୍ଗୁ ଭୂତାଣୁ ଡି-୨ ଭାରିଆଣ୍ଟ

ଭୁବନେଶ୍ୱର, ୨୫/୦୮ (ନି.ପ୍ର): ଓଡ଼ିଶାରେ ଏବେ ୭୦ ପ୍ରତିଶତ ଡେଙ୍ଗୁ ଭୂତାଣୁ ଡ-୨ ଭାରିଆଣ୍ଟ। ୨୮ ପ୍ରତିଶତ ଡ-୧ ଭାରିଆଣ୍ଟର। ନିକଟରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଡେଙ୍ଗୁ ରୋଗୀଙ୍କ ନମୂନାର ସିରୋଟାଇପ୍? ପରୀକ୍ଷାରୁ ଏହା ଜାଣିବାକୁ ପାଇଛି ଜଗଜଉ ଭୁବନେଶ୍ୱର। ଏନେଇ ସୂଚନା ଦେଇଛନ୍ତି ଜଗଜଉ ନିର୍ଦ୍ଦେଶିକା ଡାକ୍ଟର ସଂଘମିତ୍ରା ପତି। ଡାକ୍ତର ପତି କହିଛନ୍ତି କହିଛନ୍ତି ଜଗଜଉ ହସ୍ପିଟାଲରେ ଏବେ ଚିକିତ୍ସିତ ଡେଙ୍ଗୁ ରୋଗୀଙ୍କ ସିରୋଟାଇପିଙ୍ଗ୍ କରାଯାଉଛି। ଯେଉଁଥିରୁ କେଉଁ ଭାରିଆଣ୍ଟ ଡେଙ୍ଗୁ ରୋଗୀ ଅଧିକ ଗୁରୁତର ହେଉଛନ୍ତି, ତାହା ଜଣାପଡ଼ିବ ବୋଲି ଜଗଜଉ ନିର୍ଦ୍ଦେଶିକା କହିଛନ୍ତି। ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ଡେଙ୍ଗୁ ଭୂତାଣୁ ୪ଟି ଭାରିଆଣ୍ଟ ରହିଛି। ତେବେ ଆମ ରାଜ୍ୟରେ ଡ-୧ ଓ ଡ-୨ ଅଧିକ ପରିମାଣରେ ଦେଖାଯାଏ। ଏବେ ରିପୋର୍ଟ କହୁଛି, ରାଜ୍ୟରେ ଡ-୨ ଭାରିଆଣ୍ଟ ଅଧିକ ରହିଛି। କିନ୍ତୁ ଏହି ସବ ଭାରିଆଣ୍ଟରେ ରୋଗୀ ଗୁରୁତର ହେବାର କୌଣସି ସମ୍ପର୍କ ଥିବା ପ୍ରମାଣିତ ହୋଇନି।

# ସଡକ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନ୍ ନୁହେଁ ମନ୍ତ୍ର ହେବା ଆବଶ୍ୟକ

ଖୋର୍ଦ୍ଧା, ୨୫/୦୮ (ନି.ପ୍ର): ସଡକ ଆମର ଦୈନ୍ୟଦିନ ଜୀବନର ଏକ ଜରୁରୀ ଆବଶ୍ୟକତା ହୋଇଯାଇଛି। ସଡକ ଉପରେ ଆମେ ସମସ୍ତେ ନିର୍ଭରଶୀଳ, ମାତ୍ର ସେହି ସଡକ ଉପରେ ଘଟୁଥିବା ଦୁର୍ଘଟଣା ଏକ ମହାମାରୀ ରୂପ ନେବାକୁ ବସିଲାଣି, ଯାହାକି ଚିନ୍ତାଜନକ। ଓଡିଶାରେ ଲକ୍ଷ ଲକ୍ଷ ଲୋକ ସଡକ ଉପରେ ଯିବା ଆସିବା ସମୟରେ ସଚେତନତା ଅଭାବରୁ ଦୁର୍ଘଟଣାର ଶିକାର ହେଉଛନ୍ତି । ଯାହା ପାଇଁ ଅନେକ ଧନଜୀବନ ନଷ୍ଟ ହେଉଛି । ବିଶେଷକରି ଯୁବପିଢ଼ି ମାନେ ବେଶୀ କ୍ଷତିର ଶିକାର ହେଉଛନ୍ତି। ଅନେକ ପରିବାର ଭାସି ଯାଉଛି। ସମସ୍ତ ପଥଚାରୀ ସଡକ ସୁରକ୍ଷାର ନିୟମ କାନୁନ୍ ଜାଣିବା ସହିତ ନିରାପଦ ଭାବେ ଯାତ୍ରା କରିବା ଆବଶ୍ୟକ। ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କଲେ ଏଭଳି ଭୟଙ୍କର ବିପଦରୁ ଆମେ ରକ୍ଷା ପାଇପାରିବା। ସଡକ ସୁରକ୍ଷାକୁ ସ୍ଲୋଗାନ ନକରି ଏହାକୁ ଜୀବନର ଏକ ମନ୍ତ୍ର କରିବା ଉଚିତ ବୋଲି ସଡକ ସୁରକ୍ଷା ସଚେତନତା ସାଧାରଣ ସଭାରେ ବକ୍ତାମାନେ ମତ ବ୍ୟକ୍ତ କରିଥିଲେ । ଖୋର୍ଦ୍ଧା ଜିଲ୍ଲାରେ ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଓ ସେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ସଡକ ସୁରକ୍ଷା ସଚେତନତା ସଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିନ୍ଦ୍ର ମିତ୍ର, ସମ୍ମାନୀୟ ଅତିଥିଭାବେ ଆଂଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଖୋର୍ଦ୍ଧା ଥାନା ଅଧିକାରୀ ସ୍ମିଗ୍ଧାମୟୀ ବରାଳ, ସେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ବୈକୁଣ୍ଠ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଅତିଥିମାନେ ଏକ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଏହି ଷ୍ଟଲଟି ସଡକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଶିକ୍ଷଣୀୟ ବିଷୟକୁ ଜନସାଧାରଣ ଜାଣିବା ପାଇଁ ଖୋଲାଯାଇଥିଲା । ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ବିଶ୍ୱାସ ସମ୍ପାଦକ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ। ସଡକ ସୁରକ୍ଷାର ବିଭିନ୍ନ ଦିଗ ଓ ସଡକ ସୁରକ୍ଷା ଆଇନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । ପ୍ରତ୍ୟେକଟି ବ୍ୟକ୍ତି ସଡକରେ ଯିବା ସମୟରେ କେଉଁ କେଉଁ ଦିଗ ପ୍ରତି ସଚେତନ ହେବା ନିହାତି ଆବଶ୍ୟକ ଓ ମୋଟର ଯାନର ବିଭିନ୍ନ ନିୟମ କ'ଣ ରହିଛି ସେ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା । ଶେଷରେ ଖାଉଟି ଜାଗରଣ ପତ୍ରିକାର ସମ୍ପାଦକ ବଟ କୃଷ୍ଣ ମୁଖି ଧନ୍ୟବାଦ ଅର୍ପଣ କରିଥବଲେ। ଏହି ଅବସରରେ ବିଭିନ୍ନ ସ୍କୁଲ ଓ କଲେଜସ୍ତରରେ ଅନୁଷ୍ଠିତ ହୋଇଥିବା ସଡକ ସୁରକ୍ଷା ସଚେତନତା ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗୀତାରେ କୃତିଲାଭ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ବିଶ୍ୱାସ ଅନୁଷ୍ଠାନ ଦୀର୍ଘ ଚାରି ମାସ ବ୍ୟାପୀ ସଡକ ସୁରକ୍ଷାର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିଅଛି। ପ୍ରଥମେ ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜ ମାନଙ୍କରେ ସଡକ ସୁରକ୍ଷା ଜୀବନ ରକ୍ଷା ଆଧାରିତ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗୀତା କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ଠାରେ ଜାତୀୟ ସଡକ ସୁରକ୍ଷା ସଚେତନତା ରଥ ଓ ପଥ ପ୍ରାନ୍ତ ନାଟକ ଶୁଭାରମ୍ଭ ହୋଇ ସମଗ୍ର ଜିଲ୍ଲାରେ ସଚେତନତାର ବାର୍ତ୍ତା ପହଁଚାଇଥିଲା। ଏହାଛଡା ଲିଫଲେଟ୍, ବ୍ୟାନର, ପୋଷ୍ଟର, ଏଲ୍‌ଇଡି ମାଧ୍ୟମରେ ସଡକ ସୁରକ୍ଷା ଟେଲି ଫିଲ୍ମ ପ୍ରଦର୍ଶନ ଓ ବିଭିନ୍ନ କାନ୍ଥରେ ସଡକ ସୁରକ୍ଷା ଚିତ୍ର ଅଙ୍କନ କରାଯାଇ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ, ବିଦ୍ୟାଳୟ ଛାତ୍ର ଛାତ୍ରୀ, ସାଧାରଣ ଜନତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତାମାନେ ସହଯୋଗ କରିଥିଲେ।

# ମୁରିବାହାଲ ରେଞ୍ଜର ବାରବନ୍ଧ ଭିଏସଏସର କୋଠା ଗୁଡିଘାଟ ବିଭାଗରେ ଗୋଟିଏ ଫରେଷ୍ଟର କ୍ୱାର୍ଟର ଉଦ୍‌ଘାଟିତ

ବଲାଙ୍ଗୀର, ୨୫/୦୮ (ନି.ପ୍ର): ମୁରିବାହାଲ ରେଞ୍ଜ ର ମୁରିବାହାଲ ରେଞ୍ଜ ର ବାରବନ୍ଧ ଭିଏସଏସରେ ଏକ ୦୫୯ ବିଲ୍ଡିଂର ଉଦଘାଟନ କରିଥିଲୁ। ମୁରିବାହାଲ ରେଞ୍ଜର ଗୁଡିଘାଟ ବିଭାଗରେ ଗୋଟିଏ ଫରେଷ୍ଟର କ୍ୱାର୍ଟର ମଧ ଉଦ୍ଘାଟିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ମେସିନ୍ ଏବଂ ଲଜିଷ୍ଟିକ୍ ସାମଗ୍ରୀ ଯେପରିକି - ବିରି ଗ୍ରାଇଣ୍ଡିଂ ମେସିନ୍, ସିଲେଇ ମେସିନ୍, କାଗଜ ଏବଂ ପତ୍ର ପ୍ଲେଟ୍ ତିଆରି ମେସିନ୍, ଚେୟାର, ଏବଂ ଭର୍ମି-କମ୍ପୋଷ୍ଟ କିଟ୍ ସେମାନଙ୍କ ଜୀବିକା ବୃଦ୍ଧି ତଥା ଆତ୍ମନିର୍ଭରଶୀଳତା ପାଇଁ ଅନେକ ଭିଏସ୍ଏସ୍ ବଣ୍ଟନ କରାଯାଇଥିଲା। ଏହି ଅବସରରେ ତାଙ୍କର ଅଦମ୍ୟ ସମର୍ଥନ ଏବଂ ଉପସ୍ଥିତି ପାଇଁ ଆମେ ଶ୍ରୀ ଅଶ୍ୱିନୀ କର, ଆଇଏଫଏସ୍, ଆରସିସିଏଫ୍ ଭବାନୀପାଟନାଙ୍କୁ ଆମର ଆନ୍ତରିକ କୃତଜ୍ଞତା ଜଣାଉଛୁ। ଶ୍ରୀମତୀ ନିଲାଦ୍ରି ଭୋଇ, ଏ ସି ଏଫ୍ ଭାରପ୍ରପ୍ତ ମୁରିବାହାଲ ରେଞ୍ଜ ଏବଂ ତାଙ୍କ କର୍ମଚାରୀଙ୍କ ପାଇଁ ଏହି ପଦକ୍ଷେପଗୁଡିକୁ ଏକ ବଡ଼ ସଫଳତା ଦେବାରେ ଆମେ ଗର୍ବିତ ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ନୀତିଶ କୁମାର ପ୍ରକାଶ କରି ଅନୁରୋଧ କରିଛନ୍ତି। ଦୟାକରି ଆମର ଆପ୍ "ମୋ ସବୁଜ ବଲାଙ୍ଗୀର" ସଂସ୍ଥାପନ କରନ୍ତୁ ଏବଂ କୌଣସି ଜଙ୍ଗଲ ଅପରାଧ ସମ୍ବନ୍ଧରେ ଆମକୁ ଗୋପନୀୟ ସୂଚନା ପ୍ରଦାନ କରନ୍ତୁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣଙ୍କର ବ୍ୟକ୍ତିଗତ ବିବରଣୀ ଗୋପନୀୟ ରଖାଯିବ।

# ବିକାଶ ମୂଳକ କାର୍ଯ୍ୟର ଉଦ୍‌ଘାଟନ କଲେ ବିଧାୟକ

ଜୟପୁର ଜୟପୁର ବ୍ଲକରେ ବିକାଶ ମୂଳକ କାର୍ଯ୍ୟର ଉଦଘାଟନ କଲେ ଜୟପୁର ବିଧାୟକ ତାରା ପ୍ରସାଦ ବିହିନିପତି । ଜୟପୁର ବ୍ଲକର ବାଲିଆ, ରଣ୍ଡାପାଲ୍ଲି, ଆମ୍ବାଗୁଡା, କେବିଡି, ରାଣିଗଡ ପଂଚାୟତରେ ବିକାଶ ମୂଳକ କାର୍ଯ୍ୟର ଉଦଘାଟନ କରିଥିଲେ । ଜୟପୁର ବାଲିଆ ପଂଚାୟତର ବଡ ଓଜେଇ ଗ୍ରାମରେ ସାଇବର ସେଂଟର, ଗୋଷ୍ଠି କେନ୍ଦ୍ର, ନଳକୂପ ଖନନ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଆମ୍ବାଗୁଡାରେ କଲ୍ୟାଣ ମଣ୍ଡପ, ବୈରାଗିମଠ ଓ ରଣ୍ଡାପାଲ୍ଲିରେ ହେଲଥ ସେଂଟର, ରାଣିଗଡରେ ମାର୍କେଟ କମ୍ପ୍ଲେକ୍ସ, ପଂଚାୟତ ଅଫିସ, ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ବୋରିପୁଟରେ ଅତିରିକ୍ତ ଶ୍ରେଣିଗୃହ ଆଦି ଉଦଘାଟନ କରିଛନ୍ତି । ଏହି ଉଦଘାଟନି କାର୍ଯ୍ୟକ୍ରମରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସହକାରି ନିର୍ବାହୀ ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ସହକାରି ଯନ୍ତ୍ରୀ ରଞ୍ଜିକା ରାଣି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କୁହୁଡ଼ି ବଜାରରୁ ସନ୍ଦିଗ୍ଧ ବଳା ପିନ୍ଧା ପାରା ଉଦ୍ଧାର

ଖୋର୍ଦ୍ଧା, ୨୫/୦୮ (ନି.ପ୍ର): ଟାଙ୍ଗି ଥାନା ଅନ୍ତର୍ଗତ କୁହୁଡ଼ି ବଜାରରୁ ଗୁରୁବାର ଏକ ସନ୍ଦିଗ୍ଧ ପାରା ଉଦ୍ଧାର ହୋଇଛି । ଗ୍ରାମବାସୀମାନେ ପାରାଟିକୁ ଉଦ୍ଧାର କରିଛନ୍ତି। ତେବେ ତାର ଦୁଇ ଗୋଡ଼ରେ ଦୁଇଟି ବଳା ଲାଗିଛି । ଗୋଟିଏ ବଳାରେ ଭିଏସକେପି ଲେଖାଥିବା ବେଳେ ଅନ୍ୟ ଗୋଡ଼ ଟିରେ କିଛି ନମ୍ବର ଲେଖାଯାଇଛି । ସମସ୍ତ ଅକ୍ଷର ଇଂରାଜୀରେ ଲେଖା ରହିଥିବା ଦେଖିବାକୁ ମିଳିଛି। ତେବେ ଗୋଡ଼ରେ ବଳା ଲାଗିଥିବା ପାରାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରିଛି। ଗ୍ରାମବାସୀମାନେ ଏ ଘଟଣାକୁ ନେଇ ପୋଲିସକୁ ସୂଚନା ଦେଇଥିବା ଜଣାପଡିଛି ।ଖବର ପାଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଘଟଣା ସ୍ଥଳରେ ପହଂଚି ପାରାଟିକୁ ସ୍ଥାନୀୟ ଲୋକଙ୍କ ଠାରୁ ଉଦ୍ଧାର କରିଛି।

# ଭାଙ୍ଗିଲା ଗଛ, ଅଳ୍ପକେ ବର୍ତିଲେ ଛାତ୍ର ଛାତ୍ରୀ

ଜୟପୁର, ୨୫/୦୮ (ନି.ପ୍ର): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଲ ସାହି ପରିସରରେ ଥିବା ଗଛ ଭାଙ୍ଗିଲା । ବିଦ୍ୟାଳୟ ଚାଲୁଥିବା ସମୟରେ ଗଛଟି ଭାଙ୍ଗି ଥିଲା । ସୌଭାଗ୍ୟ ବସତଃ ଗଛଟି କ୍ଲାସ ରୁମ ଉପରେ ନପଡି ରାସ୍ତା ପାର୍ଶ୍ୱରେ ଥିବା ଘର ଉପରେ ପଡିଥିଲା । ରାସ୍ତା ଉପରେ ଠିଆ ହୋଇଥିବା କାର ନଷ୍ଟ ହୋଇଥିଲା । ଗଛ ପଡି ରାସ୍ତା ଅବରୋଧ ହୋଇ ପଡିଥିଲା । କାହାର କିଛି କ୍ଷତି ହୋଇ ନଥିଲା। ପରେ ଜୟପୁର ପୌର ପାଳିକା ଦମକଳ ବିଭାଗ ପହଂଚି ଗଛକୁ ବାହାର କରିଥିଲେ ।

# ସୁବର୍ଣ୍ଣପୁର ସିନିୟର ଫୁଟବଲ ଲିଗ ପାଇଁ ସାମ୍ବାଦିକ ସମ୍ମିଳନୀ

ସୋନପୁର, ୨୫/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସୁବର୍ଣ୍ଣପୁର ସିନିଅର ଫୁଟବଲ ଲିଗ -୨୦୨୩ ଅଗଷ୍ଟ ୨୫ ତାରିଖ ଶୁକ୍ରବାର ଠାରୁ ଆରମ୍ଭ କରାଯିବ। ଜିଲ୍ଲାର ସୋନପୁର, ବିନିକା, ତରଭା, ଉଲୁଣ୍ଡା, ଶ୍ରୀରାମହରାଜପୁର, ଡୁଙ୍ଗୁରିପାଲି ଏବଂ ସୋନପୁର ପୌର ପରିଷଦକୁ ନେଇ ୭ ଗୋଟି ଜୋନ ରେ ଏହା ବିଭକ୍ତ କରାଯାଇଛି। ଜୋନ ସ୍ତରରେ ଏହି ମ୍ୟାଚ ଆସନ୍ତା ୨୫ତାରିଖରୁ ଆରମ୍ଭ ହେବ। ଏଥିରେ ମୋଟ ୮୩ ଟି ଦଳ ଅଂଶ ଗ୍ରହଣ କରିବେ। ଜୋନସ୍ତରରେ ଚମ୍ପିୟନ ଦଳକୁ ନେଇ ସମସ୍ତ ଲିଗ ମ୍ୟାଚ ସେପ୍ଟେମ୍ବର ୬ ତାରିଖରୁ ଅନୁଷ୍ଠିତ ହେବ । ସେପ୍ଟେମ୍ବର ୧୫ ତାରିଖ ପ୍ରଥମ ସେମିଫାଇନାଲ ଏବଂ ୧୬ ତାରିଖ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୋନପୁର ରୟାଲ ପଡିଆରେ ଅନୁଷ୍ଠିତ ହେବ। ଏବଂ ୧୭ ତାରିଖ ଦିନ ସୋନପୁର ରୟାଲ ପଡିଆରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ମଝିପଡ଼ା ରାମଃଧୁନ କ୍ଲବ କାଳୀପୂଜା ମଣ୍ଡପରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଜି କର୍ମକର୍ତାମାନେ ସୂଚନା ଦେଇଛନ୍ତି। ଜିଲ୍ଲା କ୍ରୀଡ଼ା ସଂଘ ଉପ-ସଭାପତି ଚିତରଞ୍ଜନ ତରାସିଆ, ଫୁଟବଲ ସମ୍ପାଦକ ରାଜୀବ ସାହୁ ଉପଦେଷ୍ଟା କଇରୁ ସ୍ୱାଇଁ, ଗୌରୀଶ୍ୟାମ ପଣ୍ଡା, ପୁରୁଷୋତମ ପାଣିଗ୍ରାଗହୀ, ବଳରାମ ପଟ୍ଟନାୟକ, ଗତିକୃଷ୍ଣ ମିଶ୍ର, ଦିଗାମ୍ବର ଶତପଥୀ, ଦିଲ୍ଲୀପ ଗୁରୁ, କୃଷ୍ଣ ଚନ୍ଦ୍ର ବାଘ, କମଳାକାନ୍ତ ସାହୁ ପ୍ରମୁଖ ସାମ୍ବାଦିକ ସମିଳନୀରେ ଉପସ୍ଥିତ ଥିଲେ। ଏହାର ସୁଦୂର ପ୍ରଚାର ପ୍ରସାର କରି ଖେଳାଳିଙ୍କ ଉତ୍ସାହ ବଢ଼ାଇବାକୁ ସାମ୍ବାଦିକଙ୍କ ସହଯୋଗ କାମନା କରିବା ସହ ଜ଼ିଲ୍ଲା ପ୍ରଶାସନ ର ସହଯୋଗକୁ ମଧ ଏହି ଉପଦେଷ୍ଟା ମଣ୍ଡଳୀ ସାଧୁବାଦ ଜଣାଇଥିଲେ। ଗ୍ରାମାଂଚଳର ଲୁକ୍କାୟିତ କ୍ରୀଡା ପ୍ରତିଭା ଙ୍କୁ ରାଜ୍ୟ ଓ ଜାତୀୟ ସ୍ତର ଲିଗକୁ ପହଂଚାଇବା ଓ ଫୁଟବଲକୁ ଜନାଦୃତ କରିବା ଲକ୍ଷ୍ୟ ନେଇ ଦୀର୍ଘ ୨୮ ବର୍ଷ ପରେ ଜ଼ିଲ୍ଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଏଭଳି ଏକ ପ୍ରୟାସ ଓ ଟୁର୍ନାମେଂଟକୁ ସହର ତଥା ଜ଼ିଲ୍ଲା ର ବୁଦ୍ଧିଜୀବୀ କ୍ରୀଡ଼ାପ୍ରେମୀ ପ୍ରଶଂସା କରିଛନ୍ତି।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଆତ୍ମନିଯୁକ୍ତି ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୫/୦୮ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର, କେନ୍ଦ୍ରାପଡ଼ା ତରଫରୁ 'ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ' ଉପରେ ଏକ ଆତ୍ମ ନିଯୁକ୍ତି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରମିଳାରାଣୀ ବେହେରା ଉଦ୍‌ଘାଟନ କରି ଆତ୍ମ ନିଯୁକ୍ତିର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ପ୍ରଶାସନିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ ଛାତ୍ରୀମାନଙ୍କ ଆତ୍ମ ନିଯୁକ୍ତିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଭୂମିକା ସଂପର୍କରେ ମତ ବ୍ୟକ୍ତ କରିଥିଲେ। ଶୈକ୍ଷିକ ଅଧିକାରୀ ଶ୍ରୀମତି ଜ୍ୟୋସ୍ନାମୟୀ ପତି ଛାତ୍ରୀମାନେ କିଭଳି ସ୍ୱାବଲମ୍ବୀ ହେବେ ସେ ସଂପର୍କରେ ମତ ପ୍ରଦାନ କରିଥିଲେ। ସଭାରେ ଯୋଗଦେଇଥିବା ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶ୍ରୀଯୁକ୍ତ ଗଣେଷ ଚନ୍ଦ୍ର ବେହେରା ଆତ୍ମନିଯୁକ୍ତି ପାଇଁ ସରକାରଙ୍କଠାରୁ ମିଳୁଥିବା ବିଭିନ୍ନ ସୁବିଧା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ନରେନ୍ଦ୍ରନାଥ ମହାରଣା ଏବଂ ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ଶ୍ରୀଯୁକ୍ତ କୁଳମଣି ବେହେରା ଆତ୍ମନିଯୁକ୍ତିର ବିଭିନ୍ନ ମାର୍ଗ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜନଶିକ୍ଷଣ ସଂସ୍ଥାନ ଦାୟିତ୍ୱରେ ଥିବା ଆଶିଷ ଚନ୍ଦ୍ର ସାହୁ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ ମାଗଣା ବୃତିଗତ ଓ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। କ୍ୟାରିୟର କାଉନସେଲିଂ ସେଲ୍‌ର ମୁଖ୍ୟ ଡ. ଆଶୁତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ଅଧ୍ୟାପକ ଡ. ଶକ୍ତିଶେଖର ଦାଶ ସଂଯୋଜନା କରିଥିଲେ। ଇତିହାସ ଅଧ୍ୟାପିକା ଶ୍ରୀମତି ଭାରତୀ ଜେନା ସହଯୋଗ କରିଥିଲେ। ଏହି ସଭାରେ ସ୍ନାତକ ଶ୍ରେଣୀ ତୃତୀୟ ବର୍ଷର ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

# ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୨୫/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦଳିତ ସମାଜ ତରଫରୁ ଚଳିତ ବର୍ଷ ପାଳିତ ହେବାକୁ ଥିବା ନୂଆଁଖାଇ ଭେଟଘାଟ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଗେଟସରୋବର ପଡାସ୍ଥିତ ବି.ଆର.ଆମ୍ବେଦକର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । କୁନା ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ନୂଆଁଖାଇ ଭେଟଘାଟ ବହୁ ଆଡମ୍ବର ସହକାରେ ପାଳନ କରିବା ପାଇଁ ଉପସ୍ଥିତ ସଭ୍ୟମାନେ ମତ ପ୍ରକାଶ କରିଥିଲେ । ଭାଇଚାର ପ୍ରତିଷ୍ଠା କରିବା ସହିତ ସମାଜକୁ ସୁସଂଗଠିତ କରିବା ପାଇଁ ମଧ ମତ ପ୍ରକାଶ ପାଇଥିଲା । ବୈଠକରେ ନୂଆଁଖାଇ ଭେଟଘାଟ ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା । କମିଟିର ସଭାପତି ଭାବେ ସର୍ବସମ୍ମତ କ୍ରମେ ଆଇନଜୀବୀ ତଥା ସମାଜସେବୀ ଅର୍ଜୁନ ମୁଗ୍ରୀଙ୍କୁ ମନୋନୀତ କରାଯାଇଥିବା ବେଳେ ସଂଯୋଜକ ଭାବରେ କାଉନସିଲର କିଶୋର କୁମ୍ଭାର, ଉପ ସଭାପତି ଭାବେ ଦ୍ରୋଣ କୁମ୍ଭାର, ସମ୍ପାଦକ ଭାବେ ସୂର୍ଯ୍ୟମଣୀ ସୁନା ଓ କୋଷାଧକ୍ଷ ଭାବେ ଜ୍ୟୋତିଷ ମୁଗ୍ରୀଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ଭୂବନ ନାଗ, ବାସୁଦେବ ମୁଗ୍ରୀ, ବିଜୟ ଚନ୍ଦ୍ର ବାରିକ, ଦିନେଶ ନାଗ, ରଘୁନାଥ ମୁଗ୍ରୀ, ମନୋରଂଜନ କୁମ୍ଭାର, ପରୀକ୍ଷିତ କୁମ୍ଭାର, ସୁଶୀଲ ହରିପାଳ, କାର୍ତିକେଶ୍ୱର ନାଗ ଓ ବୈଷ୍ଣବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ତରଣୀସେନ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଳ୍ପ ବର୍ଷାରେ ଆଣ୍ଠୁଏ ପାଣି

ପୁରୀ, ୨୫/୦୮ (ନି.ପ୍ର): ପୁରୀ ଉନ୍ନତି ହେଉଛି। ବିଶ୍ୱସ୍ତରୀୟ ସହର ହେବ। ଭାଟିକାନ୍ ସିଟି ପରି ଉଜ୍ୱଳ ଆଲୋକ ଜଳିବ। ରାସ୍ତାଘାଟ ସବୁ ଚକାଚକ ହେବ । ଶ୍ରୀସେତୁ ଦେଇ ଭକ୍ତ ଜଗନ୍ନାଥ ବଲ୍ଲଭକୁ ଆସିବେ । ଶାମୁକା ପ୍ରକଳ୍ପ ଓ ବିମାନ ବନ୍ଦର ହେବ। ଏସବୁ ସତ୍ତ୍ୱେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଳ୍ପ ବର୍ଷାରେ ଆଣ୍ଠୁଏ ପାଣି ଲହଡ଼ି ମାରିବା ଦେଖି ପର୍ଯ୍ୟଟକ ,ତୀର୍ଥଯାତ୍ରୀ ଓ ସହରବାସୀ ହତବାକ୍ ହୋଇ ପଡ଼ିଛନ୍ତି । କି ଉନ୍ନତି ହେଉଛି ପୁରୀର ବୋଲି ପ୍ରଶ୍ନ କରିଛନ୍ତି । କେବଳ କଲମ କ୍ୟାମେରାରେ ପ୍ରଚାରପାଇଁ ଗୋଲାପୀ ସ୍ୱପ୍ନ ଓ ପରୀ ଗପ ଶୁଣାଉଛନ୍ତି ବୋଲି ଆଲୋଚନା ହେଉଛି । ଆଜି ଅପରାହ୍ନ ସାଢେ ୩ଟାରେ ଝିପି ଝିପି ବର୍ଷା ହେବା ଫଳରେ ବିଦ୍ୟୁତ୍ ସବ୍‌ଷ୍ଟେସନ ନିକଟରୁ ଓକିଲ ସଂଘ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଣି ଜମି ରହୁଛି । ଡ୍ରେନରେ ପାଣି ଯାଉନାହିଁ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହତା ଭିତରେ ଥିବା ଚଟଣୀ ହୋଟେଲ ଠାରୁ ପ୍ରଥମ ଓ ଦ୍ୱିତୀୟ ଗେଟ ପର୍ଯ୍ୟନ୍ତ ପାଣି ଜମିରହୁଛି । ବର୍ଷା ଜଳ ସଂରକ୍ଷଣ ପାଇଁ କରାଯାଇଥିବା ଦୁଇଟି ଟାଙ୍କିର ମୁହଁ ପାଖ ନାଳ ବାଟରେ ଅଳିଆ ଆବର୍ଜନା ଜମୁ ଥିବାରୁ ପାଣି ଟାଙ୍କି ଭିତରକୁ ଯାଉନାହିଁ । ଅଳିଆ ଆଡ଼େଇବା ପାଇଁ କାହାରି ଦୃଷ୍ଟି ପଡୁ ନାହିଁ । ଅନ୍ୟପକ୍ଷରେ ପୁରୁଣା କୋଠା ତଳ ବାରଣ୍ଡାରେ ବସୁଥିବା ଷ୍ଟାପ ଭେଣ୍ଡର ଓ ମୋହରୀର ମାନେ ବର୍ଷା ହେଲେ ବାରଣ୍ଡା ଓଦା ହେବାସହ ସମସ୍ତେ ଠିଆ ହୋଇ ରହୁଥିବା ଦେଖିବାକୁ ମିଳୁଛି । ବାରଣ୍ଡାରେ ଟାଇଲି ପଡ଼ିବା ପରେ ବର୍ଷା ଛିଟିକା ଯୋଗୁ ଅନେକ ଓକିଲ,ମହକିଲ, ଭେଣ୍ଡର ଓ ମୋହରୀରମାନେ ଗୋଡ଼ ଖସିଯାଉଥିବା ଦେଖିବାକୁ ମିଳିଛି । କୋଠାର ବାରଣ୍ଡା କାନ୍ଥରେ ବାୟୁ ଚଳାଚଳ ପାଇଁ ଅନେକ ସ୍କାଇଲାଇଟ ଓ ଝରକା ଖୋଲା ଥିବାରୁ ବର୍ଷା ପାଣି ଛିଟିକା ସିଧା ସଳଖ ବାରଣ୍ଡାରେ ପଡୁଛି । ଜିପି ଅଫିସ, ଏନଅାଇସି ଅଫିସ,ଅତିରିକ୍ତ ଜିଲ୍ଲାପାଳ ଓ ସେଟ୍ରାଂଲ ଲକ କାର୍ଯ୍ୟାଳୟକୁ ଲୋକମାନେ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରଣ୍ଡା କାନ୍ଥ ବାହାରେ କହୁଣିଆ ଲୁହା ଆଙ୍ଗେଲ ଦେଇ ୩ ଫୁଟ ଓସାରର ଟାଟା ସିଟ୍ ଛପର କରିବା ପାଇଁ ଯୁବ ଆଇନଜୀବୀମାନେ ଜଣାଇଛନ୍ତି । ନଚେତ ଝରକାରେ ଫାଇବର ରେଲିଂ ଓ ସ୍କାଇଲାଇଟ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଜଳସମ୍ପଦ ଉପଖଣ୍ଡ ଯନ୍ତ୍ରୀଙ୍କୁ ଠିକାଦାର ସମ୍ପର୍କୀୟଙ୍କ ହତ୍ୟା ଧମକ

ନିମାପଡ଼ା, ୨୫/୦୮ (ନି.ପ୍ର): ବଳଙ୍ଗା ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟର ଜଣେ ଯନ୍ତ୍ରୀଙ୍କୁ ଜୈନକ ଠୀକାଦାରଙ୍କ ସମ୍ପର୍କୀୟ ଅଶ୍ଳୀଳ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ପୁଲିସ ଘଟଣାର ତଦନ୍ତ ଜାରିରଖିଛି । ସୂଚନା ମୁତାବକ ବଳଙ୍ଗା ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟରେ କାର୍ଯ୍ୟରତ ଭାର୍ଗବୀ ନଦୀବନ୍ଧ ଯନ୍ତ୍ରୀ ପ୍ରକାଶ କୁମାର ମହାନ୍ତି ଗୁରୁବାର ଅପରାହ୍ନରେ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଭାର୍ଗବୀ ନଦୀବନ୍ଧର ହରିପୁର ଠାରେ ନଦୀପଠାରେ ପଥର ପ୍ୟାକିଂ କାର୍ଯ୍ୟ ମଣୀକାନ୍ତ ସାହୁଙ୍କ ନାମରେ କାର୍ଯ୍ୟାଦେଶ ଥାଇ ଉକ୍ତ କାର୍ଯ୍ୟକୁ ତାଙ୍କ ସମ୍ପର୍କିୟ ବସନ୍ତ କୁମାର ସାହୁ କରୁଥିଲେ । ତେବେ ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେବା ସହ କାର୍ଯ୍ୟ ଶେଷ ହେବାରେ ଅହେତୁକ ବିଳମ୍ବ ପାଇଁ ସ୍ଥାନିୟ ଅଂଚଳ ବାସୀ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟର ତଦାରଖ ଦାୟିତ୍ୱ ପ୍ରଥମରୁ ଯନ୍ତ୍ରୀ ପ୍ରକାଶ ମହାନ୍ତିଙ୍କ ଉପରେ ରହିଥିଲା ବେଳେ ପରବର୍ତୀ ସମୟରେ ଶ୍ରୀ ମହାନ୍ତିଙ୍କ ଉପରୁ ତଦାରଖ ଦାୟିତ୍ୱ ହଟାଇ ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧିକାରୀ ସଂଗ୍ରାମ ମହାନ୍ତିଙ୍କୁ ଦିଆଯାଇଥିଲା । ଏହି କାର୍ଯ୍ୟର ବିଲ ଅଟକି ରହିଥିବାରୁ ଗୁରୁବାର ଦିନ ବସନ୍ତ ଫୋନ ଯୋଗେ ପ୍ରକାଶ ମହାନ୍ତିଙ୍କୁ ଅଶ୍ଳୀଳ ଭାଷାରେ ଗାଳିକରି ବିଲ କଣପାଇଁ ଅଟକ ରଖିଛ କହି ମର୍ଡର କରିଦେବା ପାଇଁ ଧମକ ଦେଇଥିବା ନେଇ ଶ୍ରୀ ମହାନ୍ତି ତାଙ୍କ ଅଭିଯୋଗର ଦର୍ଶାଇଛନ୍ତି ।

# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୨ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୫/୦୮ (ନି.ପ୍ର): ବିଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟର କୃଷିରେ ଉଲ୍ଲେଖନୀୟ ବିକାଶ ଘଟିଛି । ଖାଦ୍ୟଶସ୍ୟରେ ଏକ ନିଅଂଟିଆ ରାଜ୍ୟରୁ ଓଡ଼ିଶା ଆଜି ବଳକା ରାଜ୍ୟରେ ପରିଣତ ହୋଇଛି । ଚାଷୀଭାଇ ଓ ଭଉଣୀମାନଙ୍କ ଅକ୍ଳାନ୍ତ ପରିଶ୍ରମ, ରାଜ୍ୟ ସରକାରଙ୍କ ଦ୍ୱାରା କୃଷି କ୍ଷେତ୍ରରେ କ୍ରମାଗତ ଅଧିକ ପୁଞ୍ଜି ବିନିଯୋଗ ଓ ଯୁଗୋପଯୋଗୀ ଯୋଜନା ପ୍ରଣୟନ ଏବଂ କୃଷି ବୈଜ୍ଞାନିକମାନଙ୍କ ଦ୍ୱାରା ଉଦ୍ଭାବିତ ନୂତନ ଜ୍ଞାନକୌଶଳ କୃଷି କ୍ଷେତ୍ରରେ ସଫଳ ପ୍ରୟୋଗ ଦ୍ୱାରା ରାଜ୍ୟ କୃଷି କ୍ଷେତ୍ରରେ ଆଜି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୨ତମ ପ୍ରତିଷ୍ଠା ଦିବସରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି କୌଣସି ବିଶ୍ୱବିଦ୍ୟାଳୟର ଅସଲ ପରିଚୟ ହେଉଛି ଏହାର ଗବେଷଣା । ରାଜ୍ୟ କୃଷି କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ନୂତନ ଆହ୍ୱାନର ସଫଳ ମୁକାବିଲା କରିବା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ଓଡ଼ିଶାର କୃଷି-ଜୈବ ବିବିଧତାକୁ ନେଇ ଉନ୍ନତ ଫସଲ କିସମ, ଫସଲ ପରିଚାଳନା, ବୈଜ୍ଞାନିକ ପଦ୍ଧତିରେ ଚାଷ କାର୍ଯ୍ୟ, ଫସଲର ବିବିଧିକରଣ ଏବଂ ଅଣ-ଋତୁର ପନିପରିବା ଚାଷକୁ ଚାଷୀମାନଙ୍କ ମଧ୍ୟରେ ବହୁଳ ଭାବରେ ଆଦୃତ କରାଇବା ଦିଗରେ କୃଷି ବୈଜ୍ଞାନିକମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଧାନ ବ୍ୟତୀତ ଡାଲିଜାତୀୟ ଫସଲ, ତୈଳବୀଜ, ଅର୍ଥକରୀ ଫସଲ, ଉଚ୍ଚ ମୂଲ୍ୟଯୁକ୍ତ ପନିପରିବା ଓ ଫଳ ଇତ୍ୟାଦି ଅଧିକ ପରିମାଣରେ ଚାଷ କରିବାର ସମୟ ଆସିଛି । ସେହିପରି ସାଂପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ମରୁଡ଼ି ସହନଶୀଳ ଫସଲ କିସମ ବିକାଶ, ଅନ୍ତଃଫସଲ ଚାଷ, ବର୍ଷାଜଳ ସଂରକ୍ଷଣ, ସମନ୍ୱିତ କୃଷି ଓ ମାଛଚାଷ, ପ୍ରାଣୀ ପାଳନ ଆଦି ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ବିଶ୍ୱବିଦ୍ୟାଳୟରୁ ଉତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ଚାକିରି ସର୍ବସ୍ୱ ନହୋଇ ନୂତନ ଷ୍ଟାର୍ଟଅପ୍ ଆଦି ବିକଶିତ କରିବା ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ପ୍ରୋତ୍ସାହନକୁ ଉପଯୋଗ କରି କୃଷି ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଏହାଦ୍ୱାରା ସେମାନେ ନିଜ ପାଇଁ ତଥା ଅନ୍ୟମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବେ । ଏଥିସହିତ କୃଷି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଷ୍ଟିରେ ରଖି ମହିଳା-ଉପଯୋଗୀ କୃଷି ଯନ୍ତ୍ରପାତି ଓ ଉପକରଣ ପ୍ରସ୍ତୁତ କରିବାର ଆବଶ୍ୟକତା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗରୁତ୍ୱାରୋପ କରିଛନ୍ତି । ଉତ୍ସବରେ ସଭାପତିତ୍ୱ କରି କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ ବିଶ୍ୱବିଦ୍ୟାଳୟ ବିଭିନ୍ନ ସମୟରେ ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ଫସଲ ପ୍ରଜାତି, ପ୍ରାଣୀ ଓ ପକ୍ଷୀର ପ୍ରଜାତି ବିକଶିତ କରି ଉତ୍ପାଦନ ବୃଦ୍ଧି ସହିତ କୃଷକ ଓ ମହିଳାମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିଛି । ବିଶ୍ୱବିଦ୍ୟାଳୟର ଅନେକ ଛାତ୍ର, ଶିକ୍ଷକ ଓ ଗବେଷକ ବିଦେଶରେ ଶିକ୍ଷାଲାଭ କରୁଛନ୍ତି । ଏହାଦ୍ୱାରା ଜ୍ଞାନର ଆଦାନ ପ୍ରଦାନ ସହିତ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ଘଟିଛି ବୋଲି ଶ୍ରୀ ରାଉଳ କହିଥିଲେ ।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ୟାନକୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା କହିଲେ କୃଷି କ୍ଷେତ୍ରରେ ପାରମ୍ପରିକ ଜ୍ଞାନକୌଶଳର ରୂପାନ୍ତରଣ ସହ ଅଧିକରୁ ଅଧିକ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗର ଆବଶ୍ୟକତା ରହିଛି । ଓଡ଼ିଶା ଭାରତବର୍ଷର ପ୍ରଥମ ରାଜ୍ୟ ଭାବରେ ମାଣ୍ଡିଆର ଚାରିଗୋଟି ପାରମ୍ପରିକ ଭୂ-ପ୍ରଜାତିକୁ ବିହନ ପ୍ରଣାଳୀରେ ସାମିଲ କରିଛି ବୋଲି ଶ୍ରୀ ଲେଙ୍କା କହିଥିଲେ।

ଉତ୍ସବରେ ସଂପ୍ରସାରଣ ଶିକ୍ଷାର ଡିନ୍ ଡ. ପ୍ରସନଜିତ୍ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଶ୍ୱ ବିଦ୍ୟାଳୟର କୁଳସଚିବ ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃଷି ମହାବିଦ୍ୟାଳୟର ୫୦ ହଜାର ବର୍ଗଫୁଟ ବିଶିଷ୍ଟ ତୃତୀୟ ମହଲାର ଶୁଭ ଉଦ୍‌ଘାଟନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷ ଓ ସଂଗଠନ ଏବଂ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ନୂତନ ୱେବ୍‌ସାଇଟ୍, ଓୟୁଏଟି ସଂଗୀତ, କୃଷକଙ୍କ ପାଇଁ ଆପ୍, ଓୟୁଏଟି ଭିଡିଓ, ଭିଜିଅନ୍ ପୁସ୍ତକ, ଚାଷୀ ସଂସାର ପୁସ୍ତିକା ଆଦିର ଶୁଭ ଉନ୍ମୋଚନ କରାଯାଇଥିଲା । ପ୍ରତିଷ୍ଠା ଦିବସ ଅବସରରେ ଓମ୍ଫାଡ଼୍‌ସି ଦ୍ୱାରା ପ୍ରଦତ୍ତ ଆର୍ଥିକ ଅନୁଦାନରେ ଓମ୍ଫାଡ଼୍‌ସି ଜିଲ୍ଲାର ଗ୍ରାମୀଣ ଯୁବକଯୁବତୀଙ୍କ ପାଇଁ ଏକ ସ୍ୱତନ୍ତ୍ର ବର୍ଷକିଆ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।

# ୨୦ ହଜାର କନିଷ୍ଠ ଶିକ୍ଷକଙ୍କ ଠିକା ନିଯୁକ୍ତି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ଭୁବନେଶ୍ୱର, ୨୫/୦୮ (ନି.ପ୍ର): ଏକ ବର୍ଷ ପାଇଁ ୨୦ ହଜାର କନିଷ୍ଠ ଶିକ୍ଷକଙ୍କ ଠିକା ନିଯୁକ୍ତି ବ୍ୟବସ୍ଥାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ । ନିର୍ବାଚନକୁ ଆଖି ଆଗରେ ରଖି ସରକାରଙ୍କ ଏଭଳି ଘୋଷଣା ବୋଲି କଂଗ୍ରେସ ଅଭିଯୋଗ କରିଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳର ମୁଖପାତ୍ର ପ୍ରଶାନ୍ତ ଶତପଥୀ, ରଜନୀ ମହାନ୍ତି ଓ କୃଷ୍ଣଚନ୍ଦ୍ର ପତି ଏହା କହିଛନ୍ତି ।

ସେମାନେ କହିଛନ୍ତି, କମ୍ପ୍ୟୁଟର ଆଧାରିତ ଟେଷ୍ଟ ହେଲେ ବ୍ୟାପକ ଦୁର୍ନୀତି ହେବ । ଏହି ୨୦ ହଜାର ସମେତ ରାଜ୍ୟରେ ଖାଲି ଥିବା ୯୨ ହାଜର ଶିକ୍ଷକ ପଦବୀରେ ସ୍ଥାୟୀ ନିଯୁକ୍ତି କରାଯାଉ ବୋଲି ଦାବି କରିଛି କଂଗ୍ରେସ। ସେମାନେ କହିଛନ୍ତି ଯେ କେନ୍ଦ୍ରର ଅଗ୍ନିବୀର ଭଳି ରାଜ୍ୟ ସରକାର ବିଦ୍ୟାବୀର ନିଯୁକ୍ତି କରିବାକୁ ନିଷ୍ପତି ନେଇଛନ୍ତି ସରକାର । ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ସରକାର ଘୋଷଣା କରିଥିଲେ ଯେ ଠିକା ନିଯୁକ୍ତି ଉଚ୍ଛେଦ ହେଲା କିନ୍ତୁ ପୁଣି କାହିଁକି ଠିକା ନିଯୁକ୍ତି ଦେବେ ବୋଲି କହୁଛନ୍ତି । ରାଜ୍ୟର ଶିକ୍ଷା ବ୍ୟବସ୍ଥା ଧୂଳିସାତ ହେଲାଣି । ସ୍କୁଲରେ ଡ୍ରପ ଆଉଟ୍ ବଢୁଛି । ଖାଲି ଘର କାନ୍ଥରେ ୫ଟି ନାଁରେ ରଙ୍ଗ ବୋଲିଲେ ଶିକ୍ଷାର ବିକାଶ ହେବ ନାହିଁ । ତେଣୁ ତୁରନ୍ତ ରାଜ୍ୟ ସରକାର ୯୨ ହାଜର ଖାଲି ଥିବା ଶିକ୍ଷକ ପଦବୀକୁ ସ୍ଥାୟୀ ନିଯୁକ୍ତି ଦେଇ ପୂରଣ କରନ୍ତୁ ବୋଲି ଦାବି କରିଛି କଂଗ୍ରେସ । ଯଦି ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ ତାହେଲେ କାହିଁକି ଯୁବକ ଯୁବତୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ନଦେଇ ଠିକା ନିଯୁକ୍ତି ଦିଆଯାଉଛି । ଚୁକ୍ତି ଭିତ୍ତିକ ଶିକ୍ଷକ ମାନଙ୍କୁ ନିର୍ଯାତନା ଦେଉଛନ୍ତି ରାଜ୍ୟ ସରକାର । ଦୀର୍ଘ ବର୍ଷ ଧରି ଶିକ୍ଷକ ପଦବୀ ଖାଲି ପଡିବା ଦ୍ୱାରା ଓଡ଼ିଶାର ଆଗାମୀ ପିଢ଼ିଙ୍କ ଭବିଷ୍ୟତ ବିପଦରେ ପଡ଼ିଛି । ୫ଟି ସଚିବଙ୍କ ହେଲିକପ୍ଟର ଗସ୍ତରେ ଶହ ଶହ କୋଟି ଖର୍ଚ୍ଚ ହେଉଛି ହେଲେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାରଙ୍କ ପାଖରେ ଅର୍ଥ ନାହିଁ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି ।

# ଅବସାଦ ଦୂରକରେ କଦଳୀ- ସପୁରି



ସୂର୍ଯ୍ୟମୁଖୀ ଫୁଲର ମଞ୍ଜି, କଦଳୀ ସପୁରି, ଟୋଫୁ, ପାଳଙ୍ଗ, କୁକୁଡା ମାଂସ, କଇଁନାଡ ବା ଶତାବରୀ ଏବଂ ଛେନା ଅବସାଦ ଦୂରକାରୀ । ଏହିସବୁ ଖାଦ୍ୟ-ପଦାର୍ଥରେ ଟ୍ରିପ୍ଟୋଫାନ୍ ନାମକ ଅମେନୋ ଅମ୍ଳ ବହୁ ପରିମାଣରେ ଥାଏ ଯାହା ଶରୀର ଭିତରେ ସେରୋଟୋନିନ୍‌କୁ ମଣିଷ ମନରୁ ଅବସାଦ ଦୂର କରିବାରେ କିଛି ପରିମାଣରେ ସହାୟକ ହୋଇଥାଏ । ଟ୍ରିପ୍ଟୋଫାନ୍ ଜାତୀୟ ଆମିନୋ ଅମ୍ଳ ଶରୀରରେ ପ୍ରାକୃତିକ ଭାବେ ତିଆରି ହୋଇପାରେନାହିଁ । କେବଳ ଖାଦ୍ୟ ମାଧ୍ୟମରେ ଏହା ମିଳୁଥିବାରୁ ସେହି ଜାତୀୟ ଖାଦ୍ୟ ଗ୍ରହଣ ନ କଲେ ଏହାର ଅଭାବ ପରିଦୃଷ୍ଟ ହୋଇଥାଏ । ଏହାର ପରିମାର ସ୍ୱରୂପ ଶରୀରରେ ସେରୋଟୋନିନ୍ ସ୍ତର ଦ୍ରୁତ ହ୍ରାସ ପାଏ ଏବଂ ମାନସିକ ଦୁର୍ଶ୍ଚିନ୍ତା, ଅବସାଦ, ଉତ୍କଣ୍ଠା ଏପରିକି ଯାବତୀୟ ପ୍ରକାରର ପେଟଗୋଳମାଳ ସୃଷ୍ଟିର କାରଣ ବନିଥାଏ । ଏଭଳି ପରିସ୍ଥିତି ଉପୁଜିଲେ ଆମେ ପ୍ରୋଜାକ୍ ଭଳି ଆଂଟି-ଡିପ୍ରେସାଂଟ୍ ଖାଇଥାଉ ଯାହାକି ଶରୀର ପ୍ରତି କ୍ଷତିକାରକ । ତେବେ ଆମେ ଆମର ଖାଦ୍ୟଭ୍ୟାସକୁ ପରିବର୍ତ୍ତନ କରିପାରିଲେ ଔଷଧର ଆବଶ୍ୟକତା ପଡ଼ିବାନାହିଁ ଯେଉଁମାନେ କ୍ରମାଗତ ଭାବେ ଅବସାଦର ଶିକାର ହେଉଛନ୍ତି ସେମାନେ ନିୟମିତ ଭାବେ ଉପର ବର୍ଣ୍ଣିତ ଖାଦ୍ୟ ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି ବ୍ରିଟେନ୍‌ର ଜନୈକା ଚିକିତ୍ସା ବିଶାରଦ କ୍ୟାରୋଲିନ୍ ଲଙ୍ଗମୋର୍ ।



# ଅନ୍ଧତ୍ୱ ଦୂର କରିବ ମାଛ



ମାଛ ମଣିଷର ଅନ୍ଧତ୍ୱ ଦୂର କରିବାରେ ସହାୟକ ହେବ। ଏହା ଶୁଣି ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ବୈଜ୍ଞାନିକମାନେ ଏହିପରି ମତ ଦେଇଛନ୍ତି। ନିକଟରେ ଜେବ୍ରା ନାମକ ମାଛକୁ ନେଇ ଏକ ପରୀକ୍ଷଣ କରାଯାଇଥିଲା । ଏହି ମାଛର ମସ୍ତିଷ୍କରେ ଥିବା ଏକ ରସାୟନର ଅନ୍ୱେଷଣ କରାଯାଇଛି, ଯାହା ମାଛର ଆଖିରେ ରେଟିନା କିପରି ବିକଶିତ ହୋଇଥାଏ ତାହା ଜାଣିବାରେ ସହାୟକ ହେବ। ଏହାଦ୍ୱାରା ମଣିଷର ଅନ୍ଧତ୍ୱ ଦୂର ହେବାର ସମ୍ଭାବନା ରହିଥିବା ବୈଜ୍ଞାନିକମାନେ ମତ ଦେଇଛନ୍ତି। ନିଷ୍କର୍ଷରୁ ଜଣାପଡ଼ିଛି ଯେ, ଜୀବଟିଏ (ଗାମା ଏମିନୋବ୍ୟୁଟ୍ରିକ ଏସିଡ୍) ଏକ ନ୍ୟୁରୋ-ଟ୍ରାନ୍ସମିଟର ଅଟେ, ଯାହାର ଉପଯୋଗ ତାନ୍ତ୍ରିକା ଗତିବିଧିକୁ ଏକ କରିଥାଏ। ରସାୟନ (ଜିଏବିଏ)କୁ ରୋକି ବୟସଗତ ଅବକ୍ଷୟର ନୂତନ ଉପଚାର କରାଯାଇ ପାରିବ। ମାଛ ଏବଂ ସ୍ତନ୍ୟପାୟୀଙ୍କ ରେଟିନାରେ ସଂରଚନା ମୂଳ ରୂପରେ ସମାନ ହୋଇଥାଏ। ଏହି ପ୍ରକାର ଜିଏବିଏରେ ଅଭାବ ଦ୍ୱାରା ରେଟିନା ପୁନଃ ତିଆରି କରିବା ସମ୍ଭବ ହୋଇପାରିବ। ଆମେରିକା ସହରରେ ଟେନେସି ୱେଡରବିଲ୍ଟ ବିଶ୍ୱ ବିଦ୍ୟାଳୟରେ ପ୍ରଫେସର ଜେମ୍ସ ପ୍ୟାଟନ କହନ୍ତି ଜିଏ ବି ଏ ମାତ୍ରାରେ ଅଭାବ ଦ୍ୱାରା ରେଟିନା ପୁନଃ ତିଆରି ହୋଇଥାଏ। ଜିଏବିଏ ଅବରୋଧକର ଚିକିତ୍ସା ଦ୍ୱାରା ମାନବ ରେଟିନାରେ ସୁଧାର ଆସିବାର ସମ୍ଭାବନା ରହିଛି।

# ନୂଆ ଡିଜାଇନର ବହି ଥାକ



ଆଜିକାଲିର ଗୃହିଣୀମାନେ ଘରକାମ ସାରି ଫୁରସତ ପାଇଲେ କିଛି ସମୟ ପାଇଁ ପତ୍ରପତ୍ରିକା ତଥା ଉପନ୍ୟାସ ଉପରେ ନଜର ବୁଲାଇ ଆଣନ୍ତି। ତେବେ ବହି ସଉକିନ ଯୁବତୀ ତଥା ମହିଳାମାନେ ସେସବୁକୁ ରଖିବା ନିମନ୍ତେ ସୁନ୍ଦର ତଥା ଡିଜାଇନର ବହି ଥାକ ପ୍ରତି ଦୃଷ୍ଟି ଦେବା ଉଚିତ। ଏହି ବହି ଥାକ ଦୋକାନରେ ଓ ଅନ ଲାଇନ ସାଇଟରେ ମଧ୍ୟ ଉପଲବ୍ଧ ହେଉଛି। ଏସବୁଥିରେ ବହି ରଖିହେବା ସହ ତାହା ଘରର ଆଭ୍ୟନ୍ତରୀଣକୁ ଭିନ୍ନ ଲୁକ ଦେଇଥାଏ। ଏହି ବହି ଥାକ ୧୫୦୦ ଟଙ୍କାରୁ ୬ ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଛି।

# ରୁପିରୁ ରକ୍ଷା ପାଇବାର ଉପାୟ

**ଯୁବତୀ ତଥା ମହିଳା ଘନ କଳା କେଶ ଝଡ଼ିବାର ଅନ୍ୟତମ ପ୍ରମୁଖ ସମସ୍ୟା ହେଉଛି ରୂପି ହେବା। ଏଥିପାଇଁ ଚିନ୍ତିତ ନହୋଇ ବରଂ କେତେକ ଘରୋଇ ଉପଚାରରେ ରକ୍ଷା ପାଇହେବ।**



- ମୁଲାତାନି ମାଟି କେଶ ପାଇଁ ଏକ ଉତ୍ତମ ପ୍ୟାକ। ୨ ଚାମଚ ମୁଲତାନି ମାଟି ଓ ୧ ଚାମଚ କ୍ଷୀରର ମିଶ୍ରଣକୁ କେଶ ମୂଳରେ ଲଗାଇ ୩୦ ମିନିଟ୍ ପରେ କେଶ ଧୋଇଲେ ଲାଭ ମିଳେ। ମାସକୁ ୨ଥର ଏପରି କଲେ କେଶରେ ରୂପି ହୋଇ ନଥାଏ।
- ଦହିରେ ବେସନ ୨ ଚାମଚ ମିଶାଇ କେଶରେ ଲଗାଇ ୧ଘଂଟା ପରେ କେଶ ଧୋଇଲେ ରୁପିରୁ ରକ୍ଷା ମିଳେ।
- ନଡ଼ିଆ ତେଲରେ ଲେମ୍ବୁ ରସ ମିଶାଇ କେଶ ମୂଳରେ ସପ୍ତାହକୁ ୨ଥର ଲଗାଇବା ଉପକାରୀ।
- ଦହି ଓ ଗୋଲମିରିଚ ଗୁଣ୍ଡ ମିଶ୍ରଣକୁ କେଶରେ ନିୟମିତ ଲଗାଇ ଶାମ୍ପୁ କଲେ ମଧ୍ୟ ରୂପି ହୋଇ ନଥାଏ।

# ଗ୍ୟାସର ଉପଚାର

- ଗ୍ୟାସ ସମସ୍ୟା ପାଇଁ ହଳଦୀ ପତ୍ର ସବୁଠାରୁ ଭଲ ଘରୋଇ ଉପଚାର ଅଟେ। ଛୋଟ ଛୋଟ କଟା ଯାଇଥିବା ହଳଦୀପତ୍ରକୁ ଏକ କପ କ୍ଷୀରରେ ମିଶାଇ ପ୍ରତିଦିନ ପିଇଲେ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ।
- କିଛି ପିଜୁଳିପତ୍ର ନେଇ ତାକୁ ପାଣିରେ ସିଝାନ୍ତୁ। ତାହା ସିଝିଯିବା ପରେ ପତ୍ରକୁ ଛାଣି ବ୍ୟବହାର କରିଦେଇ ପାଣି ପିଅନ୍ତୁ। ଏହା ଗ୍ୟାସ ସମସ୍ୟାରୁ ମୁକ୍ତି ଦେବାର ଏକ ସରଳ ଉପାୟ।
- ଗ୍ୟାସ ସମସ୍ୟା ପାଇଁ ଅଦା ଏକ ସଫଳ ଚିକିତ୍ସା ଉପାଦାନ। ଏହା ବଦହଜମି ଚିକିତ୍ସା ପାଇଁ ସର୍ବୋତ୍ତମ।

ପାକସ୍ଥଳୀରେ ଗ୍ୟାସ ନହେବା ସକାଶେ ନିୟମିତ ଭାବେ ଖାଇବା ପରେ ତାଜା ଅଦାଖଣ୍ଡେ ଚୋବାଇ ଖାଆନ୍ତୁ। କିମ୍ବା କିଛି ଅଦା ଗୁଣ୍ଡକୁ ପାଣିରେ ମିଶାଇ ପିଇପାରିବେ।
- ଗୁଣ୍ଡ ଅଦା ପାଣିରେ ଫୁଟାଇ ଅଦା ଚା ମଧ୍ୟ ପ୍ରସ୍ତୁତ କରାଯାଇପାରିବ। ଉକ୍ତ ଅଦା ଚା' ଦିନକୁ ୨ରୁ ୩ଥର ପିଇଲେ ଗ୍ୟାସ ସମସ୍ୟା ଦୂର ହୋଇପାରିବ। ତାହା ସହିତ ଅନ୍ୟ କିଛି ତେଲ ସହିତ ଦୁଇ ତିନିଟୋପା ଅଦାତେଲ ମିଶାଇ ତାହାକୁ ବାହାରପଟେ ପାକସ୍ଥଳୀରେ ମାଲିସ କରାଯାଇପାରିବ।
- ଖାଇବା ସୋଡ଼ା ଗ୍ୟାସରୁ ତୁରନ୍ତ ଆରାମ ଦେଇଥାଏ। ଏକ ଗ୍ଲାସ ପାଣିରେ ଚାମଚରୁ ଚାରିଭାଗରୁ ଏକ ଭାଗ ଖାଇବା ସୋଡ଼ା ମିଶାଇ ପିଇଲେ ଗ୍ୟାସ ଦୂରହେବ। ଚିମୁଟାଏ ଖାଇବା ସୋଡ଼ାକୁ ଏକ ଗ୍ଲାସରେ ଲେମ୍ବୁରସ ସହିତ ମିଶାଇ ସେଥିରେ ପାଣି ମିଶାନ୍ତୁ। ଏହା ମଧ୍ୟ ଆଣ୍ଟାସିଡ଼ ଭଳି କାମ କରିବ।
- ଅପଲ ସାଇଡ଼ର ଭିନେଗାରୁ ୨ ଚାମଚ ଏକ ଗ୍ଲାସ ଉଷୁମ ପାଣିରେ ମିଶାଇ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ଏହା ପିଇଲେ ଗ୍ୟାସ ସମସ୍ୟା ଦୂରହେବ।
- କିଛି ଡାଲଚିନିକୁ ପାଣିରେ ସିଝାଇ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ତାହା ପିଇଲେ ଗ୍ୟାସ ସମସ୍ୟା ଦୂର ହୋଇପାରିବ।

# ଷ୍ଟାଇଲରେ ଛତା



ଯୁବତୀ ତଥା ମହିଳାମାନେ କେବଳ ବେଶପୋଷାକ ବାବଦରେ ନୁହେଁ, ବରଂ ବ୍ୟାଗ, ଛତା ଓ କାନଫୁଲ କିଣିବାବେଳେ ମଧ୍ୟ ସଚେତନ। ଏଥରକ ବର୍ଷାଦିନେ ନିମନ୍ତେ ବଜାରକୁ ବିଭିନ୍ନ ଡିଜାଇନର ଛତା ଆସିଛି। ବିଭିନ୍ନ ବର୍ଗର ମହିଳା ତଥା ଯୁବତୀଙ୍କ ପାଇଁ ବିଶେଷ ଷ୍ଟାଇଲରେ ଛତା ଉପଲବ୍ଧ। ସ୍କୋୟାର ଓଭାଲ, ପ୍ରିପେଡ଼ ତଥା କ୍ଲାସି ନାମରେ ଛତା ଅନ-ଲାଇନ ଓ ବଜାରରେ ବିକ୍ରି ହେଉଛି କର୍ମଜୀବୀମାନେ ସ୍କୋୟାର ଛତାକୁ ଅଧିକ ପସନ୍ଦ କରୁଥିବାର ଦେଖାଯାଉଛି। ଏସବୁ ୪୦୦ରୁ ୧୫୦୦ ଟଙ୍କାରେ ମଧ୍ୟରେ ବିକ୍ରି ହେଉଥିବାବେଳେ ପାସବୁକ



ସାଇଜ ଛତା ମଧ୍ୟ ଏବେ ଲୋକପ୍ରିୟରେ। କାରଣ ଏହା ଆକାରରେ ଛୋଟ ହୋଇଥିବା ସହ ବ୍ୟାଗରେ ବେଶ୍ ସହଜରେ ନେଇହୁଏ।

# ବିଛା ନେଲ୍ ଆର୍ଟ



ଆପଣ ଅନେକ ଡିଜାଇନର ନେଲ ଆର୍ଟ ଦେଖିଥିବେ ଏବଂ ସେ ସବୁକୁ ନଖରେ ଟ୍ରାଏ ମଧ୍ୟ କରିଥିବେ। ହେଲେ ଏଠାରେ ଯେଉଁ ନେଲ୍ ଆର୍ଟ କଥା କୁହାଯାଉଛି, ତାହା ଟିକେ ଭିନ୍ନ ଓ ରୋମାଂଚକର। କାରଣ ଏହି ନେଲ୍ ଆର୍ଟରେ ସତସତିକା ବିଛାକୁ ନଖ ଉପରେ ରଖାଯାଇଥାଏ। ଏଥିପାଇଁ ନେଲରେ ଜୀବିତ ନୁହେଁ ବରଂ ମୃତ ବିଛାକୁ ବ୍ୟବହାର କରାଯାଇଥାଏ। ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ନଖ ଉପରେ ବିଛା ଲଗାଇବାର ଫ୍ୟାଶନ ଏକ କ୍ରେଜ୍ ପାଲଟିଗଲାଣି । ନଖରେ ବ୍ୟବହାର କରାଯାଉଥିବା କଙ୍କଡ଼ା ବିଛାର ଆକାର ଖୁବ ଛୋଟ ହୋଇଥିଲେ ମଧ୍ୟ ଏହା ବିଷାକ୍ତ ଯେ, ମାତ୍ର ୧୫ ମିନିଟ୍‌ରେ ଏହାର ବିଷ ଜଣେ ବ୍ୟକ୍ତିକୁ ମୃତ୍ୟୁ ମୁଖକୁ ନେଇପାରେ। ଏପରିକି ଏହି ବିଛା ମରିବାର ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ମଧ୍ୟ ଏହା ଶରୀର ବିଷାକ୍ତ ଥାଏ। ଏଣୁ ମରିବା ପରେ ବି ଏହାକୁ ସ୍ୱର୍ଶ କରିବା ବିପଦଜନକ। ଏହାସତ୍ତ୍ୱେ ମେକ୍ସିକୋର ଝିଅମାନଙ୍କ ମଧ୍ୟରେ ଏହି ନେଇ ଆର୍ଟ ଟ୍ରେଣ୍ଡର ନେଇ ଏକ ପ୍ରକାର ପାଗଳାମି ଦେଖିବାକୁ ମିଳେ।

# ବର୍ଷାଦିନେ ଫିଟ୍ ରହିବାକୁ ଚାହୁଁଥିଲେ.... ଆପଣାନ୍ତୁ ଏହି ଟିପ୍ସ

ବର୍ଷାଦିନେ ଘରର ଗୃହିଣୀମାନେ ନିଜେ ଫିଟ୍ ରହିବା ସହିତ ଘରର ଅନ୍ୟ ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ତେବେ କେତୋଟି ଜରୁରୀ ଦିଗ ପ୍ରତି ଧ୍ୟାନ ଦେଲେ ଏହିଦିନେ ବେଶ୍ ସୁସ୍ଥ ରହିବେ।

ବାହାରୁ ଆସିବା ପରେ ଆଂଟିସେପଟିକ ହ୍ୟାଣ୍ଡ ୱାଶରେ ହାତ ଧୋଇବାପରେ ଯେ କୌଣସି କାମ କରିବା ଉଚିତ। ରୋଷେଇ ଘରକୁ ଆବଶ୍ୟକତା ଠାରୁ ଅଧିକ ପରିଷ୍କାର ରଖିବା ସହ ସମସ୍ତ ପରିବାର ରାନ୍ଧିବା ପୂର୍ବରୁ ଭଲ ଭାବେ ହାତ ଧୋଇବା ଜରୁରୀ।
- ଛଣାଛଣି ଖାଦ୍ୟ ନିୟମିତ ଭାବେ ଖାଇବା ଦ୍ୱାରା ଏହିଦିନେ ପଟେ ଖରାପ ହେବାର ଆଶଙ୍କା ରହିଛି। ପ୍ରଚୁର ପରିମାଣରେ ପାଣି ପିଇବା ସହ ଉଷୁମ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ।
- ବର୍ଷାଦିନେ ଭଲଭାବରେ ନିଦ ହେବା ସମସ୍ତ ବର୍ଗର ବ୍ୟକ୍ତିଙ୍କ ପାଇଁ ଏକରକମ ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ।

# କେଶବତୀ କନ୍ୟା



କେଶକୁ ଘନ ଓ ଲମ୍ବା କରିବା ପାଇଁ ମହିଳାମାନେ କେତେ ସାମଗ୍ରୀ ବ୍ୟବହାର କରିଥାନ୍ତି। କାଳ୍ପନିକ କାହାଣୀରେ ରାଜକନ୍ୟା ରାପୁଞ୍ଜାଲଙ୍କ କେଶ ତାଙ୍କ ଉଚ୍ଚତାରୁ ୩ ଗୁଣ ଅଧିକ ଥିଲା ଏକଥାତ ନିଶ୍ଚୟ ଶୁଣିଥିବେ। ତେବେ ବାସ୍ତବ ଦୁନିଆରେ ମଧ୍ୟ ସେହିଭଳି ଜଣେ ଯୁବତୀ ହେଉଛନ୍ତି ଲାଟିଭିାର ୨୭ ବର୍ଷୀୟା ଆଲିଆ ନେସିରୋବା। ଆଲିଆ ଦେଖିବାକୁ ଯେଂଭଳି ସୁନ୍ଦର, ତାଙ୍କ କେଶ ମଧ୍ୟ ତତୋଧିକ ସୁନ୍ଦର ଆଉ ଏହାର ଲମ୍ବ ୯୦ ଇଂଚ ଝ କେଶ ପାଇଁ ଆଲିଆ ଇନଷ୍ଟାଗ୍ରାମ ଷ୍ଟାର ପାଲଟିଛନ୍ତି। ଏବେ ସୋଶାଲ ମିଡ଼ିଆରେ ତାଙ୍କର ଚର୍ଚ୍ଚା ଖୁବ ଚାଲିଛି। ବିଗତ ୨୦ବର୍ଷ ହେଲା ସେ କେଶ କାଟି ନାହାନ୍ତି। ଆଲିଆଙ୍କୁ କେଶ ଶୁଖାଇବା ପାଇଁ ୨୪ଘଂଟା ଲାଗିଥାଏ। କେଶ ସଫା କରିବା ପାଇଁ ୨୨ପାଉଣ୍ଡ ସାମ୍ପୁ ଓ କଣ୍ଡିସନର ଦରକାର ହୋଇଥାଏ। ଆଲିଆ କହନ୍ତି ତାଙ୍କ ପତି ଇଭାନ ବାଲାବନ ତାଙ୍କ ଲମ୍ବା କେଶକୁ ଦେଖି ଅତ୍ୟନ୍ତ ଖୁସି ହୁଅନ୍ତି। ତେବେ କେଶର ଯତ୍ନ ନେବା ପାଇଁ ଆଲିଆଙ୍କୁ ବେଶ୍ ଅଧିକ ସମୟ ଲାଗିଥାଏ। ବେଳେବେଳେ ଏତେ ଲମ୍ବା କେଶ ପାଇଁ ତାଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଥରେ ସେ ଥିଏଟରରେ ମୁଭି ଦେଖିବାକୁ ଯାଇଥିଲେ। କେହି ତାଙ୍କ କେଶରେ ଚୁଇଁଗମ ଲଗାଇ ଦେଇଥିଲା। ଏତେ ଲମ୍ବା କେଶରୁ ଚୁଇଁଗମ ହଟାଇବା ସହଜ ନଥିଲା ତେଣୁ ତାଙ୍କୁ କେଶ କାଟିବାକୁ ପଡ଼ିଥିଲା। ଏହା ତାଙ୍କୁ ଅତ୍ୟନ୍ତ ଦୁଃଖ ଦେଇଥିଲା।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜହ୍ନରେ ଭାରତ...

ଓଡ଼ିଆରେ ଥିବା ସେଇ ରୋମାଣ୍ଟିକ୍ ଗୀତଟି- 'ଜହ୍ନ ରାଇଜରେ ଜାଗାଟେ କିଣିଛି...' ଆଉ କଳ୍ପନା ବିଳାସର ପ୍ରତୀକ ହୋଇ ରହିବ ନାହିଁ, ବରଂ ବାସ୍ତବ ହୋଇପାରେ ବୋଲି ଅନ୍ତତଃ ଅଗଷ୍ଟ ୨୩ ତାରିଖ ସନ୍ଧ୍ୟା ୬ଟା ୩ ମିନିଟ୍ ପରେ ପ୍ରମାଣିତ ହୋଇ ଯାଇଛି, ଯେତେବେଳେ କି ଚନ୍ଦ୍ର ପୃଷ୍ଠର ଧୂଳିକୁ ପାଦରେ ଗୋଇଠା ମାରି ବିକ୍ରମ ଉଡ଼ାଇଲା । ସଙ୍ଗେ ସଙ୍ଗେ ଏହା ମଧ ଏକ ଅସମ୍ଭବ ମନେ ହେଉଥିବା ଭାରତର ଦୁଇ-ଦଶନ୍ଧି-ଦୀର୍ଘ ବୃତ୍ତାକାର ଚାପକୁ ସମ୍ପୂର୍ଣ୍ଣ କରି ପାରିଛି। ୨୦୦୮ରେ ଚନ୍ଦ୍ରଯାନ-୧ ଭାରତକୁ ମହାକାଶ-ବିଚରଣକାରୀ ରାଷ୍ଟ୍ରମାନଙ୍କର ଆଭିଜାତ୍ୟପୂର୍ଣ୍ଣ କ୍ଲବ୍ରେ ସାମିଲ କରାଇ ଥିବା ବେଳେ ତୃତୀୟ ଯାତ୍ରା ଅର୍ଥାତ୍ ଚନ୍ଦ୍ରଯାନ-୩ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରକୁ ସମ୍ମୁଖ ଭାଗକୁ ନେଇ ଆସିଛି- ମାତ୍ର ତିନିଗୋଟି ଦେଶ ଏହା ପୂର୍ବରୁ ଚନ୍ଦ୍ର ପୃଷ୍ଠରେ ସଫଳତାର ସହିତ ପହଞ୍ଚ ପାରିଛନ୍ତି । ଆଉ ସବୁଠୁ ବଡ଼କଥା ହେଉଛି, ଚନ୍ଦ୍ରର ଦକ୍ଷିଣ ମେରୁରେ ଏ ପର୍ଯ୍ୟନ୍ତ ଭାରତ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ର ପାଦ ଥାପି ପାରି ନାହାନ୍ତି, ଯେଉଁଠି ବାୟୁମଣ୍ଡଳର ଏବଂ ଜଳର ଉପସ୍ଥିତି ଥାଇପାରେ ବୋଲି ମନେ କରାଯାଉଛି, ଯାହା ଉପରେ ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧାନଗୁଡ଼ିକ କରାଯିବ । ଏହି ପାରଗମନ- ନିଜର ସ୍ୱଦେଶୀ ବିଜ୍ଞାନ ଏବଂ କାରିଗରୀ ବିଦ୍ୟାର ସାମର୍ଥ୍ୟକୁ ଶାଣିତ କରିବା ପାଇଁ ଏହା ଯେଉଁ ଦୀର୍ଘ ୨୦ ବର୍ଷର ସମୟ ନେଲା, ଏବଂ ଆମର ନିକଟତମ ପଡ଼ୋଶୀ ପାଖକୁ ଯିବା ପାଇଁ ୩୮୪,୦୦୦ କିଲୋମିଟର ଦୀର୍ଘ ଯାତ୍ରାକୁ ସମ୍ଭବପର କରିବାକୁ ହଜାର ହଜାର ପୁରୁଷ ଏବଂ ମହିଳାଙ୍କ ଦ୍ୱାରା କାହାର ବିଶେଷ କ୍ଷତି ନହେବା ଭଳି ଅତି ସ୍ୱଳ୍ପ ପରିମାଣର ବ୍ୟୟ ବରାଦ– ସବୁକିଛି ଉଦ୍ଦିଷ୍ଟ ଥିଲା ଏହା ସହିତ ଛନ୍ଦା ହୋଇଥିବା ପ୍ରଜ୍ଞାନ ରୋଭର ସହିତ ବିକ୍ରମର ଯାତ୍ରାକୁ ନିର୍ବିଘ୍ନରେ ଶେଷ ହୋଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସୁନିଶ୍ଚିତ କରାଇବା ପାଇଁ । ଆଉ ତାହା ହିଁ ହୋଇଥିଲା ଯେତେବେଳେ ହୃସ୍ପନ୍ଦନ ବନ୍ଦ କରିଦେବା ଭଳି ଶେଷ ୧୮ ମିନିଟ୍ରେ ଚନ୍ଦ୍ରଯାନ-୩ ଘଣ୍ଟା ପ୍ରତି ୬,୪୦୮ କିଲୋମିଟରରୁ ଶୂନ୍ୟ ଗତିକୁ ଆସି ଶେଷରେ ପଦପାତ କରିଥିଲା ଚନ୍ଦ୍ର ପୃଷ୍ଠରେ, ଯାହା ଏକ ରାଷ୍ଟ୍ର ଭାବରେ ଆମ ପାଇଁ ସର୍ବାଧିକ ଗୌରବାବହ ମୁହୂର୍ତ୍ତ ଥିଲା । ତେବେ ଅତୀତ ଯେତେ ଗରିମାମୟ ହୋଇଥାଉ ନା କାହିଁକି, ଚନ୍ଦ୍ରରେ ପାଦ ଥାପିବା ବର୍ତ୍ତମାନ ଆମର ଭବିଷ୍ୟତ। ଏହି ସଫଳତା କେବଳ ଭାରତର ମହାକାଶ ଆବିଷ୍କାର ପାଇଁ ଏକ ନୂତନ ଯୁଗକୁ ଆମନ୍ତ୍ରଣ କରି ଆଣିନାହିଁ, ପୁଣି ଏହା କେବଳ ବୈଜ୍ଞାନିକ ଅନ୍ୱେଷଣ ପାଇଁ ମଧ୍ୟ ନୁହେଁ, ବରଂ ଆମ ପାଇଁ ଆଣି ଦେଇଛି ବ୍ୟବସାୟିକ ସୁଯୋଗ । ୨୦୨୧ର ଏକ ପିଡବ୍ଲୁସି ରିପୋର୍ଟ ଚାନ୍ଦ୍ର ଅର୍ଥନୀତିର ଆକଳନ କରିବାକୁ ଯାଇ ଏହା ପ୍ରତିଶ୍ରୁତିପୂର୍ଣ୍ଣ ୧୭୦ ବିଲିଅନ୍ ଡଲାର ମୂଲ୍ୟର ହେବା ସହିତ ପରିବହନ, ଚାନ୍ଦ୍ର ତଥ୍ୟାବଳୀ, ଏବଂ ସ୍ଥାନୀୟ ସ୍ତରର ସମ୍ବଳର ଉପଯୋଗ ଉପରେ ଧ୍ୟାନ କେନ୍ଦ୍ରିତ କଲେ ଏହା ପ୍ରଭୂତ ପରିମାଣର ଅଭିବୃଦ୍ଧି ଆଣିଦେବାର ସମ୍ଭାବନା ବହନ କରେ ବୋଲି ଉଲ୍ଲେଖ କରିଥିଲା । ଏହି ବ୍ୟବସାୟ ମଧ୍ୟରୁ ପ୍ରଥମଟି ହେଉଛି ଚନ୍ଦ୍ର ଦେଶକୁ ଲୋକମାନଙ୍କୁ ଏବଂ ବିଭିନ୍ନ ସାମଗ୍ରୀଗୁଡ଼ିକୁ ନେବା ଆଣିବା କରିବା ସହିତ ଜଡ଼ିତ । ଅର୍ଥାତ୍ ଗୋଟିଏ ବାକ୍ୟରେ ଆମ ଓଡ଼ିଆର ସେଇ ଗୀତ ପଦକ– ଜହ୍ନମାମୁ ଦେଶ ଯିବା ପିଲେ ଆସ... । ଦ୍ୱିତୀୟଟି ହେଉଛି, ବୈଜ୍ଞାନିକ ଏବଂ ବିଭିନ୍ନ ସଂସ୍ଥାଙ୍କୁ ବୈଷୟିକ ତଥ୍ୟ ସଂଗ୍ରହ ଏବଂ ତା'ର ଉପଯୋଗ କରିବାକୁ ଏହା ସୁଯୋଗ ପ୍ରଦାନ କରିବ । ତୃତୀୟରେ, ବୈଜ୍ଞାନିକ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟ ପାଇଁ ଚନ୍ଦ୍ର ପୃଷ୍ଠରେ ଖଣି ଖନନ କରିବା ଏବଂ ଏଥିରୁ ବିଭିନ୍ନ ପ୍ରକାରର ସମ୍ବଳ ଓ ଉତ୍ପାଦ ଉତ୍ତୋଳନ କରିବା, ଯାହାକୁ ବ୍ୟବସାୟିକ ସୁଯୋଗ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି । ଏସବୁ କରିବା ପଥରେ ଯାହା ସବୁଠୁ ବଡ଼ ପ୍ରତିବନ୍ଧକ ଭାବରେ ରହିଥିଲା, ତାହା ହେଉଛି ଚନ୍ଦ୍ର ପୃଷ୍ଠରେ ଚନ୍ଦ୍ରଯାନର ନିୟମିତ ଭିତ୍ତିରେ ସଠିକ୍ ଭାବରେ କୋମଳ-ଅବତରଣ- ଯାହା ବର୍ତ୍ତମାନ ଏହା କରିବାକୁ ସକ୍ଷମ ବୋଲି ଭାରତ ବାସ୍ତବ କ୍ଷେତ୍ରରେ କାର୍ଯ୍ୟରେ ପରିଣତ କରି ଦେଖାଇ ଦେଇଛି । ତେଣୁ ଜହ୍ନ ରାଇଜରେ ଘର କରିବା ଭଳି କବି କଲମର କଳ୍ପନା ହେଉ ବା ବିଜ୍ଞାନ ଉପନ୍ୟାସର ପ୍ରତିଶ୍ରୁତିଠାରୁ ଆନ୍ତଃଗ୍ରହ ଉଡ଼ାଣ ରୂପକ ବୁଦ୍ଧିମତ୍ତାପୂର୍ଣ୍ଣ ବ୍ୟବସାୟ, ଭାରତ ପାଇଁ ଚନ୍ଦ୍ରଯାନ-୩ର ସଫଳ ଅବତରଣ ଏକ ଯୁଗାନ୍ତକାରୀ ମୁହୂର୍ତ୍ତ ବୋଲି କହିହେବ । ଏପରି କହିବାର କାରଣ, ଭାରତ ବର୍ତ୍ତମାନ ଆର୍ଟେମିସ୍ ଚୁକ୍ତିର ଏକ ସଦସ୍ୟ । ଲକ୍ଷ ଲକ୍ଷ ବାଳକ ବାଳିକା, ଯୁବକ ଯୁବତୀ, ଯେଉଁମାନେ ରୁଦ୍ଧ ଶ୍ରେଣୀ ଗୃହର କାଠ ବେଞ୍ଚ୍ ଉପରେ କି ଗାଁର ଘରମାନଙ୍କରେ ବସି ଆମ ଏଇ ବିଶ୍ୱର ଗୋଟିଏ ପରେ ଗୋଟିଏ ଏକଦା ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ଭାରତ ସମ୍ଭବପର କରି ଦେଖାଉ ଥିବାକୁ ପରିଲକ୍ଷିତ କରୁଛନ୍ତି, ସେମାନଙ୍କ ପାଇଁ ଚନ୍ଦ୍ରଯାନ-୩ର ସଫଳତା ସୀମାର ବନ୍ଧନକୁ ଭାଙ୍ଗିଦେବାର ପ୍ରତୀକ । ଏକ ଆନ୍ତଃଗ୍ରହ ମିଶନ୍ର ସଫଳତା ଭଳି କ୍ୱଚିତ୍ ଅନ୍ୟ କୌଣସି ସଫଳତା ସେମାନଙ୍କ ମନରେ ବୈଜ୍ଞାନିକ ମନୋବୃତ୍ତିକୁ ସନ୍ନିବେଶିତ କରି ପାରିବ । ବୁଧବାର ସନ୍ଧ୍ୟା ୬ଟା ୩ ମିନିଟ୍ରେ ତେଣୁ ଏକ ୧,୭୫୨ କିଲୋଗ୍ରାମ୍ ଓଜନବିଶିଷ୍ଟ ଯାନର ସଫଳତାର ସହିତ ଚନ୍ଦ୍ରରେ ସ୍ଥାପିତ ହେବା ଏକ ନୂଆ ପିଢ଼ିର ଭାରତୀୟମାନଙ୍କ ପାଇଁ ଅଫୁରନ୍ତ ପ୍ରେରଣାର ଉତ୍ସ । ଏହା ସେମାନଙ୍କୁ ଦେଖାଇ ଦେଇଛି ଯେ ସବୁକିଛି ସମ୍ଭବପର ।

# ଇତିହାସ ରଚିଲା ଭାରତ



## ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡର ମହାକାଶ ବିଜ୍ଞାନ ରେ ଯେଉଁ ନିର୍ଦ୍ଦିଷ୍ଟ ହାତଗଣତି ରାଷ୍ଟ୍ର ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବା ରେ ସଫଳ ହୋଇଛନ୍ତି, ସେହି ସୂଚୀରେ ଭାରତ ଆଗରେ ରହିଛି । ସ୍ୱଦେଶୀ ଜ୍ଞାନ କୌଶଳରେ ସ୍ୱଳ୍ପ ଖର୍ଚ୍ଚରେ କିପରି ଅତି ଉନ୍ନତ ମହାକାଶ ଯାନ ନିର୍ମାଣ କରିବାର କଳା କେବଳ ଆମ ଦେଶ ଭାରତର ମହାକାଶ ଗବେଷଣା ସଂଗଠନ ଇସ୍ରୋ (ISRO)କୁ ଜଣା । ସେହି ବିଦ୍ୟା ରେ ଆମ ଦେଶ ସିଦ୍ଧହସ୍ତ । ଏହା ଆମେରିକା, ରୁଷିଆ, ଚୀନ, ଜାପାନ ଭଳି ଶକ୍ତିଶାଳୀ ବିକଶିତ ଦେଶମାନଙ୍କୁ ଆଚମ୍ବିତ କରିଛି । ଏହା ବାସ୍ତବରେ ଆମ ରାଷ୍ଟ୍ରକୁ ଗୌରବାନ୍ୱିତ କରିଛି ଏବଂ ବିଂଶ ଶତାବ୍ଦୀରେ ଆମ ଦେବଭୂମି, ପୁଣ୍ୟଭୂମି, ମାତୃଭୂମି ଆମ ରାଷ୍ଟ୍ର ଭାରତ ତାର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାକୁ ଏକାକୀ ସକ୍ଷମ ହୋଇଛି ।

ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ଶ୍ରେଷ୍ଠ ବୁଦ୍ଧିମାନ ପ୍ରାଣୀ । ନିଜର ଉପସ୍ଥିତ ବୁଦ୍ଧିର ପ୍ରୟୋଗ କରି ବିଜ୍ଞାନର ଅତ୍ୟାଧୁନିକ ଜ୍ଞାନ କୌଶଳ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବଳରେ ଉଭୟ ଜଳପଥ ସ୍ଥଳପଥ ଓ ଆକାଶପଥ ରେ ମନୁଷ୍ୟ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଚାଲିଛି । ଚନ୍ଦ୍ର ପୃଷ୍ଠରେ ସଫଳତା ପୂର୍ବକ ମହାକାଶ ଯାନ ଅବତରଣ କରିବାରେ ବର୍ତ୍ତମାନ ସୁଦ୍ଧା ୪ଟି ଦେଶ ଭାରତ, ଆମେରିକା, ରୁଷିଆ ଏବଂ ଚୀନ ସଫଳ ହୋଇଛନ୍ତି । ଭାରତ ଚନ୍ଦ୍ରଯାନ -୩ ଚନ୍ଦ୍ରପୃଷ୍ଠରେ ଅବତରଣ କରି ପୁଣି ଥରେ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛି । ସେଥିପାଇଁ ଆମ ଦେଶର ୧୪୦ କୋଟି ଜନତା ଏବଂ ଏ ପୃଥିବୀରେ ଅବସ୍ଥିତ ଥିବା ସମସ୍ତ ଦେଶ ଏ ଐତିହାସିକ ମୁହୂର୍ତ୍ତକୁ ଚାତକ ପରି ଅପେକ୍ଷା କରି ରହିଥିଲେ ଏବଂ ଗତକାଲି ଆମ ଦେଶ ଚନ୍ଦ୍ରଯାନ -୩ ଚନ୍ଦ୍ର ପୃଷ୍ଠରେ ଅବତରଣ କରି ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ ନିଜକୁ ଲିପିବଦ୍ଧ କରିଛି । ପ୍ରଥମ ଦେଶ ଭାବରେ ରୁଷିଆ ନିଜର ମହାକାଶ ଯାନକୁ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବାକୁ ସକ୍ଷମ ହୋଇଥିଲା । ରୁଷିଆର ଲୁନା -୨ ... ମହାକାଶ ଯାନ ଏହି ବିରଳ କାର୍ଯ୍ୟ ୧୨-ସେପଟ୍ମେର- ୧୯୫୯ ମସିହାରେ ସଫଳତାର ସହ ଅବତରଣ କରିବାକୁ ସକ୍ଷମ ହେଇଥିଲା ଏବଂ ଅନ୍ୟ ଦେଶର ବୈଜ୍ଞାନିକ ମାନଙ୍କ ମଧ୍ୟରେ ବିଶ୍ୱାସ ଓ ଆଶା ସଂଚାର କରିଥିଲା ।

ଆମ ଦେଶର ମହାକାଶ ଗବେଷଣା କେନ୍ଦ୍ର (ISRO)୨୨-ଅକଟୋବର -୨୦୦୮ ମସିହାରେ ଚନ୍ଦ୍ରପୃଷ୍ଠରେ ନିଜର ମହାକାଶ ଯାନ ଚନ୍ଦ୍ରୟାନ -୧ ସଫଳତା ପୂର୍ବକ ଅବତରଣ କରାଇଥିଲା । ଚନ୍ଦ୍ରଯାନ-୨ ଭାରତର ଦ୍ୱିତୀୟ ଚନ୍ଦ୍ର ଅଭିଯାନ ଥିଲା । ଚନ୍ଦ୍ରଯାନ -୨ ଅଭିଯାନରେ ଇସ୍ରୋକୁ ୯୫ ପ୍ରତିଶତ ସଫଳତା ମିଳିଥିଲା । ଆମ ଦେଶର ବୈଜ୍ଞାନିକ ମାନେ ଅପ୍ରାଣ ଉଦ୍ୟମ କରିଥିଲେ ଏହାକୁ ସଫଳତା ପୂର୍ବକ ଚନ୍ଦ୍ରପୃଷ୍ଠ ରେ ସଫ୍ଟ (soft) ଲ୍ୟାଣ୍ଡି କରିବା ପାଇଁ କିନ୍ତୁ ଦୁର୍ଭାଗ୍ୟବଶତ ଏହା ଶେଷ ମୁହୂର୍ତ୍ତରେ ସଫଳ ହୋଇ ପାରିନଥିଲା । ଯୋଜନା ମୁତାବକ ଚନ୍ଦ୍ରୟାନ -୨ ଚନ୍ଦ୍ରର କକ୍ଷପଥରେ ପହଞ୍ଚିବା ପରେ, ପ୍ରଜ୍ଞାନ ରୋଭରକୁ ନେଇ ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ଏକ ଅପେକ୍ଷାକୃତ ଉଚ୍ଚ ମଇଦାନରେ ଅବତରଣ କରିବା ବେଳେ, ବିକ୍ରମ ଲ୍ୟାଣ୍ଡରଟି ନିର୍ଧାରିତ କକ୍ଷ ପଥରୁ ବିଚ୍ୟୁତ ହୋଇଥିଲା ଏବଂ ଚନ୍ଦ୍ରପୃଷ୍ଠରୁ ୨.୧ କିଲୋମିଟର ଉଚ୍ଚତାରେ ଥିବା ସମୟରେ ଇସ୍ରୋ ସହ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଅର୍ବିଟର ଜରିଆରେ ପ୍ରାପ୍ତ ଥର୍ମାଲ ଅପଟିକାଲ ଚିତ୍ରକୁ ଅନୁଧ୍ୟାନ କରି ବିକ୍ରମ ଲ୍ୟାଣ୍ଡର ହାର୍ଡ ଲାଣ୍ଡିଙ୍ଗ କରିଛି ବୋଲି ଇସ୍ରୋର ପୂର୍ବତନ ମୁଖ୍ୟ 'କେ ଶିବନ ମତବ୍ୟକ୍ତ କରିଥିଲେ । ଲାଣ୍ଡିଙ୍ଗର ୧୪ ଦିନ ମଧ୍ୟରେ ଲ୍ୟାଣ୍ଡର ବିକ୍ରମ ସହ ଯୋଗାଯୋଗ ପାଇଁ ଇସ୍ରୋ ଓ ନାସା ପକ୍ଷରୁ ଉଦ୍ୟମ କରାଯାଇଥିଲା କିନ୍ତୁ କୋଣସି ସଫଳତା ମିଳିନଥିଲା ।

ଚନ୍ଦ୍ରଯାନ -୩ ହେଉଛି ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ (ISRO) ଦ୍ୱାରା ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ଲକ୍ଷ୍ୟରେ ନିର୍ମିତ ହୋଇଛି । ଚନ୍ଦ୍ରଯାନ -୩ ୧୪-ଜୁଲାଇ-୨୦୨୩ରେ ଶ୍ରୀହରିକୋଟା ମହାକାଶ କେନ୍ଦ୍ରରୁ ଭାରତୀୟ ସମୟ ଅପରାହ୍ନ 2:51PM ଫ୍ଲି କରାଯାଇଥିଲା । ଚନ୍ଦ୍ରଯାନ -୩ ହେଉଛି ଏକ ବହୁ ଭାଗ ମିଶନ, ଯେଉଁଥିରେ ଏକ କକ୍ଷପଥ, ଏକ ଲ୍ୟାଣ୍ଡର, ଏବଂ ରୋଭର ଅନ୍ତର୍ଭୁକ୍ତ । କକ୍ଷପଥ ଚନ୍ଦ୍ରକୁ ପରିକ୍ରମା କରିବ ଏବଂ ଚନ୍ଦ୍ରପୃଷ୍ଠ ଏବଂ ଏହାର ବାୟୁମଣ୍ଡଳକୁ ଅଧ୍ୟୟନ କରିବ। ଲ୍ୟାଣ୍ଡର ଚନ୍ଦ୍ର ପୃଷ୍ଠରେ ଅବତରଣ କରିବ ଏବଂ ରୋଭର ଚନ୍ଦ୍ରପୃଷ୍ଠରେ ବୈଜ୍ଞାନିକ ପରିକ୍ଷଣ କରିବ । ଚନ୍ଦ୍ରଯାନ-୩ର ବୈଜ୍ଞାନିକ ପରୀକ୍ଷଣରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଜଳ ବରଫର ଉପସ୍ଥିତ, ଚନ୍ଦ୍ରପୃଷ୍ଠ ଏବଂ ଏହାର ଗଠନ ମାଧ୍ୟାକର୍ଷଣ କ୍ଷେତ୍ର ଏବଂ ଚନ୍ଦ୍ରର ବାୟୁମଣ୍ଡଳ ଅଧ୍ୟୟନ କରାଯିବ । ଚନ୍ଦ୍ରୟାନ -୨ ମିଶନ ଫେଲ ହେବାର ଚାରି ବର୍ଷ ପରେ ବର୍ତ୍ତମାନ ତୃତୀୟ ଥର ପାଇଁ ଭାରତ ସରକାର ଚନ୍ଦ୍ରକୁ ଏହି ଚନ୍ଦ୍ରଯାନ -୩ ପଠେଇବାକୁ ନିଷ୍ପତି ନେଇଛନ୍ତି । ଚନ୍ଦ୍ରୟାନ -୩ ସଫଳତାର ସହ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ସକ୍ଷମ ହେଇଚି । ଏଥିରୁ ଚନ୍ଦ୍ର ବିଷୟରେ ଅନେକ ରୋଚକ ତଥ୍ୟ ଆମେ ପାଇପାରିବା । ଏହା ବ୍ୟତୀତ ବୈଜ୍ଞାନିକମାନେ ଏହା ଜାଣିବାକୁ ସକ୍ଷମ ହେବେ ଚନ୍ଦ୍ର ପୃଷ୍ଠରେ ମାନବ ସଭ୍ୟତା ସମ୍ଭବ ହୋଇପାରିବ କି ନାହିଁ? ଏବଂ ଏହାର ଖଣିଜ ପଦାର୍ଥ ଆମ ପାଇଁ କେତେ ଲାଭ ଦାୟକ ହେବ? ଏସବୁ ଅସମାହିତ ପ୍ରଶ୍ନର ଉତ୍ତର ଆମ୍ଭମାନଙ୍କୁ ମିଳି ପାରିବ ।

ଅତ୍ୟଧିକ ବେଗରେ ଗତି କରୁଥିବା ଏକ ମହାକାଶ ଯାନକୁ ବାୟୁ ଶୂନ୍ୟ ପରିବେଶ ସୂକ୍ଷ୍ମ ମାଧ୍ୟାକର୍ଷଣ ବଳ ଏବଂ ପାଉଁଶ ପରି ଚନ୍ଦ୍ରପୃଷ୍ଠରେ ଅବତରଣ କରବା ଅତି ଜଟିଳ ପ୍ରକ୍ରିୟା । ଏହାକୁ ସଫ୍ଟ ଲ୍ୟାଣ୍ଡିଙ୍ଗ କୁହାଯାଏ । ଏ ପର୍ଯ୍ୟନ୍ତ ଆମେରିକା ରୁଷିଆ ଏବଂ ପରେ ଚୀନ ଚନ୍ଦ୍ରପୃଷ୍ଠର ଉତ୍ତର ମେରୁରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରିବାରେ ସଫଳତା ହାସଲ କରିଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ବିଶ୍ୱର କୌଣସି ଦେଶ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରିବା ସଫଳ ହୋଇନାହାନ୍ତି । ବିଶ୍ୱର ପ୍ରଥମ ଦେଶ ଭାବରେ ଭାରତ ସେହି ବିରଳ ରେକର୍ଡ଼ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରି ଖ୍ୟାତି ଅର୍ଜନ କରିଛି । ବିଶ୍ୱର ବହୁତ କମ୍ ବ୍ୟକ୍ତିଙ୍କ ଜ୍ଞାତ ସାରରେ ଏହା ଥିବ କି ଚନ୍ଦ୍ରଯାନ- ୩ ପଛରେ ଆମ ରାଜ୍ୟ ଓଡିଶାର ଅତୁଳନୀୟ ଅବଦାନ ରହିଛି। ଚନ୍ଦ୍ରଯାନ -୩ର ଅଧିକାଂଶ ଉପକରଣ ଓଡ଼ିଶାରେ ତିଆରି ହୋଇଛି । ଲ୍ୟାଣ୍ଡରରେ। ଭର ଏବଂ ମହାକାଶ ଯାନର ପ୍ରମୁଖ ଉପାଦାନ ଭୁବନେଶ୍ୱରର ସିଟିଟିସି (CTTC)ରେ ପ୍ରସ୍ତୁତ କରାଯାଇଛି। ପ୍ରଶିକ୍ଷଣ କେନ୍ଦ୍ରର ୧୦୦ ରୁ ଅଧିକ technician ଗତ ଦୁଇ ବର୍ଷ ଧରି ନିଜର ଅକ୍ଳାନ୍ତ ପରିଶ୍ରମ ଓ ଦୃଢ ଇଚ୍ଛା ଶକ୍ତି ପାଇଁ ଏହା ସମ୍ଭବ ହୋଇ ପାରିଛି । ଇସ୍ରୋ (ISRO)ର ବୈଜ୍ଞାନିକ ମାନେ ଚନ୍ଦ୍ରଯାନ -୩ରେ ଯାନ୍ତ୍ରିକ ତ୍ରୁଟି ନ ହେବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଥିଲେ । ୧୪୦ କୋଟି ଭାରତୀୟଙ୍କର ସ୍ନେହ, ଭଲ ପାଇବା, ପ୍ରାର୍ଥନା ଏବଂ ଜଗତର ନାଥ ଜଗନ୍ନାଥଙ୍କ ଆର୍ଶୀବାଦ ବଳରେ ଚନ୍ଦ୍ରଯାନ- ୩ର ମିଶନ ସଫଳ ହେଲା ଏବଂ ମହାକାଶ ରେ ଆମ ଜନ୍ମଭୂମି, ମାତୃଭୂମି, ଦେବଭୂମି ଭାରତ ଦକ୍ଷିଣ ମେରୁ ରେ ଚନ୍ଦ୍ରାବତରଣ କରି ଅନ୍ୟ ସବୁ ଦେଶକୁ ପଛରେ ପକାଇ ଇତିହାସର ସ୍ୱର୍ଣାକ୍ଷର ନିଜ ନାମକୁ ଲିପିବଦ୍ଧ କଲା ।

ଇସ୍ରୋ (ISRO)ର ଅଫିସିଆଲ ଟୁଇଟର ଆକାଉଣ୍ଟ (account) ଦିଆଯାଇଥିବା ଡାଟା ଅନୁସାରେ ଚନ୍ଦ୍ରଯାନ -୩ ଦ୍ୱିତୀୟ ଡ଼ି- ବୁଷ୍ଟିଙ୍ଗ ପ୍ରକ୍ରିୟା ସଫଳ ହୋଇଛି । ଲ୍ୟାଣ୍ଡର ବିକ୍ରମ ଅବତରଣ ନିରାପଦ ସ୍ଥାନରେ କରିବାକୁ ସକ୍ଷମ ହେଇଛି । ଲ୍ୟାଣ୍ଡର ହାଃଜ୍ୱାର୍ଡ ଡିଟେସ୍କନ ଓ ଅବୋଇଡ୍ୟାନ୍ସ କ୍ୟାମେରାରୁ (LHDAC) ଫଟୋ ଉତ୍ତଳୋନ କରିବାକୁ ସକ୍ଷମ ହୋଇଛି ବିକ୍ରମ । ସୁରକ୍ଷିତ ଲ୍ୟାଣ୍ଡି ସ୍ଥାନ ଅନୁସନ୍ଧାନ କରିବାରେ ସହଯୋଗ କରିଛି LHDA କ୍ୟାମେରା । ଅଗଷ୍ଟ ୨୩, ସନ୍ଧ୍ୟା ୬ଟା ୪ମିନିଟରେ ଚନ୍ଦ୍ରଯାନ -୩ ସମ୍ପୂର୍ଣ ଭାବରେ ଚନ୍ଦ୍ର ପୃଷ୍ଠ ଅବତରଣ କରିଛି । ଆମ ଦେବଭୂମି, ପୁଣ୍ୟଭୂମି, ମାତୃଭୂମି ଭାରତ ବିଶ୍ୱ ଇତିହାସରେ ଆଉ ଏକ ବିରଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିବାକୁ ଏକାକୀ ସକ୍ଷମ ହେଇଛି । ଏହା ୧୪୦କୋଟି ଭାରତୀୟ ଲୋକଙ୍କ ପାଇଁ ନିଶ୍ଚିତ ଭାବରେ ଐତିହାସିକ ମୁହୂର୍ତ୍ତ । ଆମ ଦେଶର ମହାକାଶ ଗବେଷଣା ସଂଗଠନ ଇସ୍ରୋର (ISRO) ବୈଜ୍ଞାନିକ ମାନେ ରେକର୍ଡ ପରେ ରେକର୍ଡ ସ୍ଥାପନ କରିବାକୁ ଯାଉଛନ୍ତି । ଚନ୍ଦ୍ରଯାନ -୩ ସଫଳ ହେବା ପରେ, ଆଦିତ୍ୟ -L1 ମିଶନ (ସୂର୍ଯ୍ୟଙ୍କ ଗବେଷଣା କରିବାରେ ), ଗଗନାୟାନ (ଅନ୍ତରୀକ୍ଷ ଉପରେ ଗବେଷଣା) ଏବଂ ଶୁକ୍ରାୟାନ (ଶୁକ୍ର ଗ୍ରହ ଉପରେ ଗବେଷଣା), ମଙ୍ଗଳାୟାନ (ମଙ୍ଗଳଗ୍ରହ ଉପରେ ଗବେଷଣା)ର ଲକ୍ଷ ନେଇ ଆଗକୁ ଅଗ୍ରସର ହେଉଛନ୍ତି । ନିକଟ ଭବିଷ୍ୟତରେ ଇସ୍ରୋର ବୈଜ୍ଞାନିକ ମାନେ ଏହି ମିଶନ ଗୁଡ଼ିକର ସଫଳ ରୂପାୟନ କରିବେ, ଏହା ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା ।


ଗୋପାଳପୁର, ବାଲେଶ୍ୱର

ମୋ: ୭୦୨୦୬୧୧୩୦୦


# ଭାରତ ପାଇଁ ବୃହତ୍ 'ନିକୋବର' ଦ୍ୱୀପ ପୁଞ୍ଜର ଗୁରୁତ୍ୱ



## ବିଷ୍ଣୁ ପ୍ରସାଦ ଦାସ

ଭାରତବର୍ଷର ଦକ୍ଷିଣ ପୂର୍ବରେ ବଙ୍ଗୋପସାଗର ମଧ୍ୟରେ ଅବସ୍ଥିତ ଆଣ୍ଡାମାନ-ନିକୋବର ଦ୍ୱୀପ ପୁଞ୍ଜ ପ୍ରାୟ ୮୩୬ଟି ଦ୍ୱୀପକୁ ନେଇ ଗଠିତ, ଭାରତ ବର୍ଷର ମୁଖ୍ୟ ଭୂଖଣ୍ଡ ସହିତ ସାମୁଦ୍ରିକ ପଥରେ ଏହା କଲିକତା, ବିଶାଖା ପାଟଣା ଏବଂ ଚେନ୍ନାଇ ବନ୍ଦର ସହିତ ସଂଯୋଗ ହୋଇ ଅଛି ତଥା ଆକାଶ ପଥରେ ଭାରତର ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ହାଇଦ୍ରାବାଦ ସମେତ ଅନେକ ସହର ସହିତ ସିଧା ସଳଖ ଯୋଗାଯୋଗର ବ୍ୟବସ୍ଥା ରହିଅଛି । ଏହାର କ୍ଷେତ୍ରଫଳ ୮,୨୫୦ ବର୍ଗ କିଲୋମିଟର, ଜନସଂଖ୍ୟା ପ୍ରାୟ ଚାରି ଲକ୍ଷ ପଚାଶ ହଜାର, ରାଜଧାନୀ ପୋର୍ଟ ବ୍ଲେୟାର, ଜିଲ୍ଲା ସଂଖ୍ୟା ୩ ଏବଂ ତହସିଲ ସଂଖ୍ୟା ୯ ଗୋଟି, ଏହି ଦ୍ୱୀପ ପୁଞ୍ଜ କେନ୍ଦ୍ର ଶାସିତ ଅଂଚଳ ହୋଇଥିବାରୁ ଏହାର ଶାସନ ମୁଖ୍ୟ ଲେଫ୍ଟନେଣ୍ଟ ଗଭର୍ନର ଏବଂ ତାଙ୍କୁ ସାହାଯ୍ୟ କରିବାକୁ ସେକ୍ରେଟାରୀ, ବିଭିନ୍ନ ବିଭାଗର ଅମଲା ତନ୍ତ୍ର ରହିଅଛି । ସେଠାରୁ ଜଣେ ନିର୍ବାଚିତ ସାଂସଦ ସିଧା ସଳଖ ସରକାରଙ୍କ ସହିତ ସମନ୍ୱୟ ରକ୍ଷା କରୁଛନ୍ତି । ମୂଳ ଭୂଖଣ୍ଡରୁ ଦୂରରେ ରହିଲେ ମଧ ଏହି ଦ୍ୱୀପପୁଞ୍ଜ ଭାରତ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଛି, ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ବୃହତ ନିକୋବର ଦ୍ୱୀପ ପୁଞ୍ଜକୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ବିକଶିତ କରିବାର ଏକ ପୂର୍ଣ୍ଣାଙ୍ଗ ଯୋଜନା ପ୍ରସ୍ତୁତ କରିଛନ୍ତି, ଏହା କାର୍ଯ୍ୟକାରୀ ହେଲେ ଆମେ ଏହାଦ୍ୱାରା ଅନେକ ଲାଭ ପାଇବା ସହିତ ଦେଶର ନିରାପତ୍ତା ସୁଦୃଢ ହେବ ।


'ବୃହତ ନିକୋବର ଦ୍ୱୀପ ପୁଞ୍ଜ ସାମଗ୍ରିକ ବିକାଶ ପରିଷଦ' ନାମରେ ଏକ ପରିଷଦ ନିକୋବର ଦ୍ୱୀପ ପୁଞ୍ଜରେ ଅନେକ ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ଗତ ଦୁଇ ବର୍ଷ ହେଲା ଗଠିତ ହୋଇଛି । ଏଥି ପାଇଁ ଭାରତ ସରକାର ୭୨, ୦୦୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି ଏବଂ ଏହି ପ୍ରକଳ୍ପ ୩୦ ବର୍ଷ ମଧ୍ୟରେ ଶେଷ ହେବାର ଲକ୍ଷ ନେଇ କାର୍ଯ୍ୟକାରୀ ହେଉଛି । ପ୍ରଥମ ପର୍ଯ୍ୟାୟରେ ଏହା ୨୦୨୧ରୁ ୨୦୩୬ ମସିହା ମଧ୍ୟରେ ଶେଷ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୦୩୭ରୁ ୨୦୫୧ ମସିହା ମଧ୍ୟରେ ସମାପ୍ତ ହେବ ବୋଲି ଆକଳନ କରାଯାଇଛି । ୨୦୨୭-୨୮ ମସିହା ବେଳକୁ କଣ୍ଟେନର ଟର୍ମିନାଲ ର କାର୍ଯ୍ୟ ଶେଷ ହୋଇଯିବ, ଏଥି ପାଇଁ ୪୧ ହଜାର କୋଟି ଟଙ୍କା ନିବେଶ କରାହେବ । ଏହି ବନ୍ଦର ପ୍ରକଳ୍ପରେ ଇନ୍ଟରନ୍ୟାଶନାଲ ଟ୍ରାନ୍ସ ସୀପମେଣ୍ଟ (ଆଇ:ସି:ଟି:ଟି) ସେବା ମିଳିବ, ବର୍ଷକୁ ହାରାହାରି ୧୬ ମିଲିୟନ କଣ୍ଟେନର କ୍ଷମତା ବିଶିଷ୍ଟ ବନ୍ଦର ଏକ ବିଶ୍ୱ ସ୍ତରୀୟ ବାଣିଜ୍ୟିକ ବନ୍ଦର ରୂପେ ପରିଗଣିତ ହେବ । ଭାରତୀୟ ନୌବାହିନୀ ଅଧୀନରେ ଏହି ବନ୍ଦର ରହିବା ଦ୍ୱାରା ଏହାର ଆନ୍ତର୍ଜାତିକ ସ୍ତରରେ ସୁରକ୍ଷା ପାଇଁ ଚିନ୍ତା କରିବାକୁ ପଡିବ ନାହିଁ । ପ୍ରସ୍ତାବିତ ପ୍ରକଳ୍ପର ଦ୍ୱିତୀୟ ଚରଣ ହେଉଛି 'ବୃହତ ନିକୋବର ଦ୍ୱୀପପୁଞ୍ଜ ଅନ୍ତର୍ଜାତୀୟ ବିମାନ ବନ୍ଦର' (ଜି:ଏନ:ଆଇ:ଆଇ:ଏ) ଅତ୍ୟାଧୁନିକ ବିମାନ ବନ୍ଦରରେ ସବୁ ପ୍ରକାର ସୁବିଧା ସହିତ ପୃଥିବୀର ସବୁଠାରୁ ବଡ଼ ଯାତ୍ରୀବାହୀ ବିମାନ ଏଆର ବସ ୩୮୦, ବୋଇଙ୍ଗ ୭୭୭ ପରି ବିମାନ ଅବତରଣ କରିବା ସହିତ ଭାରତୀୟ ବିମାନ ବାହିନୀ ପାଇଁ ସ୍ୱତନ୍ତ୍ର ଅବତରଣ ଏବଂ ଉଡାଣ ସୁବିଧା ଉପଲବ୍ଧ ହେବ । ଏଥିରୁ ଅନୁମେୟ ସାମୁଦ୍ରିକ ବନ୍ଦର ଭାରତୀୟ ନୌବାହିନୀ ଅଧୀନରେ କାର୍ଯ୍ୟ କରିବା ସମୟରେ ସବୁଜ କ୍ଷେତ୍ର ବିମାନ ବନ୍ଦର ଭାରତୀୟ ବିମାନ ବାହିନୀ ଅଧୀନରେ ରହିବ, ଯାହା ଦ୍ୱାରା କି ବହିଃ ଶତ୍ରୁଙ୍କୁ ଦରକାର ସମୟରେ ଉଚିତ ଶିକ୍ଷା ଦେଇ ହେବ ଏହା ସରକାରଙ୍କର ଏକ ସୁଚିନ୍ତିତ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରସ୍ତାବିତ ତୃତୀୟ ସୋପାନ ହେଲା ଏକ ନୂତନ ସହର ନିର୍ମାଣ ହେବ, ଏଥିରେ ବ୍ୟବସାୟିକ ଅନୁଷ୍ଠାନ, ଶିଳ୍ପ ଏବଂ ରେସିଡେଣ୍ଟାଲ ବା ବାସ ଗୃହ ନିର୍ମାଣ କରି ଏକ ନୂତନ ଜନବସତି ସୃଷ୍ଟି କରିବା ତଥା ପର୍ଯ୍ୟଟକଙ୍କ ପାଇଁ ଅନେକ କିଛି ସୁବିଧା ଯୋଗାଇବା ଯାହାକି ଦେଶର ଅର୍ଥନୀତିକୁ ସୁଦୃଢ କରିବ । ପ୍ରକଳ୍ପର ଚତୁର୍ଥ ଚରଣରେ ଏକ ପ୍ରାକୃତିକ ଗ୍ୟାସ ଏବଂ ସୋଲାର / ସୂର୍ଯ୍ୟ ଶକ୍ତି ସମ୍ପନ୍ନ ବିଦ୍ୟୁତ କେନ୍ଦ୍ର/ ପାଓ୍ୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବାର ଲକ୍ଷ ରହିଛି, ଏହା ସହିତ କିଛି ଡିଜେଲ ଜେନେରେଟର ପ୍ଲାଣ୍ଟ ମଧ ରହିବ ଏଥିପାଇଁ ପ୍ରାୟ ୧୬ ହଜାର ହେକ୍ଟର ଜମି ଚିହ୍ନଟ ହୋଇଛି ।

ବୃହତ ନିକୋବର ଦ୍ୱୀପ ପୁଞ୍ଜ ସାମଗ୍ରିକ ବିକାଶ ପରିଷଦ ଦ୍ୱାରା ଉପରୋକ୍ତ ଚାରୋଟି ପ୍ରକଳ୍ପ କାର୍ଯ୍ୟ ହେବ, ଏଥିପାଇଁ ଭାରତ ସରକାରଙ୍କ 'ନୀତି ଆୟୋଗ' ସ୍ୱୀକୃତି ଦେଇ ସାରିଛି ଏବଂ ଚାରୋଟି ବିଷୟ ପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ରହିଛି ଯଥା ପ୍ରଥମ - ଦୁଇଟି ସବୁଜ କ୍ଷେତ୍ର ଉପକୂଳ ସହର ନିର୍ମାଣ, ଦ୍ୱିତୀୟ - ସହର ଗୁଡିକୁ ମୁକ୍ତ ବାଣିଜ୍ୟ କ୍ଷେତ୍ର କରିବା, ତୃତୀୟ - ପୃଥିବୀର ବିକଶିତ ସହର ହଂକଂ, ସିଙ୍ଗାପୁର, ଦୁବାଇ ସମତୁଲ୍ୟ ସହର ନିର୍ମାଣ କରିବା, ଚତୁର୍ଥ - ପର୍ଯ୍ୟଟକଙ୍କ ସମ୍ମୁଖରେ ଦ୍ୱୀପ ପୁଞ୍ଜର ପ୍ରାକୃତିକ ଦୃଶ୍ୟକୁ ଅକ୍ଷୁର୍ଣ୍ଣ ରଖି ଭବିଷ୍ୟତର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କୁହାଯାଇଛି । ନୀତି ଆୟୋଗ ଦ୍ୱାରା ହରିୟାଣାରେ ଥିବା ଏ:ଇ:ସି:ଓ;ଏମ୍; ଆକାମ୍ ନାମକ ସଂସ୍ଥାକୁ ମାର୍ଚ୍ଚ ୨୦୨୧ରେ ନିକୋବର ପ୍ରକଳ୍ପର ସର୍ଭେ କରିବାକୁ ପଠାଇଥିଲେ, ରିପୋର୍ଟ ଅନୁସାରେ ଏହି ଦ୍ୱୀପ ଜାତୀୟ ସୁରକ୍ଷା, ପ୍ରତିରକ୍ଷା ତଥା ସାଧାରଣ ନାଗରିକ ମାନଙ୍କ ପାଇଁ ଅନୁକୂଳ ସାବ୍ୟସ୍ତ ହୋଇଛି । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## ସଂଘର୍ଷ

### ନୂତନ କୁମାର ବେହେରା



ମାଟି ବିଦାରି ଅଙ୍କୁରି ଉଠୁଥିବା ଚାରା ଗଛଟିଏ
ଅବା ମହାଦ୍ରୁମର ଲମ୍ବି ଯାଇଥିବା ଚେର ସବୁ
ପ୍ରତି ମୁହୂର୍ତ୍ତରେ କରି ଚାଲିଥାନ୍ତି ସଂଘର୍ଷ
କଅଁଳୁଥିବା ପତ୍ରଠୁ ମେଲୁଥିଲା ଶାଖା ପ୍ରଶାଖା
ବଢ଼ିବା ପାଇଁ ଫୁଲ ଫଳ ଦେବା ପାଇଁ ହିଁ
ଥା'ନ୍ତି ପ୍ରକୃତି କୋଳରେ ପ୍ରତିକୂଳକୁ ସାମ୍ନା କରି
ସୂର୍ଯ୍ୟର ଉଦୟରେ ଆସେ ଆଲୋକ
ଅସ୍ତ ହେଲା ପରେ ଘୋଟିଯାଏ ଘନ ଅନ୍ଧାର
ଆଲୋକ ଅନ୍ଧାରର ଚାଲିଥାଏ ସଂଘର୍ଷ
ଓଠରେ ଫୁଟାଇବାକୁ ମନ ଖୋଲା ମିଠା ହସ
ଝରି ଯାଉଥିବା ଆଖିର ଲୁହକୁ ପୋଛିବା ପାଇଁ
ପେଟର କ୍ଷୁଧା ମନର ଆଶା ଅଭିଳାଷ
ସବୁ କିଛିର ସଫଳତା ପାଇଁ ଚାଲିଛି ସଂଘର୍ଷ
ବଣ ଜଙ୍ଗଲର ଆଦିମ ଅଧିବାସୀଙ୍କଠାରୁ
ଏ ଯାଏଁ ଆଗକୁ ଆଗେଇ ଆସିଥିବା ସଭ୍ୟ ଶିକ୍ଷିତ
ଜାରି ରଖିଛି ସେଇ ସଂଘର୍ଷର ଧାରା କ୍ରମଶଃ
ଦୁନିଆଁରେ ବଞ୍ଚି ରହିବାକୁ ସମସ୍ତଙ୍କର ଇଚ୍ଛା ଆଶା
ଜିତୁ ଜିତୁ ହାରେ ପୁଣି ହାରି ଯାଇ ଜିତେ
ଉତ୍ଥାନ ପତନରେ ପ୍ରବାହିତ ହୁଏ ଜୀବନଧାରା
ସଂଘର୍ଷ ବିନା କ୍ଷଣେ ବଞ୍ଚି ରହିବାର ନାହିଁ ସମ୍ଭାବନା
ଜୀବନର ପ୍ରତି ପାଦରେ ଅଜଣା ଆତଙ୍କର ଭୟ
ଘଣ୍ଟାର ପ୍ରତିଟି ଟିକ୍ ଟିକ୍ ଶବ୍ଦ ଲାଗେ ଘଡ଼ିସନ୍ଧି
ସେଇ ଅଦେଖା ଭବିଷ୍ୟତକୁ ସ୍ୱାଗତ କରିବା ପାଇଁ
ଅନ୍ଧାର ଭିତରେ ଆଲୋକ ଖୋଜିବା ତ
ବର୍ତ୍ତମାନର ଜୀବନ ଆସନ୍ତାକାଲିର ନୂଆ ସକାଳ
ସବୁଠି ସବୁବେଳେ ଚାଲିଛି ଚାଲିଥିବ ସଂଘର୍ଷ।


+ କୋହି,ବାରିପଦା,ମୟୂରଭଞ୍ଜ

ମୋ: ୮୦୧୮୩୫୩୩୨୨


## ଭାରତର ଚନ୍ଦ୍ରଯାନ

### ଜୟନ୍ତ କୁମାର ମଲ୍ଲିକ୍



ତେଇଶି ଅଗଷ୍ଟ ଶୁଭସନ୍ଧ୍ୟା କାଳେ
ଭାରତର ଚନ୍ଦ୍ରଯାନ

ଦକ୍ଷିଣ ମେରୁରେ କରି ପଦାର୍ପଣ
ସୁରକ୍ଷିତ କଲା ସ୍ଥାନ,
ବିକଶିତ ରାଷ୍ଟ୍ର ହୋଇ ଆଚମ୍ବିତ
ଇସ୍ରୋକୁ ପ୍ରଶଂସା କଲେ

ପାକିସ୍ତାନ ପରି ଶତ୍ରୁ ରାଷ୍ଟ୍ର ଯେତେ
ଈର୍ଷାରେ ତ ଜଳିଗଲେ,

ଭାରତମାତାର ଯୋଗ୍ୟ ବୈଜ୍ଞାନିକ
ଇତିହାସ ରଚି ଦେଲେ

ଚନ୍ଦ୍ର ଅଭିଯାନେ ଯୋଡ଼ି ନୂଆ ଫର୍ଦ୍ଦ
ବିଶ୍ୱେ ଅଗ୍ରଗଣ୍ୟ ହେଲେ,

ସାରା ଦୁନିଆରେ ଏବେତ ଚର୍ଚ୍ଚିତ
ଆମ ବୈଜ୍ଞାନିକ ଗଣ

ବଢ଼ାଇ ଦେଲେତ ଦେଶର ସମ୍ମାନ
ଦେଖାଇଣ ବଡ଼ପଣ,
ଅନେକ ଅଜଣା ତଥ୍ୟ ସବୁ ଏବେ
ହାସଲ କରିବା ଆମେ

ଆମରି ତଥ୍ୟକୁ କିଣି ଅନ୍ୟ ଦେଶ
ଲଗାଇବେ ତାଙ୍କ କାମେ ।


+ଶୂରଡ଼ିହ, ନନ୍ଦିପୁର,
ଦଶରଥପୁର, ଯାଜପୁର,
ମୋ: ୯୪୩୭୮୬୫୭୨୭


## ଏତିକି ଇଚ୍ଛା ମୋର

### ଭବାନୀ ଶଙ୍କର ନନ୍ଦ



ପ୍ରତିଟି ସୁନେଲି କିରଣ ହେଇ
ପହଞ୍ଚି ପାରନ୍ତି କି ତମ ପାଖରେ ?

ପ୍ରତି ରାତି ପ୍ରେମ ରସଭରା
ଜହ୍ନର ଜ୍ୟୋତ୍ସ୍ନା ନେଇ
ଅଜାଡି ପାରନ୍ତି କି ତମ ଆକାଶରେ ?

ଅବା ଫୁଟି ପାରନ୍ତି କି
ନାନା ଫୁଲ ହେଇ ତମ ଅଗଣାରେ,
ଧାରେ ହସ ହେଇ ତମ ଅଧରରେ ?

କୌଣସି ମତେ ପହଞ୍ଚୁଥିବି
କିଛି ରୂପରେ ତମ ପାଖରେ
ବାସ୍ ଏତିକି ତ ମୋର ଇଚ୍ଛା ।


+ଯୁକ୍ତ ଦୁଇ ବିଜ୍ଞାନ (ପ୍ରଥମ ବର୍ଷ)
ପଞ୍ଚାୟତ ସମିତି ଉଚ୍ଚତର ମାଧମିକ ବିଦ୍ୟାଳୟ,
ଘସିଏନ୍, ପାଟଣାଗଡ଼
ମୋ: ୭୦୭୭୯୧୬୫୭୫


## ଚନ୍ଦ୍ର ଅଭିଯାନ

### ସୁସ୍ମିତା ଦାସ

ଆମ ଭାରତର ଚନ୍ଦ୍ର ଅଭିଯାନ
ସଫଳ ହୋଇଲା ଆଜିତ -

ଏଥରକ ଆମ ବିଜ୍ଞ ବୈଜ୍ଞାନିକ
ଜିତିଲେ ବିରାଟ ବାଜିତ,
ଆମେରିକା ଚୀନ ଋଷ ପରେ
ପରେ
ମୋ ଦେଶ ସଫଳ ହୋଇଲା -

ସରବ ପ୍ରଥମେ ଦକ୍ଷିଣ ମେରୁରେ
ଗରବେ ପାଦ ସେ ଥୋଇଲା,
ବିକଶିତ ଦେଶ ଭାବରେ ଭାରତ
ଶଙ୍ଖନାଦ କଲା ଗରବେ -

ଏକଶ ଚାଳିଶି କୋଟି ଦେଶବାସୀ
ଖୁସିଲେ ଝୁମିଲେ ସରବେ,
ଇସ୍ରୋର ଏହି ବିରଳ କୃତିତ୍ୱ
ବିଶ୍ୱଜନ ମନ ମୋହିଲା -

ଆମ ମହାକାଶ ବିଜ୍ଞାନୀ ମହାନ
ଏହା ପ୍ରମାଣିତ ହୋଇଲା ।


+କଣ୍ଟାବଣିଆ, ଯାଜପୁର, ଓଡ଼ିଶା





# ମାଧିଆର ବୁଦ୍ଧି ପରୀକ୍ଷା

ଶୁଭନାରାୟଣ ଶତପଥୀ



ମାଧିଆ ଭାରି ଗରିବ ପିଲା । କିନ୍ତୁ ଭାରି ସରଳ ପ୍ରକୃତିର । ଛନ୍ଦକପଟ ଜାଣେନା । ଯିଏ ଯାହା କହିଲେ କାହାରିକୁ ନାହିଁ କରେ ନାହିଁ । ସେଦିନ ଥାଏ ରକ୍ଷା ବନ୍ଧନର ପର୍ବ । ସବୁ ପିଲାମାନେ ପରସ୍ପରକୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଉଥାନ୍ତି । ମାଧିଆ ଭାରି ଗରିବ ହୋଇଥିବାରୁ ନିଜ ପାଇଁ ରାକ୍ଷୀଟିଏ କିଣିପାରିନି । ସେପଟେ ବାପାଙ୍କ ଦେହ ଭୀଷଣ ଖରାପ ହୋଇଥିବାରୁ ସେ ଚଲାବୁଲା କରିପାରୁନଥାନ୍ତି । ସେଦିନ ମାଧିଆର ବୋଉ ମାଧିଆ ହାତରେ ଶହେଟଂକା ଧରାଇଦେଇ ଔଷଧ ଆଣିବାକୁ କହିଲେ । ମାଧିଆ ସେ ଟଂକାକୁ ନେଇ ଔଷଧ ଆଣିବାକୁ ବାହାରିଲା । ଏହି ସମୟରେ ରାସ୍ତାରେ କମଳା ଅପା ସହିତ ଦେଖାହେଲା । ସେ ଏକ ରାକ୍ଷୀ ମାଧିଆ ହାତରେ ବାନ୍ଧିଦେବାରୁ ମାଧିଆ ସେହି ଶହେ ଟଙ୍କାରୁ ଦଶଟଂକା ତାଙ୍କୁ ଦେଲା । କମଳା ଅପା ଆଶୀର୍ବାଦ କରି ଚାଲିଗଲେ । ତାପରେ ବାଟରେ ରୋଜାଲିନ ଅପା, କୁନ୍ତଳା ଅପା, ସୁନି ଅପା, ଝିଲି ଅପା, ମିଲି ଅପା, ଡଲି ଅପା, ସୋନାଲି ଅପା, ମୋନାଲି ଅପା ସହିତ ଦେଖା ହୋବାରୁ ସେମାନେ ରାକ୍ଷୀ ବାନ୍ଧିଲେ ଓ ପ୍ରତ୍ୟେକଙ୍କୁ ଦଶ ଟଂଙ୍କା ଲେଖାଏଁ ଦେଲା ମାଧିଆ । ଏହାପରେ ମାଧିଆ ଔଷଧ ଦୋକାନରେ ପହଁଚିଲାବେଳକୁ ତା ପକେଟରେ ଆଉ ମାତ୍ର ଦଶଟଙ୍କା ବଳକା ଅଛି । ବିଚରା ମାଧିଆ ମନ ଦୁଃଖରେ ଦୋକାନୀକୁ ସବୁକଥା କହିଲା ଓ ଔଷଧ ଦେବାକୁ କହିବାରୁ ଦୋକାନୀ ରୋକଠୋକ ମନା କରିଦେଲା । ମାଧିଆ ଖାଲି ହାତରେ ଘରକୁ ଫେରିଲା । ତାର ବୋଉ ଔଷଧ ମାଗିବାରୁ ମାଧିଆ ସବୁ ଘଟଣା କହିଲା । ବୋଉ କହିଲେ ତୁ ଏମିତି ଓଲା ହେଲେ ଚଳିବୁ କେମିତି ? ରାକ୍ଷୀ ବଦଳରେ ସବୁଠି ଟଙ୍କା ଦେବାକୁ ତୋତେ କିଏ କହିଲା । ମାଧିଆ କହିଲା ସମସ୍ତେ ଦେଉଛନ୍ତି । ବୋଉ କହିଲେ ରାକ୍ଷୀ ବାନ୍ଧିଲେ ସ୍ନେହ, ଶ୍ରଦ୍ଧା, ସଂପର୍କ ବଢେ । ତାହା ଅର୍ଥ ସହିତ ତୁଳନୀୟ ନୁହେଁ । ଏବେ ଔଷଧ କେଉଁଠୁ ଆସିବ ? ଚିନ୍ତାରେ ଥାଆନ୍ତି ମାଧିଆର ବୋଉ । ଏହି ସମୟରେ କବାଟ ଠକ୍‌ଠକ୍ ଶୁଭିଲା । ରାକ୍ଷୀ ବାନ୍ଧିଥିବା ସବୁ ଅପାମାନେ ଦୁଆର ମୁହଁରେ ହାଜର । କମଳା ଅପା କହିଲେ ଏଇ ନିଅନ୍ତୁ ମାଉସୀ ମଉସାଙ୍କ ଔଷଧ । ମାଧିଆର ବୋଉ ପଚାରିବାରୁ କହିଲେ ଦୋକାନୀଠାରୁ ଆଣିଲୁ । ସବୁ ଅପାମାନେ ମିଶି କରି କହିଲେ ଆମେ ମାଧିଆର ବୁଦ୍ଧି ପରୀକ୍ଷା କରୁଥିଲୁ । ଏହାପରେ ସେ କହିଲେ ଆରେ ମାଧିଆ ଆୟ ଦେଖି ବ୍ୟୟ କରିବୁ । ଆବଶ୍ୟକତା ଦେଖି ଖର୍ଚ୍ଚ କରିବୁ ତାହେଲେ ସବୁ ଠିକ ହେବ । ଅନ୍ୟକୁ ଦେଖି ବା ଶୁଣି କାମ କଲେ ନିଜେ ଅସୁବିଧାରେ ପଡିବା ସାର ହେବ । ମାଧିଆ କହିଲା ଯାହାହେଉ ସବୁ ଭଉଣୀମାନେ ମିଶି ମୋତେ ଭଲ ଜ୍ଞାନ ଦେଲେ ଯେ ବଂଚିଥିବାଯାଏଁ ମନେ ରହିବ । ଏଥର ମାଧିଆ ସବୁ ବୁଝିପାରୁଥିଲା । ବାପା ଔଷଧ ଖାଇଲେ ଓ ଧିରେ ଧିରେ ସୁସ୍ଥ ହେଲେ । ମାଧିଆ ସମସ୍ତଙ୍କୁ କହିଲା ଶୁଭ ରକ୍ଷା ବନ୍ଧନ ।

+ବିଜିପୁର, ବ୍ରହ୍ମଗିରି, ,ପୁରୀ
ମୋ-୯୪୩୮୪୩୨୦୨୩

# ବର୍ଷା ଋତୁ ଓ ବୁଢା ବେଙ୍ଗ



ସୁବ୍ରତ ମଲିକ


ଗାଁର ଶେଷ ମୁଣ୍ଡରେ ସଦାନନ୍ଦ ବାବୁଙ୍କ ଘର । ଘର ପାଖରେ ଗଡ଼ିଆଟିଏ ଖୋଳିଥିଲେ । ସେହି ଗଡ଼ିଆ କୂଳରେ ବୁଢ଼ା ବେଙ୍ଗଟିଏ ନିଜ ପରିବାର ସାଥେ ରହୁଥାଏ । ସେଠାରେ ସାପମାନଙ୍କ ଅନୁପସ୍ଥିତି ସେମାନଙ୍କ ନିର୍ଭୟରେ ରହିବାର କାରଣ ସାଜେ । ଗ୍ରୀଷ୍ମ ଋତୁ ସରି ବର୍ଷା ଦିନ ଆସିଲା । ମୁଷଳ ଧାରାରେ ଅବିରତ ବର୍ଷା ପ୍ରଭାବରେ ସେହି ଅଞ୍ଚଳ ବନ୍ୟାର ସମ୍ମୁଖୀନ ହେଲା । କିଛି ଦିନ ଉପରାନ୍ତେ ବର୍ଷା ପରିମାଣ କମିଯିବା ସହିତ ବନ୍ୟା ପାଣି ବି କମିଗଲା । କିନ୍ତୁ ବନ୍ୟା ପାଣି ଯୋଗୁଁ ଗୋଟିଏ ଧଣ୍ଡ ସାପଟିଏ ଆସି ସେହି ଗଡ଼ିଆରେ ରହିଗଲାଫ । ସେହି ଧଣ୍ଡଟି ଗଡ଼ିଆର ହୁଡ଼ା ଉପରେ ଦିନେ ବୁଲୁଥିଲା ବେଳେ ବେଙ୍ଗମାନଙ୍କୁ ଗଡ଼ିଆ କୂଳରେ ଖେଳୁଥିବାର ଦେଖି ସେମାନଙ୍କୁ ଖାଇବ ବୋଲି ମନ କଲା । ତେଣୁ ଆଉ ବିଳମ୍ବ ନ କରି ସେ ସେମାନଙ୍କ ଆଡକୁ ଆସିଲା । ସେମାନଙ୍କ ଆଡ଼କୁ ଧଣ୍ଡ ସାପଟି ଆସୁଥିବାର ବୁଢ଼ା ବେଙ୍ଗ ଟିକେ ଦୂରରୁ ଜାଣି ପାରିଲା । ତେଣୁ ସେ ନିଜକୁ ଓ ନିଜ ପରିବାରକୁ କେମିତି ବଞ୍ଚାଇବ ଭାବୁ ଭାବୁ ଆଉ ଅନ୍ୟ ଉପାୟ ନ ପାଇ ପରିବାର ସାଥେ ସଦାନନ୍ଦ ବାବୁଙ୍କ ଘର ମୁହାଁ ହେଲା । ସଦାନନ୍ଦ ବାବୁ ବୁଢା ବେଙ୍ଗ ଓ ତା ପରିବାରକୁ ନିଜ ଘର ଆଡ଼କୁ ଆସୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଓ ବୁଢ଼ା ବେଙ୍ଗକୁ ଅଟକାଇ ଆସିବାର କାରଣ ପଚାରିଲେ ।

‘ ଧଣ୍ଡ ସାପଟି ସେମାନଙ୍କୁ ଖାଇବା ପାଇଁ ଗୋଡ଼ାଇଥିବାରୁ ଜୀବନ ରକ୍ଷା ପାଇଁ ତୁମ ଘର ଆଡ଼େ ପଳାଇ ଆସିଲୁ । ଆମ ଜୀବନ ରହିବ କି ଯିବ ଏବେ ତୁମ ଉପରେ ନିର୍ଭର କରେ । ଆମେ ତୁମର ଶରଣ ଚାହୁଁ ବୋଲି ବୁଢ଼ା ବେଙ୍ଗଟି କହିଲା ।’ କିଛି ସମୟ ପରେ ଧଣ୍ଡଟି ଆସି ସେଠାରେ ପହଁଞ୍ଚିଲା । ବେଙ୍ଗଗୁଡିକୁ ଖାଇବାକୁ ଉଦ୍ୟମ କଲାରୁ ସଦାନନ୍ଦ ବାବୁ ତାକୁ ଅଟକାଇଲେ ଏବଂ ଧଣ୍ଡଟିକୁ ଠେଙ୍ଗାରେ ବାଡେଇ ମାରିଦେଲେ । ଏ ଉପକାରର ଋଣ ସୁଯୋଗ ମିଳିଲେ ଶୁଝିବେ ବୋଲି ପ୍ରତିଶ୍ରୁତି ସହିତ ଧନ୍ୟବାଦଟିଏ ଦେଇ ବୁଢ଼ା ବେଙ୍ଗ ନିଜ ପରିବାର ସାଥେ ଗଡ଼ିଆ କୂଳକୁ ଫେରିଆସିଲା । ଏହି ଘଟଣା ପରେ ବହୁତ ଦିନ ଧରି ବର୍ଷା ହେଲା ନାହିଁ । ସବୁଆଡେ ପାଣିର ଅଭାବ ଦେଖାଦେଲା । ଗଡ଼ିଆରେ ମୁନ୍ଦାଏ ଜଳ ବି ରହିଲା ନାହିଁ । ସଦାନନ୍ଦ ବାବୁଙ୍କ ଘରେ ଏପରି ସମୟରେ ନିଆଁ ଲାଗିଗଲା । ପାଖରେ ପାଣି ତ ନାହିଁ, ନିଆଁ ଲିଭାହେବ କିପରି । ସଦାନନ୍ଦ ବାବୁଙ୍କ ବିକଳ ଶୁଣି ବୁଢ଼ା ବେଙ୍ଗ ସଙ୍ଗେ ସଙ୍ଗେ ତା ପରିବାର ସାଥିରେ ସେଠାରେ ଆସି ପହଞ୍ଚିଲା । ଆଉ ଡେରି ନ କରି କେଁ କେଁ କଟର ରଡି କରିବା ଆରମ୍ଭ କରିଦେଲେ । ସେମାନଙ୍କ ରଡି ଶୁଣି ଇନ୍ଦ୍ରଦେବ ସେହି କ୍ଷଣି ବର୍ଷା କଲେ । ଫଳରେ ନିଆଁ ନିମିଷକ ମଧ୍ୟରେ ଲିଭିଗଲା । ବୁଢ଼ା ବେଙ୍ଗ ପାଖକୁ ଆସି ସଦାନନ୍ଦ ବାବୁ କୃତଜ୍ଞତା ପ୍ରକାଶ କରିବା ସହ ସେହି ଗଡ଼ିଆ କୂଳରେ ବଞ୍ଚିଥିବା ଯାଏ ରହିବା ପାଇଁ ଅନୁରୋଧ କଲେ । ବୁଢ଼ା ବେଙ୍ଗଟି କେଁ କଟର ମାଧ୍ୟମରେ ସମ୍ମତି ଜଣାଇ ପୁଣି ସେହି ଗଡ଼ିଆ କୂଳ ନିକଟକୁ ନିଜ ପରିବାର ସାଥିରେ ଫେରିଗଲା ।



+କୋରୁଆ , ଅସୁରାଳି , ଭଦ୍ରକ
ମୋ: ୭୦୦୮୩୧୫୯୧୬

## କବିତା
ତୁମ ପାଇଁ



### ସୁଯୋଗ୍ୟ ସନ୍ତାନ
ଶୁଭଦର୍ଶିନୀ ଦାଶ

ଜହ୍ନମାମୁଁ ଘର ଆଉ ନୁହେଁ ପ୍ରହେଳିକା
ବିକ୍ରମ ପହଞ୍ଚିଯାଇଛି ସେଠି ସତସତିକା
ଉଡେଇଦେଇଛି ଆମ ତ୍ରିରଙ୍ଗା ପତାକା ।

ପ୍ରଜ୍ଞାନ ଯାଇଛି ସାଙ୍ଗରେ ତା’ର
ଦେଖାଇଦେବ ଆମକୁ ଆମ ଦୂର ମାମୁଁଘର
ଉଠାଇ ପଠାଇବ ଫୋଟଚିତ୍ର ।

ସାଥିରେ ନେଇଯାଇଛନ୍ତି ଯେତେ ଯନ୍ତ୍ରପାତି
ପରଖିବେ ମାମୁଁଘର ପାଣି ପବନ ଓ ମାଟି
ଏବେ କେହି କହିବେ ନାହିଁ
ଆମ ମାମୁଁଘରେ ଠେକୁଆ ବସିଛି ।

ଦକ୍ଷିଣମେରୁରେ ପ୍ରଥମେ ଥାପି ପାଦ
ଦୁହେଁ ଏବେ ହେଲେ ବିଶ୍ୱବିଖ୍ୟାତ
ଧନ୍ୟଧନ୍ୟ ସେହି ଭାରତମାତାର
ସୁଯୋଗ୍ୟ ସନ୍ତାନ
ଯାହା ପାଇଁ ସବୁ ଭାରତୀୟଙ୍କର ଛାତି
ଖୁସିରେ ହୁଏ କୁଣ୍ଢେମୋଟ ।

ଚଉଦଦିନରେ ସରିଯିବ ତାଙ୍କ ମାମୁଁଘର ବୁଲା
ଯୁଗ ଯୁଗକୁ ଛାଡ଼ିଦେଇ ଆସିବେ
ଭାରତ ମା’ର ଅଶୋକସ୍ତମ୍ଭ ଚିହ୍ନ
ଧନ୍ୟ ତୁମେ ବୈଜ୍ଞାନିକ ରଚିଲ ଇତିହାସ
ମା’ମାଟିର ତୁମେ ଅଟ ସୁଯୋଗ୍ୟ ସନ୍ତାନ ।

+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

### ଆଉ କିଏ ହେବ ତାହାର ସରି
ସୁଦର୍ଶନ ମହାପାତ୍ର

ବୟସ ଜମାରୁ ହେବ ବାଆର
ସ୍ୱାଧୀନତା ଅର୍ଥ ହେଲା ଗୋଚର
ମେଳିଙ୍କର ହେଲା ଯାହା ବିଚାର
ଡରିବ ନାହିଁ
ଗଲେ ଯିବ ପ୍ରାଣ ଦେଶ ପାଇଁ ଯାଉ
ଇଂରେଜ ଧମକ ମାନିବ ନାହିଁ ।

ଆସିଛନ୍ତି ଶତ୍ରୁ ଖାଇବେ ଲୁଟି
କରିଛି ସେ ପଣ ଜଗିବ ମାଟି
ନଈ ସେପାରିରୁ ଶୁଭଇ ପାଟି
ଫିରିଙ୍ଗି ଲୋକ
ଧମକ ଆସିଲା ନାଆ ନେଇ ଆ
ନଚେତ୍ ମରିବୁ ଦେଖ୍ ବନ୍ଧୁକ ।

ଶୁଣିଥିଲା ଖାଲି ଦେଖିଲା ଆଜି
ବିସ୍ଫାରିତ ହେଲା ନୟନ ରାଜି
ମାଟି ମା’ କଥା ମନରେ ହେଜି
ଭୟ ନ ମଣେ
ଆମ ରାଇଜର କୁନି ସଂଗ୍ରାମୀ
ଜବାବ୍ ଫେରାଏ ନିର୍ଭୀକ ପଣେ ।

ମାଟି ଛୁଇଁ ପରା ଦେଇଛି ରାଣ
ନଈଁବନି ମୁଣ୍ଡ କରିଛି ପଣ
ଦମ୍ଭ ଧରି କଲା ଛାତିକୁ ଟାଣ
କାତକୁ ଧରି
ଫେରିଯାଅ ତୁମେ ଶତ୍ରୁ ଆମର
କହିଲା ମନରେ ସାହସ ଭରି ।

ରାଗ ଅହଂକାରେ ରାକ୍ଷସ ଗଣ
ହରାଇ ବସିଲେ ବିବେକ ଜ୍ଞାନ
କ୍ଷମତାର ନିଶା କଲା ପ୍ରବଣ
ଟିକି ଛାତିରେ
ଛାଇ ଦେଲେ ଗୁଳି ଗୋଟା କେତକେ
ବାଲୁତ ଭିଜିଲା ରକତ ଧାରେ ।

କନିଷ୍ଠ ସହୀଦ ବାଜି ରାଉତ
ଗାଥା ତା’ର ପରା ଆଜି ଜୀବନ୍ତ
ଏ ଦେଶ ମାଟିର ପୁଣ୍ୟ ବହୁତ
ବାଜିଆ ପରି
ପୁଅ ଜନ୍ମିଥିଲା କୋଳରେ ତା’ର
ଆଉ କିଏ ହେବ ତାହାର ସରି ।

+କୁଞ୍ଜବିହାରୀ ଲେନ, କଟକ

### ମୋ ମାଆଲୋ
ସୁନୀଲ କୁମାର ପ୍ରଧାନ



ବିଦ୍ୟାଳୟୁ ଆମେ ଫେରିବା ବାଟକୁ
ଜଗି ବସି ଥାଉ ଲୋ
ନାନା ଦରବକୁ ସାଇତି ରଖିଣ
ମତେ ସବୁ ଦେଉ ଲୋ ।

ଖେଳିବାକୁ ଯଦି ଯାଇଥିବି ଦାଣ୍ଡେ
ବାଟ ଚାହିଁ ରହୁ ଲୋ
କଇଁ କଇଁ ହୋଇ କାନ୍ଦିଲେ କେତେ ମୁଁ
ମତେ ତୁନାଇ ଦେଉଲୋ ।

ନାନା ପିଠା ପଣା ଆରିସା କାକରା
ତିଆର ତୁ କରୁଲୋ
ଖାଇଦେ ଖାଇଦେ ନାନା ଗୀତ ଗାଇ
ସୁଆଇ ତୁ ଦେଉଲୋ ।

ଯାନୀ ଯାତରାକୁ ନୂଆଁ ପୋଷାକଟେ
କିଣି ମତେ ଦେଉଲୋ
ଜ୍ୱର ଯଦି ମତେ କେବେ ହୋଇଗଲା
ପାଖେ ସଦା ରହୁଲୋ ।

ମୋର ପାଇଁ ତୁହି କେତେ ଓଷା ବ୍ରତ
ପାଳନ ତୁ କରୁଲୋ
ତୋର ଋଣ ଅବା କେ ସୁଝି ପାରିବ
ଧନ୍ୟ ମୋର ମାଆଲୋ ।

+ଝାଟିପଦର,ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

### ଆମରି ଗାଆଁର ସଞ୍ଜ
ଅଶୋକ କୁମାର ପ୍ରଧାନ

ଆମରି ଗାଆଁରେ ପଶ୍ଚିମ ଆକାଶେ
ଯେବେ ରବି ଯାଏ ନୁଇଁ
କେମିତି କେଜାଣି ଅନ୍ଧାର ସଞ୍ଜଟା
ମୋ ଗାଆଁକୁ ଦିଏ ଛୁଇଁ ।

ସିଏ ଛୁଇଁ ଗଲେ ମୋ ଗାଆଁ ଛାତିରେ
କଳା ପରାଦାଟେ ପଡେ
ଦେଖା ଯାଏ ନାହିଁ ଆଗକୁ କିଛିବି
ଧିରେ ଅନ୍ଧାରୁଆ ବଢେ ।

ସେ ଆସିବା ଦେଖି ଦୂର ରାଇଜରୁ
ପକ୍ଷୀଏ ଫେରନ୍ତି ନୀଡେ
କିଚିରି ମିଚିରି ଶବଦ ଶୁଭଇ
ଗାଆଁ ତୋଟା ମାଳ ଭିଡେ ।

କିଆ ଗୋହିରୀରୁ ବିଲୁଆ ନନାର
ହୁକେ ହୋ ରଡି ଶୁଭେ
ଅନ୍ଧାର ଭିତରେ କେତେ କଥା ଆମ
ଗାଆଁର ଛାତିରେ ଡୁବେ ।

ତୁଳସୀ ଚଉରା ମୂଳେ ବୋଉ ଆମ
ସଞ୍ଜ ଦୀପଟିଏ ଜାଳି
ଠାକୁରଙ୍କ ପାଶେ ମୁଣ୍ଡିଆ ମାରଇ
କେତେ ସୁକାମନା ଭାଳି ।

ମନ୍ଦିର ଭିତରୁ ନିଧି ମଉସାଙ୍କ
ଶୁଭେ ଘଣ୍ଟ ଶଙ୍ଖ ନାଦ
ବିଭୁ ଆରାଧନା କରନ୍ତି ସଭିଏଁ
ଭୁଲି ମନୁ ଭେଦ-ବାଦ ।

ଟୁଆଁ ଟୁଇଁବହି ବସ୍ତାନି ଧରିକି
ପାଠ ପଢୁଥାନ୍ତି ବସି
ଆଇମା କାହାଣୀ ଶୁଣନ୍ତି ସରାଗେ
ମୁହଁରେ ଅଳପ ହସି ।

ସଞ୍ଜ ଆକାଶରେ ଜହ୍ନ ଗହଣରେ
କୋଟି ତାରା-ଫୁଲ ଫୁଟେ
ଗାଆଁର ସଞ୍ଜୁଆ ଅନୁଭୂତି ନେଇ
ମରତୁ ସରଗେ ଛୁଟେ ।

ଆମ ଗାଁ ରେ ସଞ୍ଜ କେଡେ ମଜା ଲାଗେ
ମନୁ ଭୁଲି ହୁଏ ନାହିଁ
ସଞ୍ଜ ନୁହେଁ ସେତ ଅଭୂଲା ରୂପଟେ
ଭାବେ ଆକାଶକୁ ଚାହିଁ ।

+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ,
ରୋହିଗାଁ ,ଗଞ୍ଜାମ
ମୋ-୮୨୪୯୧୧୯୩୦



### ସାକ୍ଷୀ ରାକ୍ଷୀ ସାକ୍ଷୀ ଚକାଆଖି
ନିରଞ୍ଜନ ସାହୁ

ଭାଇ ହାତେ ରାକ୍ଷୀ ବାନ୍ଧିବି
ଗହ୍ମା ପୁନେଇଁ ଆଜି
ରାକ୍ଷୀ ବାନ୍ଧିବାକୁ ମୋ ଭାଇ
ପରା ହୋଇଛି ରାଜି ।

ଛାତ୍ରାବାସ ଛାଡି ଘରକୁ
ଭାଇ ଆସିଛି ଫେରି
ମାଆବାପା , ସାଙ୍ଗସାଥିଏ
ତାକୁ ଅଛନ୍ତି ଘେରି ।

ମୋ କଥା ରଖିକି ଆସିଛି
ଖୁସି ଆମରି ଘରେ
ଗେହ୍ଲା ଭଉଣୀ ମୁଁ ତାହାର
ତାକୁ ଅଳି ବି କରେ ।

ଭାଇ ବୁଝେ ଅଳି ଅଝଟ
ମୋତେ କରାଏ ଖୁସି
ହସାଇ ହସାଇ ଗଡ଼ାଏ
ଯେବେ ଥାଏ ମୁଁ ରୁଷି ।

ଭାଇ ମୋର ସାହା ଭରସା
କିଏ ତା ପରି ହେବ
ଭବିଷ୍ୟତେ ମୋର ଦାୟିତ୍ୱ
ସେହି ଭାଇ ହିଁ ନେବ ।

ଠାକୁରଙ୍କ ପାଖେ ପୂଜିକି
ଆଣି ମୋହରି ରାକ୍ଷୀ
ଭାଇ ହାତେ ନେଇ ବାନ୍ଧିବି
ପ୍ରଭୁ ରହିବେ ସାକ୍ଷୀ ।

ଅରୁଆ ଚାଉଳ ସହିତେ
ଆଣିକି ଫୁଲ, ଦୁବ
ଭାଇର ମଥାରେ ପକାଇ
ଦେଲେ ହୋଇବ ଶୁଭ ।

ବନ୍ଦାପନା ପୁଣି କରିବି
ମିଠା ଖୁଆଇ ଦେବି
ଭାଇକୁ ପ୍ରଣାମ ବାଢ଼ିକି
ଆଶୀର୍ବାଦ ମୁଁ ନେବି ।

ଭାଇ ହସିଦେବ ସରାଗେ
ଉପହାରଟେ ଦେଇ
ଖୁସିରେ ଗ୍ରହଣ କରିକି
ନାଚିବି ଥେଇଥେଇ ।

ହେ ରାକ୍ଷୀ ପୂର୍ଣ୍ଣିମା ! ଘେନିବ
ମୋର ଜୁହାର ବାରେ
କୃପା କରିଥିବ ଭାଇକି
ଦୟା ଥିବ ମୋ ଠାରେ ।

ରାକ୍ଷୀ ରହିଥାଉ ସାକ୍ଷୀ ଯେ
କିଛି ନ ଚାହେଁ ଆଉ
ଭାଇ ସହ ସାରା ଜୀବନ
ଭାବ ଏମିତି ଥାଉ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ: ୭୫୯୦୧୬
ମୋ : ୯୯୩୮୭୪୧୫୮୩

### ଟୁଉକୁ ମୂଷୀ ଲୋ ଟୁଉକୁ ମୂଷୀ...
ରାମଚନ୍ଦ୍ର ବେହେରା

ଟୁଉକୁ ମୂଷୀ ଲୋ ଟୁଉକୁ ମୂଷୀ
ଶ୍ରାବଣ ପୁନେଇଁ ଆସୁଛି ହସି
ଭଉଣୀ ବାନ୍ଧିବ ଭାଇ ହାତେ ରାକ୍ଷୀ
ଜଗତେ ସରବେ ହୋଇବେ ଖୁସି ।

ପୁନେଇଁ ତିଥିରେ ଭଉଣୀ ଯାଇଁ
ଭାଇକୁ ମିଳଇ ହରଷ ହୋଇ
ଅତି ଶରଧାରେ ଚନ୍ଦନ ସିନ୍ଦୁର
ଭାଇର ମଥାରେ ଦିଏ ଲଗେଇ ।

ଦୀପ ବନ୍ଦାପନା ବିଧିରେ କରି
ଭାଇ ହାତେ ବାନ୍ଧେ ରାକ୍ଷୀର ଡୋରୀ
ପ୍ରଭୁଂକ ଆଶିଷ ହୃଦୟେ ମାଗଇ
ଭାଇର ମଂଗଳ କାମନା କରି ।

ଟୁଉକୁ ମୂଷୀ ଲୋ ଟୁଉକୁ ମୂଷୀ
ରାକ୍ଷୀ ପିନ୍ଧି ଭାଇ ହୁଅଇ ଖୁସି
ସ୍ନେହର ପ୍ରତୀକ ଉପହାର ଟିଏ
ଭଉଣୀକୁ ଦିଏ ସେ ହସି ହସି ।

ଭଉଣୀକୁ ମିଳେ ଭାଇ ଆଶିଷ
ବଢିଯାଏ ତା’ର ମନେ ବିଶ୍ୱାସ
ଭାଇ ଭଉଣୀର ପବିତ୍ର ସମ୍ପର୍କ
ଜଗତରେ ବାଣ୍ଟେ ଖୁସି ଅଶେଷ ।

+ତେନ୍ତୁଲିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ବିଦ୍ୟୁତ୍ ପ୍ରକଳ୍ପ କରିବେ ଏନ୍ଏଲ୍ସି, ଏମ୍ସିଏଲ୍: ରାଜ୍ୟ କୋଟା ବିଦ୍ୟୁତ୍ ଗୋଲ୍



ଭୁବନେଶ୍ୱର, ୨୫/୦୮ (ନି.ପ୍ର): ଓଡ଼ିଶାରେ ଦୁଇ କେନ୍ଦ୍ରୀୟ ଉଦ୍ୟୋଗ ନଭେଲି ଲିଗ୍ନାଇଟ୍ କର୍ପୋରେସନ୍ (ଏନ୍ଏଲ୍ସି) ଓ ମହାନଦୀ କୋଲ୍ ଫିଲ୍ଡସ୍ (ଏମ୍ସିଏଲ୍) ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବେ। ଓଡ଼ିଶାର ଜମି, କୋଇଲା ଓ ପାଣି ବ୍ୟବହାର ହେବ। ଧୂଆଁ, ପ୍ରଦୂଷଣ, ପାଉଁଶ ଗିଳିବେ ରାଜ୍ୟବାସୀ। ହେଲେ ଉପକୃତ ହେବେ ତାମିଲନାଡୁ, କେରଳ, ପୁଡୁଚେରି ଭଳି ରାଜ୍ୟ। ଓଡ଼ିଶାକୁ ଟଙ୍କାକର ଫାଇଦା ହେବନାହିଁ। କେନ୍ଦ୍ର ସରକାରଙ୍କ ନୀତି ନିୟମକୁ ଦଳିମକଚି ଦୁଇ କେନ୍ଦ୍ରୀୟ ସଂସ୍ଥା ଏବେ ଅନ୍ୟ ରାଜ୍ୟ ସହିତ ଏଭଳି ବିଦ୍ୟୁତ୍ କିଣା ଚୁକ୍ତି ସ୍ୱାକ୍ଷର କରିସାରିଲେଣି। ପ୍ରସ୍ତାବିତ ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟବାସୀ ପରିବେଶ ଆଦି କାରଣରୁ କେତେ କ୍ଷତି ସହିବେ, ତାହା ଆକଳନ ହୋଇନାହିଁ। ମାତ୍ର ଶକ୍ତି ସମୀକ୍ଷକମାନେ ହିସାବ କଲେଣି ଯେ ରାଜ୍ୟର ପାଖାପାଖି ୬୭୪ କୋଟି ଟଙ୍କା ଲାଭ ଅର୍ଥ ହାତଛଡ଼ା ହେବ। ଏଭଳି ଏକ ସାଂଘାତିକ ଚିତ୍ର ଏବେ ସାମ୍ନାକୁ ଆସିଛି। ଆହୁରି କୌତୂହଳ କଥା ହେଉଛି, ରାଜ୍ୟ ସରକାରଙ୍କ ନିରବତା ଏ କ୍ଷେତ୍ରରେ ଯେମିତି ରହସ୍ୟଜନକ, ଗ୍ରିଡ୍କୋ ଭୂମିକା ସେମିତି ସନ୍ଦେହ କଲାଭଳି। ଖବରଟି ହେଲା ଏମିତି। ଓଡ଼ିଶାରେ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ହେଲେ ରାଜ୍ୟ ପ୍ରଦୂଷଣର ଜ୍ୱାଳା ସହିବ ହିଁ ସହିବ। ଏହାର ପ୍ରତିବଦଳରେ ସ୍ୱାଭାବିକ ଭାବେ ରାଜ୍ୟ ଉତ୍ପାଦିତ ବିଦ୍ୟୁତ୍ରୁ ନିର୍ଦ୍ଦିଷ୍ଟ ଭାଗ ପାଇବାକୁ ହକ୍ଦାର। କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ, ପୂର୍ବରୁ କେନ୍ଦ୍ରୀୟ ବିଦ୍ୟୁତ୍ ଉଦ୍ୟୋଗ ଉତ୍ପାଦିତ ବିଦ୍ୟୁତ୍ରୁ ସଂପୃକ୍ତ ରାଜ୍ୟକୁ ୧୦% ପ୍ରଦାନ କରୁଥିଲେ। ଏବେ ତାହା ସଂଶୋଧିତ ହୋଇ ୫୦%କୁ ବୃଦ୍ଧି ପାଇଛି। ହେଲେ ଏଭଳି ଆନୁଷ୍ଠାନିକ ବ୍ୟବସ୍ଥାକୁ ଉଭୟ ସଂସ୍ଥା ଫାଙ୍କିଦେଇଛନ୍ତି। ଏନ୍ଏଲ୍ସି ଓ ଏମ୍ସିଏଲ୍ ତଲାବିରା ଏବଂ ବସୁନ୍ଧରା କୋଇଲା ଖଣି ଅଞ୍ଚଳରେ ଯଥାକ୍ରମେ ୨୪୦୦ ଓ ୧୬୦୦ ମେଗାୱାଟ୍ ଉତ୍ପାଦନ କ୍ଷମତାର ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ଲାଗି ଯୋଜନା ଚୂଡ଼ାନ୍ତ କରିଛି। ଉଭୟ ପ୍ରକଳ୍ପ ଲାଗି ପ୍ରାୟ ୩୬ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ହେଲେ ରାଜ୍ୟ ପାଇଁ ଏଭଳି ବିପୁଳ ପୁଞ୍ଜିନିବେଶ ଏବେ ଆଶୀର୍ବାଦ ବଦଳରେ ଅଭିଶାପ ହେବାକୁ ଯାଉଛି। କାରଣ ଉଭୟ ପ୍ରକଳ୍ପରୁ ଓଡ଼ିଶା ଗୋଟିଏ ମେଗାୱାଟ୍ ବିଦ୍ୟୁତ୍ ପାଇବାର ନାହିଁ। ବିଦ୍ୟୁତ୍ ସମୀକ୍ଷକମାନଙ୍କର ଯୁକ୍ତି ହେଲା- ସ୍ୱତନ୍ତ୍ର କୋଇଲା ଖଣି ଆଇନ (ସିଏମ୍ଏସ୍ପି) ଅନୁଯାୟୀ ଏନ୍ଏଲ୍ସିକୁ ରାଜ୍ୟର ତଲାବିରା ଓ ଏମ୍ସିଏଲ୍କୁ ବସୁନ୍ଧରା କୋଇଲା ଖଣି ମିଳିଛି। ସେମାନେ ଶସ୍ତା କୋଇଲା ସହ କମ ପରିବହନ ଖର୍ଚ୍ଚରେ ବିଦ୍ୟୁତ୍ ଉତ୍ପାଦନ କରିବେ। ଏଣୁ ବିଦ୍ୟୁତ୍ ଉତ୍ପାଦନ ମୂଲ୍ୟ ମଧ ଶସ୍ତା ହେବ। କେନ୍ଦ୍ରୀୟ ଉଦ୍ୟୋଗ ଦ୍ୱୟର ଯୋଜନା ଅନୁଯାୟୀ ୪୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଦୁଇଟି ପ୍ରକଳ୍ପରୁ ୮୫% ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର (ପିଏଲ୍ଏଫ୍) ହିସାବରେ ୩୪୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହେବ। ବ୍ୟବସ୍ଥିତ ୫୦% କୋଟା ଅନୁସାରେ ସ୍ଥାପିତ ହେବାକୁ ଥିବା ଉଭୟ ପ୍ରକଳ୍ପରୁ ରାଜ୍ୟ ସରକାର ବା ଗ୍ରିଡ୍କୋ ୧୭୦୦ ମେଗାୱାଟ୍ (ବାର୍ଷିକ ପ୍ରାୟ ୧୫୦୦୦ ନିୟୁତ ୟୁନିଟ୍) ଶସ୍ତା ବିଦ୍ୟୁତ ପାଇବାକୁ ହକ୍ଦାର। ମାତ୍ର ଏନ୍ଏଲ୍ସିର ପ୍ରସ୍ତାବିତ ତଲାବିରା ପ୍ରକଳ୍ପରୁ ଉତ୍ପାଦିତ ହେବାକୁ ଥିବା ୨୦୪୦ ମେଗାୱାଟ୍ ବିଦ୍ୟୁତ୍ରୁ ତାମିଲନାଡୁକୁ ୧୪୫୦ ମେଗାୱାଟ୍, କେରଳକୁ ୪୦୦ ମେଗାୱାଟ୍ ଓ ପୁଡୁଚେରୀକୁ ୧୦୦ ମେଗାୱାଟ୍ ଯିବ। ସେହିପରି ଏମ୍ସିଏଲ୍ର ପ୍ରସ୍ତାବିତ ବସୁନ୍ଧରା ପ୍ରକଳ୍ପରୁ ୧୩୬୦ ମେଗାୱାଟ୍ ବିଦ୍ୟୁତ୍ ଅନ୍ୟାନ୍ୟ ରାଜ୍ୟକୁ ଯୋଗାଣ ଲାଗି ପିପିଏ ସମ୍ପାଦିତ ହୋଇଛି।

# ରେଳ ଧକ୍କାରେ ଯୁବ ରେଳ କର୍ମଚାରୀଙ୍କ ମୃତ୍ୟୁ : ବନ୍ଧଡିହ ଅଂଚଳରେ ଶୋକ

ଧର୍ମଶାଳା, ୨୫/୦୮ (ନି.ପ୍ର):ବୁଧବାର ସନ୍ଧ୍ୟାରେ ଚନ୍ଦ୍ରଯାନ ସଫଳତାର ଅବତର କରିବା ସମୟରେ ସମସ୍ତେ ଚାହିଁ ରହିଥିଲେ । ସଫଳ ଅବତରଣ ପରେ ସମସ୍ତଙ୍କ ମୁହଁରେ ହସ ବାହାରି ଆସିଥିଲା । ହେଲେ ଏହି ସମୟରେ ଏକ ବଡ ଦୁଃଖଦ ଘଟଣା ଦେଖିବାକୁ ମିଳିଥିଲା । ସେହି ସମୟରେ ରେଳ ଧକ୍କାରେ ଜଣେ ଯୁବ ରେଳ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳି ଯାଇଥିଲା । ମୃତ ଯୁବକ ଜଣକ ହେଲେ ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଂଚାୟତ ମଠସାହି ଗ୍ରାମର ଦୈତାରୀ ମିଶ୍ରଙ୍କ ପୁଅ ଆଲୋକ(୨୬) ବୋଲି ଜଣାପଡିଛି । ଏଭଳି ଘଟଣା ଖବର ପ୍ରଚରିତ ହେବା ପରେ ସ୍ଥାନୀୟ ଅଂଚଳର ଶୋକାରଛାୟା ଖେଳିଯାଇଥିଲା । ତେବେ ତାଙ୍କ ମରଶରୀର ନିଜ ବାସଭବନ ମଠସାହି ଗ୍ରାମରେ ଆଜି ୧୨ଟା ସମୟରେ ପଂହଚିବା ପରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ବିଜେପି ନେତା ପ୍ରଫୁଲ୍ଲ ଗିରି,ବନ୍ଧଡିହ ସରପଂଚ ବିକ୍ରମ ବେହେରା,ଚିତ ରଂଜନ ମହାନ୍ତି,ରତିକାନ୍ତ ସାହୁ ଓ ସଚ୍ଚିଦାନନ୍ଦ ମିଶ୍ରଙ୍କ ବହୁ ବିଶିଷ୍ଟ ବ୍ୟକ୍ତି,ଯୁବ ସମାଜସେବୀ,ବିଭିନ୍ନ ସଂଗଠନର କର୍ମକର୍ତା ଓ ସ୍ଥାନୀୟ ଲୋକପ୍ରତିନିଧି ତାଙ୍କ ବାସଭବନଠାରେ ପଂହଚି ଶେଷ ଦର୍ଶନ କରିବା ସହ ଶୋକାକୂଳ ପରିବାରଙ୍କୁ ସମବେଦନା ଜଣାଇଥିଲେ । ପରେ ତାଙ୍କ ମର ଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଶେଷକୃତ ସମ୍ପନ୍ନ କରାଯାଇଥିଲା । ପୂର୍ବାହ୍ନରେ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ ଓ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ତାଙ୍କ ବାସଭବନଠାରେ ପଂହଚି ଶୋକାକୂଳ ପରିବାରଙ୍କୁ ସମବେଦନା ଜଣାଇଥିଲେ । ସୂଚନା ମୁତାବକ,ଆଲୋକ ତିନି ମାସ ପୂର୍ବେ ରେଳ ବିଭାଗରେ ନୂତନଭାବେ ଚାକିରୀ ପାଇଥିଲେ । ସେ ଯାଜପୁର ଜିଲା ଧାନମଣ୍ଡଳ ଷ୍ଟେସନରେ ସିଗନାଲ ମ୍ୟାନଭାବେ କାର୍ଯ୍ୟରତ ଥିଲେ । ତେବେ ବୁଧବାର ସନ୍ଧ୍ୟାରେ ଆଲୋକ ସିଗନାଲ ପରିବର୍ତନ ପାଇଁ ରେଳ ଲାଇନ ପାରି ହେବା ସମୟରେ ତାଙ୍କୁ ଏକ ଟ୍ରେନ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଜିଆରପି ପୋଲିସ ମୃତ ଦେହକୁ ଜବତ କରିବା ସହ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ପରିବାର ଲୋକ ଘଟଣାସ୍ଥଳରେ ପଂହଚି ଥିଲେ । ତେବେ ଜିଆରପି ପୋଲିସ ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ଆଜି ପୂର୍ବାହ୍ନରେ ଶବ ବ୍ୟବଚ୍ଛେଦ ପରେ ମର ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରିଥିଲା ।

# ସ୍ୱାମୀଙ୍କ ମୃତ୍ୟୁକୁ ୬ ବର୍ଷ ବିତିଲା: ବିଧବା ମହିଳାଙ୍କୁ ଏଯାଏଁ ମିଳିଲାନି ସହାୟତା ରାଶି

ରାଉରକେଲା, ୨୫/୦୮ (ନି.ପ୍ର): ରାଉରକେଲା ସହରର ଆରଏମସି ପାଖ ବସ୍ତିରେ ରହୁଥିବା ଆର୍ଲେନ କିଶାନଙ୍କ ସ୍ୱାମୀ ଶ୍ରମିକ ଭାବେ କାମ କରୁଥିବା ବେଳେ ତାଙ୍କର ମୃତ୍ୟୁ ହେଲା। ସ୍ୱାମୀଙ୍କ ମୃତ୍ୟୁ ବାବଦକୁ ମିଳିବାକୁ ଥିବା ଅର୍ଥ ଲାଗି ସେ ରାଉରକେଲା ଶ୍ରମ ବିଭାଗକୁ ବାରମ୍ବାର ଦଉଡି ଦଉଡି ନୟାନ୍ତ ହୋଇଥିଲେ ବି ତାଙ୍କୁ କେହି ସହଯୋଗ କଲେନି ଓ ପାଇବାକୁ ଥିବା ଟଙ୍କାର କୌଣସି ଖୋଜ ଖବର ମଧ ମିଳିଲାନି। ଫଳରେ ନିରାଶ୍ରୟ ଶ୍ରମ ବିଭାଗ ଦୁଆରୁ ଫେରି ଆସି ଦୁଃଖରେ ନିଜ ପ୍ରତି ହୋଇଥିବା ଅନ୍ୟାୟ ବିଷୟରେ ବଖାଣିଛନ୍ତି ବିଧବା ମହିଳା ଶ୍ରୀମତୀ କିଶାନ । ତାଙ୍କ ସ୍ୱାମୀ ପାନୁ କିଶାନଙ୍କୁ ୨୦୧୨ରେ ଶ୍ରମିକ ବୋଲି ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ମୋହର ଦେଇଥିଲା। ତେବେ ଏହି ମୋହର ପରେ ପାନୁଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଗଲା। ପରେ ତାଙ୍କ ପତ୍ନୀ ଦିର୍ଘ ୬ ବର୍ଷ ଧରି ସ୍ୱାମୀଙ୍କ ମୃତ୍ୟୁ ବାବଦକୁ ମିଳିବାକୁ ଥିବା ଟଙ୍କା ଲାଗି ଶ୍ରମ ବିଭାଗ ରାଉରକେଲାକୁ ଦଉଡୁଛନ୍ତି, କିନ୍ତୁ କୌଣସି ସୁଫଳ ମିଳୁନାହିଁ । ସେପଟେ ରୋଜଗାରିଆ ପୁଅ ବାତ ବେମାରରେ ଅର୍କମଣ୍ୟ ହୋଇ ଘରେ ପଡିଥିବା ବେଳେ ଅନ୍ୟ ଜଣେ ପଇସା ଅଭାବରୁ ପାଠ ନପଢି ପଢାରେ ଡୋରୀ ବନ୍ଧା ହେଲା । ତେବେ ଏହି ଘଟଣାକୁ ନେଇ କେତେକ ଶ୍ରମିକ ଦଲାଲ ତାଙ୍କ ଠାରୁ କାଗଜପତ୍ର କରାଇ ନେଇ ଆଉ ଦେଖା ଦେଉ ନଥିବା ବେଳେ ଶ୍ରମ ବିଭାଗ ତାଲିକାରେ ଏହି ମୃତ ଶ୍ରମିକଙ୍କର ନାମ ଆଉ ଦେଖା ଯାଉ ନାହିଁ ବୋଲି ଶ୍ରମ ଅଧିକାରୀ କହୁଛନ୍ତି ବୋଲି ପଡୋଶୀ ମାନେ କହିଛନ୍ତି । ରାଉରକେଲା ଶ୍ରମ ବିଭାଗରେ କିଛି ଶ୍ରମିକ ସଂଗଠନ ଓ ଦଲାଲଙ୍କ ମାଧ୍ୟମରେ ଲକ୍ଷ ଲକ୍ଷ ଶ୍ରମିକ କାର୍ଡ ହେବା ସହ ଶ୍ରମିକ ମାନଙ୍କ ଲାଗି ଆସୁଥିବା ଅର୍ଥର ବାଟ ମାରଣା ଖବର ପାଇ ଆରଟିଆଇରେ ତଥ୍ୟ ମଗାଯିବା ପରେ ଯୁବ ନେତା ରଶ୍ମୀ ରଂଜନ ପାଢୀ ଏଥିରେ ୯ କୋଟୀ ଟଙ୍କାର ହରିଲୁଟ ହୋଇଥିବା ଅଭିଯୋଗ କରି ଲୋକାୟୁକ୍ତଙ୍କ ନିକଟରେ ମାମଲା ରୁଜୁ କରିଥିଲେ । ଏହି ମାମଲାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ମଧ ତଦନ୍ତ କରି ସତ୍ୟତା ଥିବା ରିପୋର୍ଟ ଦେବା ପରେ ମାମଲା ଏବେ ଉଚ୍ଚନ୍ୟାୟାଳୟରେ ବିଚାରାଧିନ ରହିଛି । ତେବେ ମହିଳା ଜଣଙ୍କର ରହଣି ଯାଗା ହେଉଛି ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ବାବୁଙ୍କ ଅଫିସ ପାଖରେ, ତାଙ୍କରି ନିର୍ବାଚନ ମଣ୍ଡଳୀର ଏହି ମହିଳା ଜଣକ। କିନ୍ତୁ ଆଜିଯାଏ ମନ୍ତ୍ରୀ ମହୋଦୟ ଏ ସଂପର୍କରେ ପଦେ ମୁହଁ ନଖୋଲିବା ଆଶ୍ଚର୍ଯ୍ୟର ବିଷୟ ହୋଇଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ସୌନ୍ଦର୍ଯ୍ୟ ହରାଉଛି ସ୍ମାର୍ଟସିଟି: ଭାଙ୍ଗୁଛି ଗୋଟିଏ ପରେ ଗୋଟିଏ ପ୍ରତିକୃତି, ରିଂରୋଡରୁ ଛେଣ୍ଡ ସବୁଠି ସମାନ ସ୍ଥିତି



ରାଉରକେଲା, ୨୫/୦୮ (ନି.ପ୍ର): ବିଶ୍ୱ ହକି ପୂର୍ବରୁ ଚକାଚକ୍ ହେଲା ସ୍ମାର୍ଟସିଟି । ବିଶ୍ୱକପ୍ ସମୟରେ ସହର ଚମକିଲା। ଖେଳ ଶେଷ ହେବାର ମାତ୍ର ୫ ମାସ ପରେ ସହରର ଗୋଟିଏ ପରେ ଗୋଟିଏ ସୌନ୍ଦର୍ଯ୍ୟକରଣ କାମ ନଷ୍ଟ ହେଉଛି। ରାସ୍ତା ସୌନ୍ଦର୍ଯ୍ୟକରଣ କାମଠୁ ଆରମ୍ଭ କରି ଆଲୋକୀକରଣ ସବୁଠି ସମାନ ଚିତ୍ର ଦେଖିବାକୁ ମିଳୁଛି। ନିମ୍ନମାନର କାମ ଓ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ରିଂରୋଡଠାରୁ କଲୋନି ମୁଖ୍ୟ ରାସ୍ତାର ଶୋଭାବର୍ଦ୍ଧନ କରୁଥିବା ପ୍ରତିକୃତିଗୁଡ଼ିକ ଭାଙ୍ଗିଛି। କେଉଁଠି ବୃହଦକାୟ ଫୁଲକୁଣ୍ଡ ଭାଙ୍ଗି ମାଟିରେ ମିଶିଗଲାଣି ତ ଅନ୍ୟ କେଉଁଠି ଲୁହା ଗ୍ରୀଲ୍ ଚୋରି ହୋଇଗଲାଣି। ଛେଣ୍ଡ କଲୋନି ବିଏସ୍ଏନ୍ଏଲ୍ ଛକରେ ଶୋଭାବର୍ଦ୍ଧନ କରୁଥିବା ଫୁଲଗୁଣ୍ଡ ଦୁଇ ଫାଳ ହୋଇ ପଡ଼ିଛି। କଳିଙ୍ଗବିହାର ବିଜୁ ପଟ୍ଟନାୟକ ଛକ ପଛପାର୍ଶ୍ୱ କଳାକୃତି ଭାଙ୍ଗି ଝୁଲୁଛି। ରାଉରକେଲା ମହାନଗର ନିଗମ (ଆରଏମ୍ସି) କାର୍ଯ୍ୟାଳୟ ସମ୍ମୁଖ ରିଂରୋଡ ପାର୍ଶ୍ୱରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସିଂହ, ମାଙ୍କଡ ଓ ହରିଣ ଫାଟି ଆଁ କରିଛି। ହନୁମାନବାଟିକାରୁ ବିର୍ସା ମୁଣ୍ଡା ଛକ ପର୍ଯ୍ୟନ୍ତ ରିଂରୋଡର ଦୁଇ ପାର୍ଶ୍ୱରେ ଅଧିକାଂଶ ସ୍ଥାନରେ ଏଭଳି ଭଙ୍ଗାରୁଜା ପ୍ରତିକୃତି ଦେଖିବାକୁ ମିଳୁଛି। ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ଭିତିରି ସଲାସୁତୁରାରେ ଏଭଳି ନିମ୍ନମାନର କାମ ହୋଇଥିବାରୁ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହକି ବିଶ୍ୱକପ୍ ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ଚାରାରୋପଣ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାମ ବାବଦରେ ପ୍ରାୟ ୧୧ କୋଟି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଛେଣ୍ଡ ମୁଖ୍ୟ ମାର୍ଗରୁ ଛେଣ୍ଡ ବିପିୟୁଟି ପର୍ଯ୍ୟନ୍ତ ଚାରାରୋପଣ ଓ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ କାମରେ ୪ କୋଟି ୯ ଲକ୍ଷ ଟଙ୍କା, ରାଉରକେଲା-୧ରୁ ଲେବର ଛକ, ପାନପୋଷ ଛକରୁ ଆମ୍ବେଦକର ଛକ ଓ ହାଇଟେକ୍ ହସ୍ପିଟାଲ ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣରେ ୩ କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେମିତି ମହତାବରୋଡ, କୋଏଲନଗର ମୁଖ୍ୟ ରାସ୍ତା, ମଧୁସୂଦନ ରୋଡରେ ଦାମି ଚାରାରୋପଣ ସହ ଅନ୍ୟାନ୍ୟ ବାବଦରେ ୩ କୋଟି ୮୪ ଲକ୍ଷ, ଏମିତି ମୋଟ୍ ୧୧ କୋଟି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଚାରା ଅତିକମରେ ହକି ବିଶ୍ୱକପ୍ର ପାଞ୍ଚ ଛଅ ମାସ ଆଗରୁ ଲଗା ଯାଇଥିଲେ ଖେଳ ବେଳକୁ ସୁନ୍ଦର ଦେଖା ଯାଇଥାଆନ୍ତା। କିନ୍ତୁ ଦିନ ଗଡ଼ାଇ ଗଡ଼ାଇ ଶେଷ ବେଳକୁ ତରବରିଆ ଭାବେ ଲଗାଇ ଦିଆଯାଇଥିବାରୁ ଏଭଳି ସ୍ଥିତି ଉପୁଜିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ହେଉଛି, ଏସବୁ କାଣ୍ଡକାରଖାନା ହେଉଥିଲେ ହେଁ ଠିକାସଂସ୍ଥାର ବିରୋଧରେ କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହେଲାନି। ସେମିତି ବ୍ରାହ୍ମଣୀ ନଦୀ ସମ୍ମୁଖ ବିକାଶ ବାବଦରେ ୪୭ କୋଟି ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କାମ ଶେଷ ହୋଇଛି ସତ, ହେଲେ ପର୍ଯ୍ୟଟକ ଓ ସହରବାସୀଙ୍କ କାମରେ ଲାଗୁନି। ୮ କୋଟିର ସ୍ମାର୍ଟ ବସ୍ଟର୍ମିନସ୍ କାମ ପ୍ରସ୍ତାବରେ ଥିଲେ ମଧ ବାତିଲ କରାଯାଇଛି। ବାସନ୍ତୀ ଡିଏଭି ପୋଖରୀର କାୟାକଳ୍ପରେ ୧୧ କୋଟି ୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଉଦ୍ଘାଟନର ୭ ମାସ ପରେ ପୋଖରୀରେ ବୋଟିଂ ବ୍ୟବସ୍ଥା କରାଯାଇଛି। ହେଲେ ସୁରକ୍ଷା ଅଭାବରୁ ଅର୍ଦ୍ଧାଧିକ ଲୁହା ବାଡ଼ ଚୋରି ହୋଇଗଲାଣି। ବେଦବ୍ୟାସ ଟୁରିଜିମ୍ ହବ୍ ବାବଦରେ ୧୪ କୋଟି ୯୩ ଲକ୍ଷ ଖର୍ଚ୍ଚ କରାଯାଇଛି। ଯେତିକି ସୌନ୍ଦର୍ଯ୍ୟକରଣ କାମ ହେବା କଥା, ତା' ଦିଶୁନି। ଏବେଠୁ ଏଥିପ୍ରତି ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି।

# ଜିଲ୍ଲା ଯୋଜନା କମିଟି ବୈଠକ

ଝାରସୁଗୁଡ଼ା, ୨୫/୦୮ (ନି.ପ୍ର): ଜିଲ୍ଲାକୁ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅଗ୍ରଣୀ କରାଇ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରାଇବା ଦିଗରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରିଛନ୍ତି ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପ୍ରୀତିରଞ୍ଜନ ଘଡ଼ାଇ। ଜିଲ୍ଲା ପରିଷଦ ସଦ୍ଭାବନା ଗୃହରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ଘଡ଼ାଇ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି, ଜଳସେଚନ, ପରିବହନ ଓ ପରିବେଶ ଆଦି କ୍ଷେତ୍ରରେ ସମନ୍ୱୟ ରକ୍ଷା ପୂର୍ବକ ପ୍ରକଳ୍ପ ଓ ଯୋଜନା ଗୁଡ଼ିକ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷ ପାଇଁ ଚାଷୀମାନଙ୍କୁ ପାଣି ଯୋଗାଇବା ସହ ଜିଲ୍ଲାରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ କହିଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି କ୍ଷୁଦ୍ର ଓ ଲଘୁ ଉଦ୍ୟୋଗର ଉନ୍ନତି ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେବା ସହ ବାର୍ଦ୍ଧକ୍ୟ ଭତା, ବିଧବା ଓ ଭିନ୍ନକ୍ଷମ ଭତା ପାଇଁ ହିତାଧିକାରୀ ଚୟନ ଓ ସାମର୍ଥ୍ୟ ଶିବିର ଆୟୋଜନ କରିବାକୁ କୁହାଯାଇଛି। ତଦନୁଯାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଆନୁସଙ୍ଗିକ ପଦକ୍ଷେପ ନେବାକୁ କୁହାଯାଇଛି। ଜଣେ ବି ଯେପରି ଭତା ପାଇବାରୁ ବଂଚିତ ନହୁଅନ୍ତି ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାରେ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଦିଗରେ ନିର୍ଦ୍ଦେଶ ଦେବା ସହ ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଓ ନିଯୁକ୍ତି ସୃଷ୍ଟି ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଆନୁସଙ୍ଗିକ ତଥ୍ୟ ସଂଗ୍ରହ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପ ଓ ଯୋଜନା ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ବରଗଡ଼ ସାଂସଦ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ବିଧାୟିକା ପ୍ରତିନିଧି ପ୍ରତାପ ନନ୍ଦ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ସଦସ୍ୟ/ସଦସ୍ୟା, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ଦାଦନ ଖଟିବାକୁ ଯାଇ ନିର୍ଯ୍ୟାତନା ସହି ନପାରି ଚାଲି ଚାଲି ଗ୍ରାମକୁ ଫେରିଲେ ଶ୍ରମିକ

ଜୟପୁର, ୨୫/୦୮ (ନି.ପ୍ର): ଦାଦନ ଖଟିବାକୁ ଯାଇ ନିର୍ଯାତନା ସହିପାରିଲେନି। ଶେଷରେ ଭଦ୍ରାଚଲମ ଠାରୁ କିଛି ନ ଖାଇ କେବଳ ପାଣି ପିଇ ଚାଲି ଚାଲି ନିଜ ଗାଁକୁ ଯାଉଥିଲେ ଦାଦନ ଶ୍ରମିକ, ହେଲେ ୩୦୦ କିଲୋମିଟର ଚାଲିବା ପରେ ଆଉଆଗକୁ ଚାଲି ନପାରି ରାସ୍ତାକଡ଼ରେ ଥିବା ବିଶ୍ରାମଗାରେ ବସିଥିଲେ, କିଛି ସ୍ୱେଚ୍ଛାସେବୀ ଏହା ଦେଖି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଛନ୍ତି । ଦାଦନ ଶ୍ରମିକ ଜଣକ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ସଗର ଗ୍ରାମର ଦାମୋଦର ଖିଲ ବୋଲି ଜଣାପଡିଛି। ସେ ଟଙ୍କା ରୋଜଗାର କରିବା ଉଦ୍ଦେଶ୍ୟରେ ଭଦ୍ରାଚଲମର ଚିଙ୍ଗୁଡ଼ି ଫେକ୍ଟରୀରେ କାମ କରିବା ପାଇଁ ଯାଇଥିଲେ। ତାଙ୍କୁ ଦଇନିକ ୫୫୦ ଟଙ୍କା ମଜୁରୀ ଦିଆଯିବ ବୋଲି ମିଛ କହି ଜଣେ ଦଲାଲ ନିଜ ସଙ୍ଗରେ ନେଇ ଭଦ୍ରାଚଲମ ନେଇ ଛାଡିଦେଲେ, ହେଲେ ଫେକ୍ଟରୀରେ ଚାରିମାସ ପନ୍ଦର ଦିନ ପର୍ଯ୍ୟନ୍ତ କାମ କରିଥିଲେ ମଧ ତାଙ୍କୁ ମାଲିକ ମଜୁରୀ ନ ଦେବା ଯୋଗୁଁ ବାଧ ହୋଇ ଦାମୋଦର ନିଜ ଗାଁ ଅଭିମୁଖେ ପାଦରେ ଚାଲିଚାଲି ବାହାରିଲେ, ହେଲେ ୩୦୦ କିଲୋମିଟର ଚାଲିବା ପରେ ଆଉ ଆଗକୁ ଚାଲି ନ ପାରି ଶେଷରେ ରାଂଚି-ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥର ବୈପାରୀଗୁଡା ଥାନା ଅନ୍ତର୍ଗତ ଟାଙ୍ଗିଣୀଗୁଡା ଛକ ରାସ୍ତା କଡ଼ରେ ଥିବା ବିଶ୍ରାମଗୃହରେ ସେ ଅଟକି ଯାଇଥିଲେ। ଗତ ୨୯ ଦିନ ଧରି ଚାଲିଚାଲି ଆସୁଥିବା ଯୋଗୁଁ ସେ ଥକି ଯାଇଥିବାରୁ ତାଙ୍କୁ କିଛି ସ୍ଥାନୀୟ ଯୁବକ ଉଦ୍ଧାର କରି ବୈପାରୀଗୁଡା ପୋଲିସକୁ ହସ୍ତାନ୍ତର କରିଛନ୍ତି। ସେପଟେ ପରିବାରଲୋକଙ୍କୁ ଯୋଗାଯୋଗ କରାଯାଉଛି। ଦାମୋଦରଙ୍କ ପ୍ରାଥମିକ ଚିକିତ୍ସାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ମଂଟେଶୋରୀ ପବ୍ଲିକ ସ୍କୁଲର ପଂଚମ ଶ୍ରେଣୀ ଛାତ୍ରୀ ରୋଜି ସାହୁ ପାଇଲେ ସ୍ୱର୍ଣ୍ଣପଦକ

ବଲାଙ୍ଗୀର, ୨୫/୦୮ (ନି.ପ୍ର): ଗତ ଅଗଷ୍ଟ ୨୨ ଓ ୨୩ ତାରିଖ ଦୁଇଦିନ ଧରି ଝାରସୁଗୁଡା ଠାରେ ପ୍ରଥମ ପଂଚାକ୍ ସିଲାଟ୍ ଖେଲୋ ଇଣ୍ଡିଆ ଓମେନସ୍ ଲିଗ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରା ଓଡ଼ିଶାର ୧୫ଟି ଜିଲ୍ଲାରୁ ୨୦ଟରୁ ଅଧିକ ମହିଳା ପ୍ରତିଯୋଗୀଭାଗ ନେଇଥିଲେ। ଏଥିରେ ବଲାଙ୍ଗୀର ମଂଟେଶୋରୀ ପବ୍ଲିକ ସ୍କୁଲର ପଂଚମ ଶ୍ରେଣୀ ଛାତ୍ରୀ ରୋଜି ସାହୁ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଆଜି ମାଲପଡା ସ୍ଥିତ ମଂଟେଶୋରୀ ପବ୍ଲିକ ସ୍କୁଲ ପରିସରରେ ସ୍କୁଲର ଅଧକ୍ଷ ରବିଚନ୍ଦ୍ର ଉଦ୍ଗାତା ଓ ଚେୟାରମେନ୍ ବିରେନ୍ଦ୍ର ନାରାୟଣ ଉଦ୍ଗାତାଙ୍କ ଉପସ୍ଥିତିରେ ରୋଜି ସାହୁଙ୍କ ପିତା ଶିବ ସାହୁ ଓ ତାଙ୍କ ଗୁରୁ ପ୍ରଶାନ୍ତ ପାତ୍ରଙ୍କୁ ଫୁଲତୋଡା ଓ ଉପାୟନ ଦେଇ ସମ୍ମାନିତ କରାଯାଇଥିଲା। ରୋଜି ସାହୁ ନିଜ ପ୍ରତିକ୍ରିୟାରେ ଆହୁରି ପରିଶ୍ରମ କରି ଭବିଷ୍ୟତରେ ଜିଲ୍ଲା ତଥା ରାଜ୍ୟସ୍ତରରେ ସ୍କୁଲ ପାଇଁ ଗୌରବ ଆଣିବି ବୋଲି କହିଥିଲେ। ଶେଷରେ ସ୍କୁଲର ହେଡ ଗାର୍ଲ ତନିଶା ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ

ଖୋର୍ଦ୍ଧା, ୨୫/୦୮ (ନି.ପ୍ର): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଓଡିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ ) ମିଳିତ ଆନୁକୂଲ୍ୟରେ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ ଗୃହଠାରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଆଜି ଅନୁଷ୍ଠିତ ହୋଇଯାଇଅଛି କ୍ଷ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପେନସନ ଅଦାଲତରେ ଏ. ଜି କାର୍ଯ୍ୟାଳୟର ଉପ ମହାଲେଖାକାର (ପେନସନ) ଏସ. ଅରୁଣା,ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ଶଶାଙ୍କ ଶେଖର ଦାଶ, ଅନୁସଚିବ ସୁବୋଧ କୁମାର ଦାସ, ବରିଷ୍ଠ ଲେଖାଧିକାରୀ ସରୋଜ କୁମାର ବେହେରା ଯୋଗଦେଇ ପେନସନ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗର ପେନସନ ମଞ୍ଜୁରକର୍ତାମାନେ ଠିକ ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ପେନସନ କାଗଜ ଠିକ ସମୟରେ ଏ. ଜି କାର୍ଯ୍ୟାଳୟକୁ ପଠାଉ ନଥିବାରୁ ପେନସନ ମଞ୍ଜୁରୀ ବିଳମ୍ବିତ ହେଉଥିବାରୁ ନିର୍ଦ୍ଦେଶକ ଶ୍ରୀ ଦାଶ ଅସନ୍ତୋଷ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଖୋର୍ଦ୍ଧା ଜିଲ୍ଲାରେ ପେନସନ ଓ ଗ୍ରାଚୁଇଟି ମଂଜୁର ହୋଇ ନ ଥିବା ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ପେନସନ କାଗଜ ପତ୍ର ସେପ୍ଟେମ୍ବର ମାସ ୨୦ତାରିଖ ସୁଦ୍ଧା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଉପ ମହାଲେଖାକାର ଏସ. ଅରୁଣା ଅବସର ଦିନ ଯେପରି ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କର ପେନସନ, ଭବିଷ୍ୟନିଧି ପ୍ରାପ୍ୟ ପାଇପାରିବେ ତା ଉପରେ ପଦକ୍ଷେପ ନେବା ପାଇଁ ପ୍ରଧାନ ମହାଲେଖାକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ପେନସନ ମଞ୍ଜୁରକର୍ତା ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ଓ ପୁରୁଣା ବ୍ୟବସ୍ଥା ବଦଳରେ ଅକ୍ଟୋବର ୧ ତାରିଖରୁ ଅନ ଲାଇନ ମାଧ୍ୟମରେ ପେନସନ ଆବେଦନ ଏ.ଜି କାର୍ଯ୍ୟାଳୟରେ ଗ୍ରହଣ କରାଯିବ ବୋଲି କହିଥିଲେ। ଡେପୁଟି କଲେକ୍ଟର ସୁବ୍ରତ ରଞ୍ଜନ ଶତପଥୀ ଏ. ଜି କାର୍ଯ୍ୟାଳୟ ପକ୍ଷରୁ ପେନସନରମାନଙ୍କ ଏଭଳି କଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ। ଏହି ପେନସନ ଅଦାଲତରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଗ୍ରାଚୁଇଟି ମଂଜୁର ହୋଇ ନଥିବା ୨୦୨୭ କେସ ଶୁଣାଣି ପାଇଁ ଉପସ୍ଥାପିତ ହୋଇଥିଲା। ଏହି ଅଦାଲତକୁ ବରିଷ୍ଠ ଲେଖାଧିକାରୀ ଦୁଃଶାସନ ନାୟକ, ପୁରୁଷୋତମ ବଳ, ସହକାରୀ ଲେଖାଧିକାରୀ ସୁଦର୍ଶନ ସାହୁ, ଆଶୁତୋଷ ଦାଶ, ଶିବ ପ୍ରସାଦ ପଣ୍ଡା, ଚନ୍ଦ୍ର ଶେଖର ବେହେରା ପରିଚାଳନା କରିଥିଲେ କ୍ଷ ଆସନ୍ତା କଟକ ଜିଲ୍ଲାସ୍ତରୀୟ ପେନସନ ଅଦାଲତ କଟକରେ ୨୯ତାରିଖରେ ଅନୁଷ୍ଠିତ ହେବ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ , ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ/ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ବଳୀଦାନ ଦିବସ

କେନ୍ଦ୍ରାପଡ଼ା, ୨୫/୦୮ (ନି.ପ୍ର): ସାମାଜିକ ଅନୁଷ୍ଠାନ ଜୟରାଷ୍ଟ୍ର ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ବଳୀଦାନ ଦିବସ ସ୍ଥାନୀୟ ପବ୍ଲିକ ରିଡିଂ ରୁମ ଠାରେ ଅନୁଷ୍ଠିତ ହୋଯାଇଛି । ଏହି ଅବସରରେ ସ୍ୱାମୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଆଦର୍ଶମୟ ଜୀବନ ସଂପର୍କରେ ଉପସ୍ଥିତ ବକ୍ତାମାନେ ଆଲୋକପାତ କରିଥିଲେ । ସ୍ୱାମୀଜୀଙ୍କୁ ମରଣୋତର ଭାରତରତ୍ନ ପ୍ରଦାନ ପାଇଁ ବୈଠକରେ ଦାବି କରାଯାଇଥିଲା । ଅନୁଷ୍ଠାନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓକିଲ ପ୍ରଦିପ କୁମାର ଦାସ, ବିଭୂତି ଭୂଷଣ କର, ବିକ୍ରମ କେଶରୀ ରାଉତରାୟ, ନିତିଶ ଚକ୍ରବତୀ, ପ୍ରଫୁଲ୍ଲ ଦାସ, ଜ୍ଞାନରଞ୍ଜନ ଦାସ, ରଶ୍ମି ରଞ୍ଜନ ସ୍ୱାଇଁ, ସନ୍ତୋଷ ପୋଥାଳ, ବଳରାମ ବେହରା, ଅଲେଖ ଚନ୍ଦ୍ର ନାୟକ, ହରେକୃଷ୍ଣ ବେହରା ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ପାଇଁ ବୃହତ୍ 'ନିକୋବର' ଦ୍ୱୀପ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବୃହତ୍ତର ନିକୋବର ପ୍ରକଳ୍ପରୁ ଲାଭ କଣ ହେବ - ୧. ପର୍ଯ୍ୟଟକ ବଢିବେ, ୨. ସାରା ପୃଥିବୀକୁ ସାମୁଦ୍ରିକ ତଥା ଆକାଶ ପଥରେ ମାଲ ପରିବହନ ହେବ, ୩. ଜାତୀୟ ସୁରକ୍ଷା ମଜଭୁତ ହେବ ୪. ଶିଳ୍ପ ଓ ବାଣିଜ୍ୟ ନିଶ୍ଚିତ ଭାବେ ବୃଦ୍ଧି ହେବ । ଶ୍ରୀ ଲଙ୍କା ଦେଇ ସିଙ୍ଗାପୁର ଆଡକୁ ଯାଉଥିବା ସାମୁଦ୍ରିକ ପଥ ନିକୋବର ଦ୍ୱୀପ ହୋଇ ଯାଇଛି, ୟୁରୋପ, ଆଫ୍ରିକା, ମଧ୍ୟ ପ୍ରାଚ୍ୟ ରୁ ଆସୁଥିବା ସବୁ ବାଣିଜ୍ୟିକ ପୋତ ନିକୋବର ଜଳ ସୀମା ଦେଇ ଯାଇଥାଏ, ଏହା ଏକ ସଂକୀର୍ଣ୍ଣ ପଥ ହୋଇଥିବାରୁ ଭାରତର ନୌ ବାହିନୀ ତୀକ୍ଷଣ ଦୃଷ୍ଟି ଦ୍ୱାରା ଅନ୍ତର୍ଘାତୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥାଏ । ଟ୍ରାନ୍ସ ସୀପମେଣ୍ଟ କାର୍ଯ୍ୟକାରୀ ହେଲେ ଭାରତ ବାର୍ଷିକ ୨୦୦ ରୁ ୩୦୦ ମିଲିୟନ ଆମେରିକୀୟ ଡଲାର ବଞ୍ଚାଇ ପାରିବ, ବର୍ତ୍ତମାନ ଭାରତକୁ ଶ୍ରୀଲଙ୍କା ଏବଂ ମାଲେସିଆ ଉପରେ ନିର୍ଭର କରିବାକୁ ପଡୁଛି । ସାମରିକ ଦୃଷ୍ଟି କୋଣରୁ ନିକୋବର ଦ୍ୱୀପ ଇଣ୍ଡୋନେସିଆର ସୀମାରୁ ପ୍ରାୟ ୯୦ କିଲୋମିଟର ଦୂରରେ ଅବସ୍ଥିତ, ଚୀନ ଏହି ସାମୁଦ୍ରିକ ପଥକୁ ନିଜ ବାଣିଜ୍ୟ ପାଇଁ ବ୍ୟବହାର କରେ, ଯଦି ଭବିଷ୍ୟତରେ କିଛି ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ଭାରତ ଚାହିଁବ ତେବେ ଏହି ପଥରେ ଚୀନର ପଣ୍ୟବାହୀ ଜାହାଜକୁ ପଥରୋଧ କରିପାରିବ ଫଳରେ ଚୀନ ଆର୍ଥିକ କ୍ଷତି ସହିବ । ଚୀନ ଏହି ସବୁକୁ ନଜରରେ ରଖି ପାକିସ୍ତାନ ଭିତର ଦେଇ ଏକ ସଡକ ପଥ ତିଆରି କରୁଛି ଯାହାକି ଚୀନ ଦେଶରୁ ପାକିସ୍ତାନର କରାଚୀ ବନ୍ଦରକୁ ଯୋଡ଼ିବ, ଭାରତ ମଧ୍ୟ ନିଜର କୁଟ ନୀତି ପ୍ରୟୋଗ କରି ବିଭିନ୍ନ ବିକଳ୍ପ ଖୋଜି ଚାଲିଛି।

ପ୍ରକଳ୍ପ ଦ୍ୱାରା କ୍ଷତି କଣ ହେବ- ତେବେ ଏହି ନୂତନ ପ୍ରକଳ୍ପ ଦ୍ୱାରା ଆମେ କିଛି ହରାଇବାକୁ ଯାଉଛୁ ସେଗୁଡିକ ହେଲା କିଛି ଆଦିମ ଜନଜାତି, ବିରଳ ପ୍ରଜାତିର ପଶୁ, ପକ୍ଷୀ, ସାମୁଦ୍ରିକ ଜୀବ, ପ୍ରବାଳ, ତଥା ପରିବେଶ ଦୂଷିତ ହେବାର ଅନେକ ଆଶଙ୍କା ରହିଛି ।ଏହି ଗୁଡିକ ପ୍ରତି ଧ୍ୟାନ ଦେଇ ସରକାର ପ୍ରକଳ୍ପକୁ ଆଗେଇ ନେଲେ ଆମର ଆଗାମୀ ପିଢ଼ି ନିଶ୍ଚିତ ଭାବେ ଉପକୃତ ହେବା ସହିତ ଦେଶର ଆର୍ଥିକ ଅବସ୍ଥାରେ ସୁଧାର ଆସିବ ଏବଂ ଦେଶ ସୁରକ୍ଷିତ ରହିବ ।

+ବରିଷ୍ଠ ନାଗରିକ
ସ୍ନେହ କୁଟୀର, ଝଂଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

## ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବସ୍ତା , ୨୫/୦୮ (ନି.ପ୍ର): ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ଦରଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପରିସରରେ ଥିବା ସଭା ଗୃହରେ ୨ ଶିକ୍ଷୟତ୍ରୀଙ୍କୁ ବିଦାୟ କାଳୀନ ସମର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦରଡା ସିଆରସିସି ହରପ୍ରିୟା ବିଶ୍ୱାଳ ସଭାତିତ୍ୱରେ ରେ ମୁଖ୍ୟଅତିଥି ଭାବେ ବସ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ଜେନା, ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଦରଡ଼ା ଏଲ.ଏନ ଉଚ୍ଚବିଦ୍ୟଳୟର ପ୍ରଧାନ ଶିକ୍ଷକ ବେଣୁଧର ନନ୍ଦୀ, ସରପଞ୍ଚ ପ୍ରତିନିଧି ପ୍ରଦୀପ କୁମାର ବିଶ୍ୱାଳ, ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀନିବାସ ପ୍ରଧାନ, ସୁଭଦ୍ରା ଦେ, ଅବସର ପ୍ରାପ୍ତ ଏବିଓ ଧନଞ୍ଜୟ ବେହେରା , ପୂର୍ବତନ ସିଆର ସିସି ଭଗିରଥ ପ୍ରଧାନ, ହାଡିବନ୍ଧୁ କିସ୍କୁ ପ୍ରମୁଖ ଯୋଗଦେଇ ଦେଇ ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ଶ୍ରୀମତୀ ଉଷାରାଣୀ ମହାନ୍ତି ଏବଂ ଶ୍ରୀମତୀ ଜୟନ୍ତୀ ବେହେରାଙ୍କୁ ମାନପାତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷୟତ୍ରୀଙ୍କ କର୍ମ ମୟ ଜୀବନ, ଛାତ୍ର ବତ୍ସଳ, ମିଷ୍ଟଭାଷୀ ଏବଂ ସମୟାନୁବର୍ତ୍ତିତା ପାଇଁ ଆଦର୍ଶ ଶିକ୍ଷୟତ୍ରୀ ଭାବେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦରଡା ସାଧନ କେନ୍ଦ୍ର ସ୍ତରୀୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ରହି ବିଦାୟ କାଳୀନ ସଭାକୁ ସୁପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ସିଆରସିସି ନରୋତ୍ତମ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାୟଗଡ଼ା ଡିଏଫ୍‌ଓ....

ସେହିପରି ଭୁବନେଶ୍ୱରର କଳାରାହାଙ୍ଗରେ ତାଙ୍କର ଏକ ଫ୍ଲାଟ ଅଛି। ଏହା ସହିତ ଭୁବନେଶ୍ୱର, ପୁରୀ, କଟକ ଓ ଯାଜପୁରର ପ୍ରମୁଖ ସ୍ଥାନରେ ତାଙ୍କର ୧୭ଟି ପ୍ଲଟ୍ ଅଛି। ଡିଏଫଓ ବିଜୟ କୁମାର ପରିଡ଼ାଙ୍କ ଘରୁ ଭିଜିଲାନ୍ସ ନଗଦ ୧ ଲକ୍ଷ ୨୪ ହଜାର ୬୦୦ ଟଙ୍କା ଓ ୬୫୦ ଗ୍ରାମ ସୁନା ଗହଣା ଜବତ କରାଯାଇଛି। ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି ଓ ଦୁଇଟି ଦୁଇ ଚକିଆ ଗାଡ଼ି ରହିଛି। ସେହିଭଳି ତାଙ୍କର ବିଭିନ୍ନ ଗୃହୋପକରଣର ମୂଲ୍ୟ ୧୭ ଲକ୍ଷ ୮୭ ହଜାର ଟଙ୍କାରୁ ଅଧିକ ହେବ। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

### ପାଣ୍ଡିଆନ ପ୍ରୋଜେକ୍ଟ....

ଭଗବତୀପୁର ମୌଜା, ଗିରିଙ୍ଗାଘାଟ ମୌଜାରେ ୧୫୦ ଏକର ଜମିରେ ବିଳାସପୂର୍ଣ୍ଣ ଫାର୍ମ ହାଉସ୍ ହୋଇଛି। ସେସବୁ ଅନାବାଦୀ, ଜଙ୍ଗଲ ଏବଂ ଦେବ ଜମି। ଏହାସହ କିଛି ବ୍ୟକ୍ତିଗତ ଜମି ଥିବା ବେଳେ ହାଲ କର୍ମଚାରୀ ସଂଘର ୨୫ ଏକର ଜମି ବି ସେହି ଜବରଦଖଲ ଭିତରେ ରହିଛି। ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ମହିଳା ଶ୍ରୀମତୀ କିରୁଥିକା ପ୍ରଭାକରନ ତାଙ୍କ କଂପାନୀ ତ୍ରିବେଣୀ ଆର୍ଥମୁଭରସ୍ ଏହି ଜମି ଜବରଦଖଲ କରିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଅପରାଜିତା। ସେ ଆହୁରି କହିଛନ୍ତି, କେନାଲକୁ ବି ବନ୍ଦ କରି ପୋତି ଦେଇଛନ୍ତି କିରୁଥିକା ପ୍ରଭାକରନ। ୩୦୦ ଚାଷୀ ପରିବାରଙ୍କ ଜମି ବି ହଡ଼ପ କରିଛନ୍ତି। ୩୦୦ ଚାଷୀ ଏହି ଜମିରେ ଚାଷ କରି ପରିବାର ପୋଷଣ କରୁଥିଲେ। ଏବେ ସେମାନେ ଖାଇବାକୁ ପାଉନାହାନ୍ତି। ଏନେଇ ଲୋକେ ବାରମ୍ବାର ଅଭିଯୋଗ କଲେଣି। ହେଲେ ଅଭିଯୋଗ କଲେ ଅଧିକାରୀ କହୁଛନ୍ତି, ଏଇଟା ପାଣ୍ଡିଆନ ପ୍ରୋଜେକ୍ଟ ଚାଲିଛି। କୌଣସି ସରକାରୀ କର୍ମଚାରୀ କିଛି କହିପାରିବେନି। ଏଇଟା ଓଡ଼ିଶା ରାଜ୍ୟ। ଏହା ତାମିଲନାଡୁ ନୁହେଁ। ଅପରାଜିତା କହିଛନ୍ତି, ଶ୍ରୀମତୀ କିରୁଥିକା ପ୍ରଭାକରନ ଭଗବତୀପୁର ଓ ଗିରିଙ୍ଗାଘାଟ ମୌଜାରେ ଖାଲି ଜବରଦଖଲ କରିନାହାନ୍ତି, ସେ ବାପୁଜୀ ନଗର, ଚନ୍ଦ୍ରଶେଖରପୁର ଓ ନିଆଳି ଓଲଟପୁରରେ ବି ଜାଗା ନେଇଛନ୍ତି। ମାଇନିଂ ପଇସା ଲଗେଇକି ତୃତୀୟ ମହଲା ଜଣେ କର୍ମଚାରୀଙ୍କ ନାଁ ନେଇ ଲୋକଙ୍କୁ ଚାପି ଅଧିକାରୀଙ୍କୁ ଡରେଇ ଜମି ହଡପ କରୁଛନ୍ତି। ଏନେଇ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ହେଲେ ଚିଠି ପାଇବା ପରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖିବେ କି ସେଥିରେ ସରକାରୀ ଅଧିକାରୀଙ୍କ ସଂପୃକ୍ତି ନାହିଁ। କିରୁଥିକା ପ୍ରଭାକରନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସାହସ ଅଛି କି ? ଏସବୁ ପ୍ରଶ୍ନର ଉତ୍ତର ନ ରଖିଲେ ଆଗକୁ ପ୍ରତିବାଦ ହେବ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ କିମ୍ବା କିରୁଥିକା ପ୍ରଭାକରନଙ୍କ ପ୍ରତିକ୍ରିୟା ମିଳିପାରିନି।

### ଇନ୍ସପେକ୍ଟର ପୁଷ୍ପଲତା....

ତେଣୁ ତା'ପରଦିନ ଅର୍ଥାତ୍ ଜୁଲାଇ ୨୨ ତାରିଖରେ ଅଭିଯୋଗକାରୀ ପୂରା ଲକ୍ଷେ ଟଙ୍କା ନେଇ ଆସିଥିଲେ। ହରଭଙ୍ଗା ଥାନାର ତତକାଳୀନ ଆଇଆଇସି ପୁଷ୍ପଲତା ରାଉତରାୟ ସେହି ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

### ପ୍ରଦୀପ ପାଣିଗ୍ରାହୀଙ୍କ....

ଗାଡ଼ି ଉପରୁ ଟାଣି ନେଇଥିଲେ। ଏହା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହେବା ସହିତ ଠେଲାପେଲା ଓ ହାତାହାତି ହୋଇଥିଲେ। କିଛି ଲୋକ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ମଧ୍ୟ ଠେଲାପେଲା କରିଥିବା ଜଣାପଡ଼ିଛି। ତାଙ୍କ ଗାଡ଼ି ଉପରକୁ ଅଣ୍ଡା, ପଥର ଓ ପାଣି ବୋତଲ ମାଡ଼ ମଧ୍ୟ ହୋଇଥିଲା। ଖବର ଲେଖାଯିବା ସୁଦ୍ଧା ଲାଞ୍ଜିପଲ୍ଲୀରେ ଅଟକି ରହିଛନ୍ତି ପ୍ରଦୀପ ପାଣିଗ୍ରାହୀ। ବିଜେଡି କର୍ମୀମାନେ ତାଙ୍କ ଗାଡ଼ି ସମ୍ମୁଖରେ ବସି ରହିଛନ୍ତି ଓ ନାରାବାଜି କରୁଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ବ୍ରହ୍ମପୁର ଅଭିମୁଖେ ଯିବାକୁ ଦିଆଯାଉ ନଥିବାରୁ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଘଟଣାସ୍ଥଳରୁ ତାଙ୍କ ମୋବାଇଲରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ), ମୁଖ୍ୟ ଶାସନ ସଚିବ, ଡିଜିପି, ଦକ୍ଷିଣାଞ୍ଚଳ ଆଇଜି ଓ ଗୃହ ବିଭାଗକୁ ମେଲ୍ କରିଛନ୍ତି। ସେ କହିଛନ୍ତି ଯେ ରାସ୍ତା ସଫା କରିବାକୁ ଏସ୍?ପିଙ୍କୁ ଫୋନ୍ କରିଥିଲି। ଏସ୍‌ପି ହଁ ମାରିଲେ, କିନ୍ତୁ କିଛି କଲେ ନାହିଁ। ସେ କହିଛନ୍ତି, ମୁଁ ଆସିବା ପୂର୍ବରୁ ବ୍ରହ୍ମପୁର ଏସପିଙ୍କୁ ଜଣାଇଥିଲି। ୫ଚ ସମ୍ମତି ଦେଇଥିଲେ ବି ଏଯାଏଁ କିଛି ବ୍ୟବସ୍ଥା କରିନାହାନ୍ତି। ଜଣେ ସଚିବଙ୍କ ସୁରକ୍ଷା ପାଇଁ ୪ ହଜାର ପୁଲିସ୍ ବ୍ୟବସ୍ଥା ହୋଇଛି। ମୋ ଗାଡ଼ିକୁ ଘଣ୍ଟାରେ ଅଟକାଯାଇଛି, କାର୍ଯ୍ୟାନୁଷ୍ଠାନ ନିଆଯାଉ। ମୁଖ୍ୟମନ୍ତ୍ରୀ ଭଦ୍ରଲୋକ। ତାଙ୍କ ନାଁକୁ ନେଇ ଏମାନେ ଶାସନ କରୁଛନ୍ତି। ଯଦି ସିଏମ୍ ଫେସ୍ ବଦଳିଯିବ, ଏମାନେ ପୂରା ମାଟି ହୋଇଯିବେ। ଆଉ କେହି ମୁଖ୍ୟମନ୍ତ୍ରୀ ହେଲେ ଏମାନେ ବନ୍ଧା ହୋଇ ଭିତରକୁ ଯିବେ। ଜେଲ୍ ଯିବା ଭୟରେ ଏମାନେ ଶାସନକୁ ଜାବୁଡ଼ି ଧରିଛନ୍ତି। ବିଜେଡି କର୍ମୀମାନେ କହିଛନ୍ତି, ଗୋପାଳପୁର ବିଧାୟକଙ୍କୁ ଗଞ୍ଜାମକୁ ପ୍ରବେଶ କରିବାକୁ ଦିଆଯିବନି। ଚିଟଫଣ୍ଡ ଦୁର୍ନୀତିରେ ବିଧାୟକ ସାମିଲ ଥିବା ବେଳେ ପଞ୍ଚାୟତ ନିର୍ବାଚନ ବେଳେ କୁଆଡ଼େ ଯାଇଥିଲେ? ଟାଟା କମ୍ପାନୀରେ ଚାକିରି କରାଇ ଦେବାକୁ କହି ସେ ପିଲାଙ୍କଠାରୁ ଟଙ୍କା ନେଇଛନ୍ତି। ସେ ନେଇ ଆଗ ସେ ଜବାବ ଦିଅନ୍ତୁ। କେବେ ସେମାନଙ୍କୁ ଚାକିରି ମିଳିବ କୁହନ୍ତୁ। ନହେଲେ ଟଙ୍କା ଫେରାନ୍ତୁ। ସେ ଏ ସଂପର୍କରେ ଜବାବ ନଦେବା ପର୍ଯ୍ୟନ୍ତ ତାଙ୍କୁ ଛଡ଼ା ଯିବ ନାହିଁ। ତାଙ୍କୁ ତାଙ୍କ ନିର୍ବାଚନ ମଣ୍ଡଳୀରେ ପୂରାଇ ଦିଆଯିବ ନାହିଁ। ଲାଞ୍ଜିପଲ୍ଲୀରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିବା ବେଳେ ବ୍ୟାପକ ସଂଖ୍ୟାରେ ପୁଲିସ୍? କର୍ମୀଙ୍କୁ ମୁତୟନ କରାଯାଇଛି। ପୁଲିସ୍? କିଛି ଲୋକଙ୍କୁ ଉଠାଇ ନେଇଥିବା ଜଣାଯାଇଛି। ପ୍ରଦୀପ ପାଣିଗ୍ରାହୀ କହିଛନ୍ତି, ମୋ' ନିର୍ବାଚନ ମଣ୍ଡଳୀକୁ ନିର୍ବାଚିତ ପ୍ରତିନିଧି ହିସାବରେ ଯିବାର ଅଧିକାର ମୋର ଅଛି। ମୁଖ୍ୟମନ୍ତ୍ରୀ ଗଲେ ହାତ ଯୋଡ଼ି ନମସ୍କାର ହେବି। କିନ୍ତୁ ଜଣେ ଅଫିସରଙ୍କୁ ୪ ହଜାର ପୁଲିସ୍ ଜଗିବା କେତେ ଯୁକ୍ତିଯୁକ୍ତ। ଭୁବନେଶ୍ୱରରୁ ଗଞ୍ଜାମ ଅଭିମୁଖେ ଯିବା ପୂର୍ବରୁ ସରକାରଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ ବିଧାୟକ ପ୍ରଦୀପ ପାଣିଗ୍ରାହୀ। ସେ କହିଥିଲେ, ମୋ ନିର୍ବାଚନ ମଣ୍ଡଳୀକୁ ଯାଉଛି। ମୋତେ କିଏ ରୋକିବ ଦେଖିବି। ଏଥିସହ ସେ କହିଥିଲେ, ଯଦି ବାଟରେ ମୋ' ଉପରେ କିଛି ଆକ୍ରମଣ ହୁଏ, ସେଥିପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁଲିସ ଡିଜି, ଭୁବନେଶ୍ୱର ଡିସିପି ଓ ଗଞ୍ଜାମ ଏସ୍‌ପି ଦାୟୀ ରହିବେ। ୫ଟି ସଚିବ ଭି.କେ ପାଣ୍ଡିଆନ ଆଜିଠୁ ତିନି ଦିନିଆ ଗଞ୍ଜାମ ଗସ୍ତରେ ଯାଇଛନ୍ତି। ୫ଟି ସଚିବ ଗଞ୍ଜାମ ଯିବା ବେଳେ ସେ ତାଙ୍କ ନିର୍ବାଚନ ମଣ୍ଡଳୀକୁ ଯିବେ ବୋଲି ଗତ ୧୫ ତାରିଖରେ ସୂଚନା ଦେଇଥିଲେ ବିଧାୟକ ପ୍ରଦୀପ ପାଣିଗ୍ରାହୀ।

## ସୁବର୍ଣ୍ଣ ଜୟନ୍ତିର ପ୍ରଥମ କାମ 'ବାଣୀପୀଠ'ରେ ପୂଜାର୍ଚ୍ଚନା : ନଗରପାଳ

ଉଦଳା, ୨୫/୦୮ (ନି.ପ୍ର): ଉଦଳା, ବିଜ୍ଞାପିତ ଅଂଚଳ ଘୋଷିତ ହେବାର ୫୦ ବର୍ଷ ପୁରିଲା । ତେଣୁ ଚଳିତ ବର୍ଷର ସ୍ୱାୟତ ଶାସନ ଦିବସଟି ଉଦଳା ସହରର ସୁବର୍ଣ୍ଣ ଜୟନ୍ତି ଉତ୍ସବ ଭାବରେ ପାଳିତ ହେବାକୁ ପ୍ରସ୍ତୁତି ପର୍ବ ଚାଲିଛି । ଏ ବାବଦରେ ନଗରପାଳ ପ୍ରମିଳା ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଅଗଷ୍ଟ ୩୧ ତାରିଖ ସ୍ୱାୟତ ଶାସନ ଦିବସ ଦିନ ସେ ପ୍ରଭାତରେ ପ୍ରଥମେ 'ବାଣୀପୀଠ'କୁ ଯାଇ ମା' ସରସ୍ୱତୀଙ୍କୁ ଦର୍ଶନ କରିବେ ଏବଂ ଏଠାରେ ପୂଜା ପାଠ ସାରି ଅନ୍ୟାନ୍ୟ କାମରେ ଯୋଗ ଦେବେ । ସେ ଆହୁରି ମଧ୍ୟ କହିଲେ ଉଦଳାର ପରିଚୟ କହିଲେ 'ବାଣୀପୀଠ'କୁ ବୁଝାଇଥାଏ । ସମଗ୍ର ଓଡ଼ିଶାରେ 'ବାଣୀପୀଠ' ପାଇଁ ଉଦଳାର ରହିଛି ଏକ ସ୍ୱତନ୍ତ୍ର ସମ୍ମାନ । ତେଣୁ ସ୍ୱାୟତ ଶାସନ ଦିବସ ଦିନ 'ବାଣୀପୀଠ'ରେ ମା' ସରସ୍ୱତୀଙ୍କୁ ଦର୍ଶନ ଓ ପୂଜା ପାଠ ରହିବ ମୋର ପ୍ରଥମ କାମ । ନଗରପାଳଙ୍କର ଏପରି ମନ୍ତବ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।



## କେନ୍ଦ୍ରମନ୍ତ୍ରୀ ଡ. ମନସୁଖ ମାଣ୍ଡଭିଆ ପଶ୍ଚିମବଙ୍ଗର ସ୍ୱାସ୍ଥ୍ୟ ସେବାକୁ ସମୀକ୍ଷା କଲେ

କଲିକତା, ୨୫/୦୮ : କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମାନସୁଖ ମାଣ୍ଡଭିଆ ଶୁକ୍ରବାର ଦିନ ପଶ୍ଚିମବଙ୍ଗର ସ୍ୱାସ୍ଥ୍ୟ ସେବା ସମୀକ୍ଷା କରିଛନ୍ତି । ସେ କହିଛନ୍ତି ଯେ ପଶ୍ଚିମବଙ୍ଗର ସମସ୍ତ ନାଗରିକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆମେ ପ୍ରତିବଦ୍ଧ । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମାନସୁଖ ମାଣ୍ଡଭିଆ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ର, ଜାତୀୟ ଯକ୍ଷ୍ମା ବିଲୋପ କାର୍ଯ୍ୟକ୍ରମ, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତିଭୂମି ମିଶନ (ପିଏମ-ଏବିଏଚଆଇଏମ), ଟେଲି ମେଡ଼ିସିନ ସେବା ଏବଂ ସିକଲ ସେଲ ଏନିମିଆ କାର୍ଯ୍ୟକ୍ରମ ସମୀକ୍ଷା କରାଯାଇଥିଲା ।

## ଗୋଧି, କଇଁଛ, ଡାହୁକ ଚୋରା ଚାଲାଣ ବେଳେ ଅଭିଯୁକ୍ତ ଗିରଫ: ଜାମିନ ରଦ୍ଦ ଯୋଗୁ ଜେଲ ଗଲେ

ବସ୍ତା, ୨୫/୦୮ (ନି.ପ୍ର): ବିଭିନ୍ନ ପ୍ରାଣୀଙ୍କୁ କୌଶଳ କ୍ରମେ ଧରି ବାହାର କୁ ଚୋରା ଚାଲାଣ ବେଳେ ରେଳ ସୁରକ୍ଷା ବଳ ଦ୍ୱାରା ଧରା ପଡି ବନ ବିଭାଗ କୁ ହସ୍ତାନ୍ତର କରିବା ପରେ ଅଭିଯୁକ୍ତ କୁ ଗିରଫ କରାଯାଇଛି। ସୂଚନାରୁ ପ୍ରକାଶ ଯେ ବାଲେଶ୍ୱର ଜିଲା ଖନ୍ତା ପଡ଼ା ଅଞ୍ଚଳ ରୁ ପଶ୍ଚିମବଙ୍ଗ ର ନାୟଗ୍ରାମ ଥାନା ଛାଂଗୁଡି ଗାଁର ସଞ୍ଜୟ କୁମାର ନାୟକ ୨୫ ଗୋଧି,ଗୋଟିଏ କଇଁଛ,୨ ଡାହୁକ ଧରି ଟ୍ରେନରେ ଯାଉଥିବା ବେଳେ ରେଳ ସୁରକ୍ଷା ବଳର ସିପାହୀ ମାନଙ୍କ ନଜରରେ ପଡିଥିଲା।ଏହାପରେ ସେମାନେ ତାକୁ ଉକ୍ତ ଜୀବମାନଙ୍କ ସହ ଧରିବା ସହିତ ୩୦ଟି ଫାଶ ଓ ଦୁଇଟି ବାଟୁଳି ଜବତ କରି ରୂପସା ଷ୍ଟେସନ ଆଣିଥିଲେ।ଖବର ପାଇ ବନ ବିଭାଗର ଅଧିକାରୀ ଗଣେଶ ଲେଙ୍କା ସଦଳ ବଳେ ରୂପସା।ରେ ପହଞ୍ଚି ଅଭିଯୁକ୍ତ କୁ ଗିରଫ କରିଥିଲେ।ବନ ବିଭାଗ କେଶ ନଂ ୩୩ ଜିଏଚ/ ୨୦୨୩-୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।ଶେଷରେ ଅଭିଯୁକ୍ତ ସଞ୍ଜୟର ଜାମିନି ନାକଚ ହେବା ପରେ ସେ ଜେଲ ହାଜତକୁ ଯାଇଛି।ଅନ୍ୟ ପକ୍ଷରେ ଏହି ଜୀବ ମାନଙ୍କୁ କୁଳଡିହା ଜଙ୍ଗଲରେ ଛାଡି ଦିଆଯାଇଛି।ପୂର୍ବରୁ ଏହିଭଳି ଶତାଧିକ କଇଁଛ ଟ୍ରେନରେ ଚୋର। ଚାଲାଣ ବେଳେ ଦୁଇ ଦୁଇ ଥର ଆସାମୀ ଧରା ପଡି ଜେଲ ଯାଇଥିବା ଉଲ୍ଲେଖନୀୟ।

## ଶିମିଳିପାଳରୁ ପୁଣି ଦୁଇ ଦେଶୀ ବନ୍ଧୁକ ଜବତ

ବାରିପଦା , ୨୫/୦୮ (ନି.ପ୍ର): ଶିମିଳିପାଳରେ ଦୁଇଜଣ କାର୍ଯ୍ୟରତ ବନ କର୍ମଚାରୀ ଙ୍କୁ ଶିକାରୀ ମାନେ ଗୁଳିକରି ହତ୍ୟା କରିବା ପରେ. ବନବିଭାଗ ଏବଂ ପୋଲିସ ବିଭାଗ ଶିମିଳିପାଳକୁ ଶିକାରୀମୁକ୍ତ କରିବାକୁ ମିଳିତ ଅପରେସନ ଚଳାଇଛନ୍ତି। ନିକଟ ଅତୀତରେ ମୟୁରଭଞ୍ଜ ଏସପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ସ୍ୱତନ୍ତ୍ର ଟିମ ଶିମିଳିପାଳ ପାଦ ଦେଶରେ ଚଢ଼ାଉ କରି ୧୬୫ରୁ ଅଧିକ ବେଆଇନ ବନ୍ଧୁକ ଜବଦ କରିଛି। ତେବେ ଆଜି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ର ଦକ୍ଷିଣ ଡିଭିଜନ ଅନ୍ତର୍ଗତ ପିଠାବଟା ନର୍ଥ ରେଞ୍ଜର ବନ କର୍ମଚାରୀ ମାନେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଜଙ୍ଗଲ ଭିତରେ ଲୁଚାଇ ରଖା ଯାଇଥିବା ୨ଟି ଦେଶିବନ୍ଧୁକ କୁ ଜବଦ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି।



## ଭୂମିହୀନଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ



ନୀଳଗିରି, ୨୫/୦୮ (ନି.ପ୍ର): ୨୩ ଜଣ ଭୂମିହୀନ ଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି । ଗତ ଜୁଲାଇ ମାସ ନୀଳଗିରି ବ୍ଲକ ପରିସରରେ କିଛି ଭୂମିହୀନ ଜିଲ୍ଲାପାଳଙ୍କ ଜନ ଶୁଣାଣୀ ଶିବିର ରେ ଅଭିଯୋଗ କରିଥିଲେ । ଏଥିରେ ନୀଳଗିରି ବ୍ଲକର ବଣସୀମା ଅଂଚଳର କିଛି ଭୂମିହୀନ ପଟ୍ଟା ପାଇବାରୁ ବଂଚିତ ଥାଇ ଜିଲ୍ଲାପାଳ ଙ୍କ ଠାରେ ଜଙ୍ଗଲ ଜମିର ପଟ୍ଟା ପାଇବା ପାଇଁ ନିବେଦନ କରିଥିଲେ । ଏଥିରେ ଜିଲ୍ଲାପାଳ ମହୋଦୟ ସମସ୍ୟା ଉପଲବ୍ଧି କରି ତୁରନ୍ତ ମାଗଣାରେ ଭୂମିହୀନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶୁକ୍ରବାର ନୀଳଗିରି ବ୍ଲକ ଅଧୀନ କେପି ଲାଖରାଜ ପଂଚାୟତର କେପି ମାହାଲ ଗ୍ରାମର ୨୩ ଜଣ ଭୂମି ହୀନଙ୍କୁ ବହୁବର୍ଷ ପୂର୍ବରୁ ଦଖଲ କରିଥିବା ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ନୀଳଗିରି ଏଡିଡବ୍ଲୁଓ ମାନସୀ ମାସାନ୍ତ ଏହି ୨୩ ଜଣ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରିଥିବା ବେଳେ କେପି ମାହାଲ ଗ୍ରାମ ୨ ନମ୍ବର ୱାର୍ଡ଼ ସଭ୍ୟା ଜୟନ୍ତୀ ସାମଲ ଏବଂ ସମସ୍ତ ହିତାଧିକାରୀ ଉପସ୍ଥିତ ରହି ନିଜ ନିଜର ପଟ୍ଟା ଗ୍ରହଣ କରିଥିଲେ ।

## କୁଆଖିଆ ଛକରୁ ଗଞ୍ଜେଇ ସହ କାର ଜବତ: ଜଣେ ଗିରଫ

ଧର୍ମଶାଳା, ୨୫/୦୮ (ନି.ପ୍ର): ଯାଜପୁର ଜିଲା ଅବକାରୀ ବିଭାଗକୁ ସଫଳତା । ଯାଜପୁର ଜିଲା କୁଆଖିଆ ଛକରୁ କୋଲକାତା ଗଞ୍ଜେଇ ଚାଲାଣ ହେଉ ଥିବା ଖବର ପାଇ ଚଢାଉ କରାଯାଇଥିଲା । ଏକ ହୋଣ୍ଡା ସିଟି କାର ଭିତରୁ ୫୦ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି । ଏବଂ ଏହି ଘଟଣାରେ ବ୍ୟବହୃତ କାର ସହ ଜଣକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ,କୁଆଖିଆ ଛକରୁ କୋଲକାତାକୁ ଗଞ୍ଜେଇ ଚାଲାଣ ହେଉଥିବା କୌଣସି ମତେ ଯାଜପୁର ଅବକାରୀ ଅଧିକ୍ଷକ ଅମରେନ୍ଦ୍ର ଜେନା ଖବର ପାଇ ସେଠାରେ ଚଢାଉ କରିବା ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୁଆଖିଆ ବସ୍ ଷ୍ଟାଣ୍ଡ ନିକଟରେ ସନ୍ଦେହରେ ଏକ ନାଲି ରଂଗର ହୋଣ୍ଡା ସିଟି କାର(ଡବ୍ଲୁବିଂ୦୬ଏ୭୮୭୫)କୁ ତଦନ୍ତ କରିଥିଲା ।


## ପାର୍କିଂ, ଦେୟ ଏବଂ ଟଏଲେଟ୍ ବ୍ୟବହାର ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ : (i) PARK- KGP-23-15, (ii) PnU- KGP-Toi23-3, ତାରିଖ: ୨୪.୦୮.୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ, ସିନିୟର ଡିଭିଜନାଲ ବାଣିଜ୍ୟିକ ପରିଚାଳକ, ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର ଡିଭିଜନ୍ ଚେଙ୍ଗେଲ ରେଳ ଷ୍ଟେସନ ପରିସରରେ ଦୁଇଟି ଚକିଆ ଯାନ ପାଇଁ ୦୧ (ଏକ) ପାର୍କିଂ ସ୍ଥାନ ପାଇଁ ଇ-ନିଲାମକୁ ଆମନ୍ତ୍ରଣ କରିଛି । ଦିଗା ରେଳ ଷ୍ଟେସନ ପରିସରରେ ଦେୟ ଏବଂ ବ୍ୟବହାର ଟଏଲେଟ୍ ଲଟ୍ ୩ (ତିନି) ବର୍ଷ ପାଇଁ ଯାହା ୱେବସାଇଟ୍ https://www.ireps.gov.in ରେ ସୂଚିତ କରାଯାଇଛି।


| ବର୍ଗ | କାଟାଲଗ୍ ନଂ | ଲଟ୍‌ର ନଂ | ନିଲାମର ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ବନ୍ଦ ସମୟ |
|---|---|---|---|---|---|
| ଦୁଇଟି ଚକିଆ ଯାନ ପାଇଁ ପାର୍କିଂ ସ୍ଥାନ | ପାର୍କ-କେଜିପି -୨୩-୧୫ | ୦୧ | ୧୧.୦୯.୨୩ | ୧୧.୧୫ ଘଣ୍ଟା | ୧୧.୪୫ ଘଣ୍ଟା |
| ଦେୟ ଏବଂ ଶୌଚାଳୟ ବ୍ୟବହାର | ପିଏନୟୁ-କେଜିପି - ଟିଓଆଇ୨୩-୩ | ୦୧ | ୧୧.୦୯.୨୩ | ୧୨.୦୦ ଘଣ୍ଟା | ୧୨.୩୦ ଘଣ୍ଟା |

ଇ-ନିଲାମ ବିଜ୍ଞପ୍ତିର ସବିଶେଷ ତଥ୍ୟ ପାଇଁ ଉପରୋକ୍ତ ପରି ୱେବସାଇଟ୍ ମାଧ୍ୟମରେ ଇଚ୍ଛୁକ ପକ୍ଷ ଏବଂ କଣ୍ଟ୍ରାକ୍ଟରମାନେ ଅନୁସନ୍ଧାନ / ସ୍ପଷ୍ଟୀକରଣ ପାଇଁ, ଯଦି କିଛି ଅଛି, ଦୟାକରି ନିମ୍ନ ସ୍ୱାକ୍ଷରକାରୀ ହୋଇଥିବା କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-546) ସିନିୟର ବାଣିଜ୍ୟିକ ପରିଚାଳକ / ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହସି ହସି ଆପଣଙ୍କ ସେବାରେ


## ରାଇରଙ୍ଗପୁରରେ ମୟୂରଭଞ୍ଜ ବନ୍ଦର ପ୍ରଭାବ



ବାରିପଦା , ୨୫/୦୮ (ନି.ପ୍ର): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ବାସୀଙ୍କ ବିକାଶ ନିମନ୍ତେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ୧୫ ଦଫା ଦାବୀରେ୨୪ ଘଣ୍ଟିଆ ମୟୁରଭଞ୍ଜ ବନ୍ଦ ଡାକରା ଦିଆଯାଇଥିଲା । ଉକ୍ତ ବନ୍ଦ ଡାକରା ମୟୂରଭଞ୍ଜ ଜିଲ୍ଲା ରେ ଶାନ୍ତି ପୂର୍ଣ୍ଣ ଭାବରେ ସଫଳ ହୋଇଛି ବୋଲି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ସନାତନ ମୁଣ୍ଡା ପ୍ରକାଶ କରିଛନ୍ତି । ବିଶେଷ ଭାବରେ ପଶ୍ଚିମ ମୟୁରଭଞ୍ଜ ସଂଗଠନିକ ଜିଲ୍ଲାର ବିଶୋଇ, ବିଜାତଳା, କୁସୁମୀ, ଜାମଦା, ତିରିଂ, ବହଲଦା ବ୍ଲକ ଏବଂ ରାଇରଙ୍ଗପୁର ପୌର ପରିଷଦରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଜେଏମଏମ ରାଜ୍ୟ ସଭାପତି ଅଂଜନୀ ସୋରେନ ଏହି ବନ୍ଦ ମୟୁରଭଞ୍ଜ ଜିଲ୍ଲାର ଆଦିବାସୀ ମାନଙ୍କ ହକ ଅଧିକାର ସମ୍ପର୍କରେ ସରକାରଙ୍କୁ ସୁଚାଇଦେବା ପାଇଁ କରାଯାଇଛି ବୋଲି କହିବା ସହିତ ଜରୁରୀକାଳୀନ ସେବା ଗୁଡିକୁ ବନ୍ଦରୁ ବାଦ ଦିଆଯାଇଥିଲା। ବନ୍ଦର ପ୍ରଭାବରେ ଗାଡିମଟର ଦୋକାନବଜାର ସ୍କୁଲ କଲେଜ ଆଦି ବନ୍ଦ ରହିଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଏହି ବନ୍ଦ ଡ଼ାକରାରେ ସାଲଖାନ ହେମ୍ରମ, ଲକ୍ଷଣ ମୁର୍ମୁ, ଡାକ୍ତର ଟୁଡୁ, ଛଟରାଇ ମୁର୍ମୁ, ବଢୁନ ମୁର୍ମୁ, ବଗାଇ ସରେନ, ମେଘରାଇ ନାୟକ, ସୁନାରାମ ମୁର୍ମୁ, ମୁନିରାମ ବାସ୍କେ ପ୍ରମୁଖ ବହୁ କର୍ମୀ ଏବଂ କର୍ମକର୍ତ୍ତା ପିକେଟିଂ କରି ବନ୍ଦରେ ସାମିଲ ହେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଜବରଦଖଲ ବିରୋଧରେ ଉପଜିଲ୍ଲାପାଳଙ୍କଠାରେ ଫେରାଦ ହେଲେ ଗ୍ରାମବାସୀ



ନୀଳଗିରି, ୨୫/୦୮ (ନି.ପ୍ର): ନୀଳଗିରି ବ୍ଲକ୍ ଗରଡିହି ପଞ୍ଚାୟତ ସିଆରିମାଳ ଗ୍ରାମରେ ବସବାସ କରୁଥିବା ଆଦିବାସୀ ସଂପ୍ରଦାୟ ଲୋକଙ୍କ ମନରେ ଭୟଦେଖାଇ କିଛି ବାହାର ଗ୍ରାମର ବ୍ୟକ୍ତି ଜୋର୍ ଜବରଦସ୍ତ ସରକାରୀ ଓ ଜଙ୍ଗଲ ଜମିକୁ ଜବରଦଖଲ କରିଥିବା ନେଇ ଆଜି ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଖାତା ନମ୍ବର ୭୯ରେ ୧୦୬ ନଂ ପ୍ଲଟରେ ସିଆରିମାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ ଥିବାବେଳେ ୧୦୭ପ୍ଲଟ ରେ ଗ୍ରାମ୍ୟ ଜଙ୍ଗଲ ଏବଂ ୧୦୮ପ୍ଲଟରେ ମେଳଣ ପଡିଆ ରହିଛି। ମାତ୍ର ଉପରୋକ୍ତ ସମସ୍ତ ଜାଗା ସରକାରୀ ଜାଗା ହୋଇଥିବାରୁ କିଛି ବାହାରର ପ୍ରତିପତ୍ତିଶାଳି ଲୋକ ଉକ୍ତ ଜାଗାକୁ ଜବର ଦଖଲ କରିଥିବା ଏବଂ ମିଥ୍ୟା ମୋକଦ୍ଦମା କରି ପୋଲିସର ଧମକ ଚମକ ଦେଉଥିବା ନେଇ ଗ୍ରାମବାସୀ ମାନେ ଉପଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ ଗ୍ରାମରେ ଥିବା ସରକାରୀ ସମ୍ପତି ସୁରକ୍ଷା ପାଇଁ କଂଗ୍ରେସ ନେତା ଅକ୍ଷୟ ଆଚାର୍ଯ୍ୟ, ଯଶୋଦା ନନ୍ଦନ ସିଂହ ସମେତ ଅଭିରାମ ସିଂ, ଜନାର୍ଦ୍ଦନ ସିଂ, ଶରତ ସିଂ, ସୁରେନ୍ଦ୍ର ସିଂ, ମଙ୍ଗଳୁ ସିଂ, ଚନ୍ଦ୍ର ମୋହନ ସିଂ, ଯୋଗେନ୍ଦ୍ର ସିଂ, ସୀତାରାମ ସିଂ, ସାବିତ୍ରୀ ସିଂ, କଟିମଣି ସିଂ, ମଧୁସୂଦନ ସିଂ, ମୁନି ସିଂ, ସଦନ ସିଂ, ସଞ୍ଜୟ ସିଂ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରଛନ୍ତି।

# ରାସ୍ତା କଡ଼ରେ ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର



ଲଙ୍ଗଳେଶ୍ୱର ୨୫/୮(ନିପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ବଜାର ଠାରୁ ମାନ୍ଧାତା ବଜାର କୁ ସଂଯୋଗ କରୁଥିବା ପାର୍ବତୀ ସେତୁ ନିକଟରେ ଏକ ବିପଦପୂର୍ଣ୍ଣ ଟ୍ରାନ୍ସଫରର୍ମାର ରହିଛି। ମାତ୍ର ଟାଟା ପାୱାର ବିଦ୍ୟୁତ ଷ୍ଟକଚର ଠାରୁ ୧ କିଲୋମିଟର ଦୂରରେ ରହିଛି ଏହି ବିପଦପୂର୍ଣ୍ଣ ଟ୍ରାନ୍ସଫରର୍ମାର ଏହି ଷ୍ଟକଚର ରେ ଜଣେ ଜେଇ ସମେତ ଲାଇନ୍ ମ୍ୟାନ ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅଞ୍ଚଳରେ ଏହି ରାସ୍ତାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଦୀର୍ଘ ବର୍ଷ ହେଲା ଏହା ଉପରେ ବିଦ୍ୟୁତ ବିଭାଗର ଅଧିକାରୀ ମାନଙ୍କ ଦୃଷ୍ଟି କୁ ଆସୁନାହିଁ କାହିଁକି। ଦୁର୍ଘଟଣା ଘଟିଲେ ଚେତିବକୀ ବିଦ୍ୟୁତ ବିଭାଗ।ଲୋକଙ୍କ ଧନଜୀବନ ସହିତ ଖେଳୁଛନ୍ତି ବିଭାଗ। ବିଭିନ୍ନ ସମୟରେ ମୁକୁଳାଟ୍ରାନ୍ସଫରର୍ମାର ପାଇଁ ଲୋକଙ୍କ ବହୁ ଧନଜୀବନ ନଷ୍ଟ ହୋଉଛି। ତୁରନ୍ତ ମୁକୋଲା ଟ୍ରାନ୍ସଫରର୍ମାର କୁ ସୁରକ୍ଷା ପାଚେରୀ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

# ସରକାରୀ ଅର୍ଥ ହଡ଼ପ ମହଙ୍ଗା ପଡ଼ିଲା: ବହିଷ୍କୃତ ହେଲେ ସରକାରୀ ଓକିଲ



ବାଲେଶ୍ୱର, ୨୫/୦୮ (ନି.ପ୍ର): ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ବିଜେଡି ଉପସଭାପତି ତଥା ଅତିରିକ୍ତ ସରକାରୀ ଓକିଲ ଭୁବନାନନ୍ଦ ଦାସଙ୍କୁ ଆଜି ରାଜ୍ୟ ସରକାର ବହିଷ୍କାର କରିଛନ୍ତି। ପ୍ରକାଶ ଥାଉ କି ସରକାରୀ ମାମଲା ପରିଚାଳନାରେ ଚଞ୍ଚକତା କରି ଶ୍ରୀ ଦାସ ଲକ୍ଷାଧିକ ଟଙ୍କା ନେଇଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପ୍ରଧାନ ଅଭିଯୋଗ କରିଥିଲେ। ୨୦୨୦ ଜାନୁଆରୀ ୪ ତାରିଖରେ ଆଇନଜୀବୀ ଶ୍ରୀ ପ୍ରଧାନ ଏ ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ଓ ଆଇନ ବିଭାଗ ସଚିବଙ୍କୁ ଚିଠି ଲେଖି ତଥ୍ୟ ପ୍ରମାଣ ସହ ଅବଗତ କରାଇଥିଲେ ସୁଦ୍ଧା ଶ୍ରୀ ଦାସଙ୍କୁ ସବୁ ସ୍ତରରେ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରାଯାଇଥିଲା। ଏମିତିକି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସିଏମ୍ଓ ରୁ ଏହି ମାମଲାର ତଦନ୍ତ ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କ ପାଖକୁ ଆସିଥିବା ଚିଠିକୁ ଜାଣିଶୁଣି ୪ମାସ ଚାପି ଦିଆଯାଇଥିଲା। ଏହି ମାମଲାରେ ଶ୍ରୀ ପ୍ରଧାନ ହାଇକୋର୍ଟଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଭିଜିଲାନ୍ସ କେଶ ନମ୍ବର ୨୫/୨୦ରେ ସରକାରୀ ଓକିଲ ଶ୍ରୀ ଦାସଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି। ତେବେ ବିଳମ୍ବରେ ହେଲେ ମଧ୍ୟ ଆଇନ ବିଭାଗ ଆଜି (ପତ୍ରସଂଖ୍ୟା ୮୪୫୭/୨୫.୦୮.୨୦୨୧) ରେ ଶ୍ରୀ ଦାସଙ୍କୁ ତାଙ୍କ ପଦରୁ ବହିଷ୍କାର କରିଥିବା ସୂଚନା ମିଳିଛି। ଏ ନେଇ ଆଇନଜୀବୀ ଶ୍ରୀ ପ୍ରଧାନ ନିଜ ପ୍ରତିକ୍ରିୟାରେ ଆଇନ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି ଏବଂ ହଡ଼ପ ହୋଇଥିବା ସରକାରୀ ଅର୍ଥକୁ ଫେରାଇ ଆଣିବା ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି।

# ୩୧୦ ଗ୍ରାମ ବ୍ରାଉନସୁଗର ସମେତ ପଲସର ଜବତ: ୨ ଗିରଫ



ଖୋର୍ଦ୍ଧା, ୨୫/୦୮ (ନି.ପ୍ର): ଗୁରୁଜଙ୍ଗ ଗିନିଫ୍ୟାକ୍ଟ୍ରି ନିକଟରେ ଚଢଉ କରି ଆଦର୍ଶ ଥାନା ପୁଲିସ ୨ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ପୁରୀ ଜିଲ୍ଲା ଦାନଗହୀର ବଡମସଜିଦ ଅଂଚଳର ମହମ୍ମଦ ରହିମ(୨୭) ଏବଂ ପଶ୍ଚିମବଙ୍ଗ ଦକ୍ଷିଣ ୨୪ପ୍ରଗଣାସ ବରେଇପୁର ଥାନା ଅନ୍ତର୍ଗତ ମଲ୍ଲିପୁର ର ଅସିଫ ଖାନ (୩୮)। ସେମାନଙ୍କଠାରୁ ୩୧୦ ଗ୍ରାମ ବ୍ରାଉନ ସୁଗାର ଯାହାର କି ମୂଲ୍ୟ ୩୧ ଲକ୍ଷ ଟଙ୍କା ହେବ ଜବତ କରାଯାଇଛି। ସେମାନଙ୍କଠାରୁ ଏକ କଳା ରଙ୍ଗର ପଲସର ମଟରସାଇକେଲ, ମଧ୍ୟ ଜବତ କରାଯାଇଛି। ପ୍ରକାଶଥାଉକି ଗୁରୁଜଙ୍ଗ ଗିନିଫ୍ୟାକ୍ଟ୍ରି ନିକଟରେ ବେପାର ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଏସପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ଦିଲୀପ କୁମାର ଦାସ ଓ ଆର୍ଦଶ ଥାନା ଭାରପ୍ରାପ୍ତ ଅଧିକାରୀ ତାରିକ ଅହମଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଏହି ଦୁଇଜଣ ଅଭିଯୁକ୍ତ ବ୍ରାଉନ ସୁଗାର ଆଣୁଥିବା ସମୟରେ ଗିନି ଫ୍ୟାକ୍ଟ୍ରି ରାସ୍ତାରେ ସେମାନଙ୍କୁ ପୁଲିସ ଧରିଥିଲା। ଏହି ଚଢାଉ ଟିମରେ ପୁଲିସ ସବଇନସପେକ୍ଟର ସ୍ୱାଗତିକା ଦାସ, ଏଏସଆଇ ଏସ କେ ସାହୁ, ହାବିଲଦାର ଅଭିରାମ ସାମନ୍ତରାୟ, କନେଷ୍ଟବଳ କାନନବାଳା ଦାସ, ଓ ଶିବ ହନ୍ତାଳ ପ୍ରମୁଖ ସାମିଲ ଥିଲେ। ପୁଲିସ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛି। ତେବେ ଖୋର୍ଦ୍ଧା ଆର୍ଦଶ ଥାନା ଗତ ୨୦୨୨ ମସିହାରେ ଖୋର୍ଦ୍ଧା ମୋଟ ୮୮ଜଣ ଅଭିଯୁକ୍ତଙ୍କୁ ବ୍ରାଉନ ସୁଗାର କାରବାରରେ ଗିରଫ କରିଥିବାବେଳେ ମୋଟ ୬୭ଟି ମକଦ୍ଦମା ରୁଜୁ କରିଥିବା ଜଣାଯାଇଛି। ଆଜି ଏ ସଂକ୍ରାନ୍ତରେ ପୁଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏଥିରେ ଖୋର୍ଦ୍ଧା ଏସଡିପିଓ ଦିଲୀପ କୁମାର ଦାସ, ଓ ଭାରପ୍ରାପ୍ତ ଅଧିକାରୀ ତାରିକ ଅହମଦ ଉପସ୍ଥିତ ଥିଲେ।

## ଉତରାଖଣ୍ଡରେ ୨୭ ତାରିଖ ପର୍ଯ୍ୟନ୍ତ ୟେଲୋ ୱାର୍ଣ୍ଣିଂ ଜାରି

ଡେରାଡୁନ, ୨୫/୦୮: ଉତରାଖଣ୍ଡରେ ଜାରି ରହିଥିବା ଲଗାଣ ବର୍ଷାରୁ ଲୋକଙ୍କୁ ଏବେ ତୁରନ୍ତ ଆଶ୍ୱସ୍ତି ମିଳିବନି। ପାଣିପାଗ ବିଭାଗ ୨୭ ଅଗଷ୍ଟ ପର୍ଯ୍ୟନ୍ତ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ବର୍ଷା ସହିତ ବଜ୍ରପାତ ନେଇ ମଧ୍ୟ ଚେତାବନୀ ଜାରି କରିଛି। ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ନଦୀ ନାଳ ଗୁଡିକରେ ଜଳ ସ୍ତର ବୃଦ୍ଧି ପାଇଛି। ରାଜ୍ୟରେ ୪ ଜାତୀୟ ରାଜପଥ ସମେତ ୧୭୦ ରାସ୍ତା ବନ୍ଦ ରହିଛି। ଶୁକ୍ରବାର ସକାଳେ ଡେରାଡୁନ ସମେତ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ଖୋଲା ରହିଛି। କିଛି ସ୍ଥାନରେ ହାଲୁକା ବର୍ଷା ହୋଇଛି।

# ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ପ୍ରତି ଅବିଚାର



ବାଲେଶ୍ୱର, ୨୫/୦୮ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗରୁ ଅବସର ନେଇ ସାରିଥିବା ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବିଚାର ସମ୍ପ୍ରତି ଆଲୋଚନାର ବିଷୟ ହୋଇଛି। ଉଲ୍ଲେଖନୀୟ ଯେ, ଗତ ଜୁନ ୩୦ ତାରିଖଦିନ ପ୍ରଫେସର ମେହେର ଅବସର ଗ୍ରହଣ କରିବା ସମୟରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏହି ବିଶ୍ୱବିଦ୍ୟାଳୟ ପ୍ରଫେସର ମେହେରଙ୍କୁ ସମ୍ମାନଜନକ ପଦବୀରେ ପୁନର୍ବାର ନିଯୁକ୍ତି ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଶ୍ୱବିଦ୍ୟାଳୟ ପ୍ରତି ସାମାନ୍ୟତମ ଅବଦାନ ନଥିବା ଅନ୍ୟ ଜଣେ ପ୍ରଫେସରଙ୍କୁ ନିଯୁକ୍ତି ଦେଇ ସେ ସ୍ୱଭାବକବିଙ୍କ ପରିବାରବର୍ଗ, ମେହେର ସାରଙ୍କ ସ୍ନେହ-ବନ୍ଧନରେ ବାନ୍ଧି ହୋଇଥିବା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବାଲେଶ୍ୱରର ବୁଦ୍ଧିଜୀବୀ, ସାହିତ୍ୟିକ ମଣ୍ଡଳୀ ସମସ୍ତଙ୍କୁ ନିରାଶ କରିଦେଇଛନ୍ତି। ଫକୀରମୋହନଙ୍କ ମାଟିରୁ ଗଙ୍ଗାଧରଙ୍କ ପରିବାରବର୍ଗ ଏପରି ଭାବରେ ଏକପ୍ରକାର ବିତାଡିତ ହେବାରେ ସମସ୍ତେ ମର୍ମାହତ ହେବା ସଂଗେସଂଗେ ଏହାକୁ ଏକ ଦୁର୍ଭାଗ୍ୟଜନକ ଘଟଣା ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରଫେସର ମେହେରଙ୍କ ପରି ସମଗ୍ର ଓଡ଼ିଶାର ଜଣେ ଆଦରଣୀୟ ବ୍ୟକ୍ତିତ୍ୱଙ୍କ ପ୍ରତି କୁଳପତିଙ୍କ ମାନବିକତା-ପରିପନ୍ଥୀ ଅନୁଦାର ବ୍ୟବହାର ପ୍ରଦର୍ଶନ ସମସ୍ତଙ୍କୁ ଚକିତ ଓ ବ୍ୟଥିତ କରିଛି।

# ଜଳକାରେ ବଢି: ବିପଦ ସଂକେତ ଉର୍ଦ୍ଧ୍ୱରେ ବନ୍ୟା ସ୍ରୋତ

ବସ୍ତା, ୨୫/୦୮ (ନି.ପ୍ର): ବସ୍ତା, ସଦର ଓ ବାଲିଆପାଳ ବ୍ଲକ ଦେଇ ପ୍ରବାହିତ ଜଳକା ନଦୀରେ ୨ୟ ଥର ବନ୍ୟା ହୋଇଛି ଉପରମୁଣ୍ଡ ମୟୁରଭଞ୍ଜ ର କୁଳିଅନା,ଶୁଳିଆ ପଦା, ମୋରୁଡ଼ା, ରାସଗୋବିନ୍ଦପୁର ଅବିଶ୍ରାନ୍ତ ବର୍ଷା ଓ ତଳଶଯ୍ୟାରେ ପ୍ରବଳ ବର୍ଷା ଯୋଗୁଁ ଜଳକା ରେ ବନ୍ୟା ଆସି ବିପଦ ସଂକେତ ଉର୍ଦ୍ଧ୍ୱ ରେ ବନ୍ୟା ସ୍ରୋତ ଛୁଟୁଛି। ଏହି ନଦୀର ବିପଦ ସଂକେତ ୫.୫୦ ମିଟର ଥିବା ବେଳେ ଆଜି ସନ୍ଧ୍ୟା ୭ ସୁଦ୍ଧା ୬ ମିଟରରେ ଜଳ ପଡନ ରହିଛି।କୂଳ ଲଙ୍ଘି ବନ୍ୟା ସ୍ରୋତ ଛୁଟୁଛି। ନଦୀ ଉଛୁଳି ବଢି ପାଣି ବିଲ ବାଡିକୁ ମାଡି ଯାଉଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି କ୍ଷୟ କ୍ଷତି ଘଟି ନ ଥିବା ସୂଚନା ମିଳିଛି। ଆଜି ସକାଳ ୭ ରେ ବନ୍ୟା ଜଳ ବିପଦ ସଂକେତ ପାର ହୋଇ ଧୀରେ ଧୀରେ ବୃଦ୍ଧି ପାଇ ସନ୍ଧ୍ୟା ୫ ବେଳକୁ ଏହା ୬ ମିଟରରେ ପହଞ୍ଚି ଥିଲା। ଏପର୍ଯ୍ୟନ୍ତ ତାହା ସ୍ଥିର ରହିଛି। ଏହାପରେ ବନ୍ୟା କମିପରେ ବୋଲି ଅନୁମାନ କରାଯାଉଛି।

# ଖଇରା ପଞ୍ଚାୟତ ସମିତିର ୭ମ ଅଧିବେସନ

## ଜିଆରଏସଙ୍କ କାର୍ଯ୍ୟ ଶୈଳୀକୁ ନେଇ ଗୃହରେ ଅସନ୍ତୋଷ



ଖଇରା, ୨୫/୦୮ (ନି.ପ୍ର): ଖଇରା ପଞ୍ଚାୟତ ସମିତି ୭ମ ଅଧିବେସନ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଆଲୋଚନା ଆରମ୍ଭରେ ବିଧାୟକ ହସ୍ତକ୍ଷେପ କରି ବୈଠକ ପାଇଁ ବିଦ୍ଧିବଦ୍ଧ ଭାବେ ଅବଗତ କରାନଯିବା ଗୃହର ମର୍ଯ୍ୟାଦା ଭଙ୍ଗ ବୋଲି କହିଥିଲେ। ଖାଦ୍ୟ ଓ ଯୋଗାଣ ବିଭାଗ, ଏମଜିଏନଆରଇଜିଏସ, ସାମାଜିକ ସୁରକ୍ଷା,ମିଶନ ଶକ୍ତି ଆଦି ବିଷୟରେ ଆଲୋଚନା କରାଯାଇଥିଲା। ତେବେ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ(ଜିଆରଏସ) ମାନଙ୍କ ପାଇଁ କେବଳ ଏନଆରଜିଏସ ନୁହେଁ ପ୍ରାୟ ପ୍ରତ୍ୟେକ ଯୋଜନା ଠିକ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏଣୁ ଅର୍ଦ୍ଧଧିକ ଲୋକ ପ୍ରତିନିଧି ସେମାନଙ୍କର ବଦଳୀ ଦାବୀ କରିଥିଲେ। ବିଡିଓ ଉତ୍ତମ କୁମାର ଏଥିରେ ସମ୍ମତି ପ୍ରକାଶ କରିଥିଲେ। ବର୍ତ୍ତମାନ ବିଭିନ୍ନ ପଞ୍ଚାୟତରେ ରିଟେଲର ମାନଙ୍କୁ ଏକାଧିକ କେନ୍ଦ୍ରର ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ବାଉଁଶଗଡିଆର ବଗେଇପୁର ଭଳି ବହୁ ଗ୍ରାମବାସୀ ଦୁରଦୁରାନ୍ତରୁ ରେସନ ଆଣିବା ସମ୍ଭବ ହୋଇ ପାରୁନାହିଁ। ଏଣୁ କାଲି ସ୍ଥାନ ଗୁଡିକର ରେସନ ବଣ୍ଟନ ଦାୟିତ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକୁ ଦେବାକୁ ସରପଞ୍ଚ ଓ ସମିତିସଭ୍ୟ ମାନେ ଜୋର ଦେଇଥିଲେ। ଅନେକ ଗୁଡିଏ ପଞ୍ଚାୟତସ୍ତରୀୟ ମହାସଂଘର ସଭାପତି ସମ୍ପାଦିକାଙ୍କ କାର୍ଯ୍ୟକାଳ ପୁରି ଯାଇଥିବାରୁ ଏଗୁଡିକର ପୁନର୍ଗଠନ ପାଇଁ ଦାବୀ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ସାମଗ୍ରୀ ସିଧାସଳଖ ବାଲେଶ୍ୱରରୁ ଡିଲର ପଏଣ୍ଟକୁ ଯିବାର ନିୟମ ଥିବା ବେଳେ ରାସ୍ତା ମଝିରେ ଏକ ଗୋଦାମ ଭିତରେ କଣ ପାଇଁ ଏହାକୁ ବଦଳାଇ ଲୋକମାନଙ୍କୁ ନିମ୍ନମାନର ଚାଉଳ ଦିଆଯାଉଛି ବୋଲି ୫ନମ୍ବର ଜୋନ ଜିଲାପରିଷଦ ପ୍ରଶ୍ନ ଉଠାଇବା ସହ ବିଡିଓ ଓ ଏମଆଇଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତନା ସେକ୍ଟର ଅଙ୍ଗନୱାଡି ସୁପରଭାଇଜରକୁ ହରିପୁର ସେକ୍ଟରକୁ ବଦଳି କରାଯିବା ପରେ ଏହାକୁ ଦିର୍ଘଦିନ ଧରି କାର୍ଯ୍ୟକ୍ଷମ କରାନଯିବା ନେଇ ଗୃହରେ ଅସନ୍ତୋଷ ପ୍ରକାଶ ପାଇବା ପରେ ସିଡିପିଓ ନଳିନୀ ମହାରଣା ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବାକୁ ପ୍ରତିଶୃତି ଦେଇଥିଲେ। ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା,ତହସିଲଦାର ପ୍ରଶାନ୍ତ ମହାରଣା, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ମାନସ କୁମାର, ସଭ୍ୟା ରଶ୍ମିତା ମହାପାତ୍ର, ସୁଷମା ମହାପାତ୍ର, ଓଏଲଏମ ସଂଯୋଜକ ନିହାର ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁସାଥୀ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ



ଭଦ୍ରକ, ୨୫/୦୮ (ନି.ପ୍ର): ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧକ୍ଷତାରେ ପୂର୍ବାହ୍ନରେ ସୀତାରାମ କଲ୍ୟାଣ ମଣ୍ଡପରେ ଭଦ୍ରକ ଜିଲ୍ଲା କମିଟି ତରଫରୁ ସଂଘର ରାଜ୍ୟ ଆନ୍ଦୋଳନ ପାଇଁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ତା'ପରେ ସଂଘର ଏକ ୧୮ଜଣିଆ ପ୍ରତିନିଧି ଦଳ ଭଦ୍ରକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଯାଇ ସେଠାରେ ନବ ନିଯୁକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଭଦ୍ରକ ସରୋଜ କୁମାର ଦତ୍ତଙ୍କୁ ଭେଟିବା ସହିତ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶ୍ରୀଯୁକ୍ତ ଦତ୍ତଙ୍କୁ ସ୍ମୃତି ଫଳକ, ଉତ୍ତରୀୟ, ପୁଷ୍ପଗୁଚ୍ଛ, ବୃକ୍ଷ ଚାରା ଅର୍ପଣ କରି ସ୍ୱାଗତ ଜଣାଇବା ସହିତ ଗାଁସାଥୀ (ମେଟ୍) ସଂଘର ବିଭିନ୍ନ ସମସ୍ୟା ଓ ଦାବି ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଗାଁସାଥୀମାନଙ୍କ ମାସିକ ପ୍ରୋତ୍ସାହନ ରାଶିକୁ ୧୦ ହଜାର ଟଙ୍କାରୁ ଅଧିକ କରାଯିବା, ଭଦ୍ରକ ଜିଲ୍ଲାରେ ଗାଁସାଥୀମାନଙ୍କର ପଡ଼ି ରହିଥିବା ବକେୟା ପ୍ରାପ୍ୟ ପ୍ରଦାନ କରାଯିବାରେ ପ୍ରଶାସନିକ ସହଯୋଗ ଲୋଡ଼ାଯାଇଥିଲା। ଏହି ମର୍ମରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଶ୍ରୀ ବିଶ୍ୱାଳଙ୍କ ସହିତ ଭଦ୍ରକ ଜିଲ୍ଲା ସମ୍ପାଦକ ମନୋଜ ପାଢ଼ୀ, ରବୀନ୍ଦ୍ର ମାଝୀ, ନରେନ୍ଦ୍ର ସାମଲ, ସୁଚୀସ୍ମିତା ପଣ୍ଡା, ନିର୍ମଳା ମଣ୍ଡଳ, କନକଲତା ଦାସ, ଦମୟନ୍ତୀ ଧଳ, ଅମରେନ୍ଦ୍ର ମହାଳିକ, କମଳାକାନ୍ତ ରାଉତ, ପଦ୍ମନାଭ ଜେନା, ସଂଯୁକ୍ତା ବିଶ୍ୱାଳ, ମୀନକେତନ ପତି ଅକ୍ଷୟ କୁମାର ଜେନା, ଅର୍ଜୁନ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

# ଧର୍ମଶାଳା ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଧର୍ମଶାଳା, ୨୫/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦ୍ୱାରା ଆଜି ବିଭିନ୍ନ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ପଟୁଣିଆ ପଂଚାୟତ ଶଙ୍ଖ ନିକଟରେ ଶଗଡିଆ ନାଳ ଉପରେ ବିଜୁ ସେତୁର ଶୁଭ ଉଦଘାଟନ କରିବା ସହ ଉଦୟବଟ ଉଚ୍ଚ ବିଦ୍ୟାଳୟର ନୂତନ ଗୃହ, କୃଷି ସମବାୟ ସମିତି ଗୃହ ଓ ପଂଚାୟତର ନୂତନ ଗୃହ ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୧୫ ନଂ ଜୋନ ଜିଲା ପରିଷଦ ଚକ୍ରଧର ବେହେରା,୧୪ ନଂ ଜୋନ ଜିଲା ପରିଷଦ ଜଳଧର ମହାନ୍ତି,ପଟୁଣିଆ ସରପଂଚ ବୈଶାଳୀ ରାଉତ,ସମିତିସଭ୍ୟ ଦିପ୍ତୀ ରଂଜନ ସାମଲ,ପୂର୍ବତନ ସରପଂଚ କେଦାର ଗନ୍ତାୟତ,କଂଟିଗଡିଆ ସମିତିସଭ୍ୟ ଅରୂପାନନ୍ଦ ଜେନାଙ୍କ ସମେତ ସ୍ଥାନୀୟ ମୁରବୀ ଓ ନେତୃ ମଣ୍ଡଳୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଫସଲ ବିବିଧକରଣ ସଚେତନତା ରଥ ଉଦ୍‌ଘାଟିତ

ବାରିପଦା, ୨୫/୦୮ (ନି.ପ୍ର): ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଫସଲ ବିବିଧକରଣ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତରୁଣ କୁମାର ଛୋଟରାୟ ଉଦ୍ଘାଟନ କରିଛନ୍ତି। ଏହି ରଥ ବୃହତ ଉଠାଜଳସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ୬ଟି କ୍ଲଷ୍ଟର ଅନ୍ତର୍ଭୁକ୍ତ ୮ ଟି ବ୍ଲକ ଯଥା ବାଙ୍ଗିରିପୋଷି, ସାରସକଣା, ବଡ଼ସାହି, ଉଦଳା, କପ୍ତିପଦା, ଖୁଣ୍ଟା, ଶୁକ୍ରୁଳି ଏବଂ ଜାମଦାର ଚାଷୀ ମାନଙ୍କୁ ଉଚ୍ଚ ଓ ମଧ୍ୟମ କିଷମ ଜମିରେ ଧାନ ଚାଷ ନକରି ଅଣଧାନ ଚାଷକୁ ପ୍ରୋତ୍ସାହନର ବାର୍ତ୍ତା ପହଞ୍ଚାଇବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ୟାନ କୃଷିଉପନିର୍ଦ୍ଦେଶକ ଟଙ୍କଧର କାଲୋ, ସହକାରୀ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ସ୍ୱାଇଁ, ସହକାରୀ କୃଷି ଉପନିର୍ଦ୍ଦେଶକ ମଧୁସ୍ମିତା ଜେନା, ଯୋଜନା ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo